

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୦୫ ଅଗଷ୍ଟ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 05 August 2025
Vol.No. 36 ■ No.205 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ଜମ୍ମୁ-କଶ୍ମୀରକୁ ମିଳିବ ରାଜ୍ୟ ମାନ୍ୟତା: ବିଲ ଆଣିବେ ସରକାର !

ନୂଆଦିଲ୍ଲୀ,୪/୮ : ୨୦୧୯ରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ଦୁଇ ଭାଗରେ ବିଭକ୍ତ କରି ଲଦାଖକୁ ଅଲଗା କରି ଦେଇଥିଲେ। ଜମ୍ମୁ-କଶ୍ମୀର ଓ ଲଦାଖ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳରେ ପରିଣତ ହୋଇଥିଲେ। କିନ୍ତୁ ଏବେ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ମିଳିବାର ଚର୍ଚ୍ଚା ଆରମ୍ଭ ହୋଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଭେଟିବା ପରେ ଏପରି ଚର୍ଚ୍ଚା ଆରମ୍ଭ ହୋଇଛି। ଏହାବାଦ ଜମ୍ମୁ-କଶ୍ମୀରର ବିଜେପି ମୁଖ୍ୟଙ୍କ ସମେତ ବିଭିନ୍ନ ନେତାଙ୍କ ସହ ଅମିତ ଶାହ ବୈଠକ କରିଛନ୍ତି। ମଙ୍ଗଳବାର ପ୍ରଧାନମନ୍ତ୍ରୀ ମୋଦି ବିଜେପି ନେତୃତ୍ୱାଧୀନ ଏନଡିଏ ସାଂସଦମାନଙ୍କ ବୈଠକ ଡାକିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ କିଛି ବୈଠକ କରିବାର ଖବର ମିଳିଛି। ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ଅଗଷ୍ଟ ୫ ତାରିଖ ୨୦୧୯ରେ ହୋଇଥିଲା। ଏହାକୁ ଆସନ୍ତାକାଲି ୬ ବର୍ଷ ପୂରିବାକୁ ଯାଉଛି। ତା' ପୂର୍ବରୁ ଏପରି ଘନଘନ ବୈଠକ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ମିଳିବା ଚର୍ଚ୍ଚାକୁ ଆହୁରି ବଢ଼ାଇ ଦେଇଛି। ମୌସୁମୀ ଅଧିବେଶନ ଏବେ ଚାଲିଛି। ଏହା ୨୧ ତାରିଖରେ ଶେଷ ହେବ। ଏହାପୂର୍ବରୁ ସମ୍ଭବତଃ ଆସନ୍ତାକାଲି କିଛି ଗୋଟିଏ ବଡ଼ ଘୋଷଣା ହୋଇପାରେ। ଅଗଷ୍ଟ ୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତି ଭବନକୁ ଯାଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଥିଲେ।



ସର୍ବଦା ଏପରି ବୈଠକ ସମ୍ପର୍କରେ ପିଆଇବି ପକ୍ଷରୁ ବିବୃତି ଜାରି କରାଯାଏ। ହେଲେ ପ୍ରଧାନମନ୍ତ୍ରୀ ମୋଦି ଓ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମିଟିଂକୁ ନେଇ କୌଣସି ବିବୃତି ଜାରି କରାଯାଇ ନାହିଁ। ଏହି ବୈଠକର କିଛି ଘଣ୍ଟା ପରେ ରାଷ୍ଟ୍ରପତି ଭବନରେ ପହଞ୍ଚିଥିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। ସେ ମଧ୍ୟ ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁଙ୍କ ସହ ରୁଦ୍ଧଦ୍ୱାର ଆଲୋଚନା କରିଥିଲେ। ଚଳିତ ମାସର ପ୍ରଥମ ଦୁଇ ଦିନରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଜମ୍ମୁ-କଶ୍ମୀର ବିଜେପି ମୁଖ୍ୟ ସତ ଶର୍ମା ଓ ଲଦାଖର ଉପ ରାଜ୍ୟପାଳ କବିନ୍ଦର ଗୁପ୍ତାଙ୍କ ସହ ମିଟିଂ କରିଥିଲେ। ସୋମବାର ଜମ୍ମୁ-କଶ୍ମୀର ଶିହା ଆସୋସିଏସନର ସଭାପତି ଇମରାନ ରାଜା ଅନସାରୀ ମଧ୍ୟ ଅମିତ ଶାହଙ୍କୁ ▶▶ପୃଷ୍ଠା ୭

## ଓଡ଼ିଶାରେ ରାତି ସିଫ୍ଟରେ କାମ କରିପାରିବେ ମହିଳା: ସରକାର ଦେଲେ ଅନୁମତି, ୧୧ ସୂତ୍ରୀୟ ଗାଇଡଲାଇନ୍ ଜାରି

ଭୁବନେଶ୍ୱର, ୦୪/୮ (ନି.ପ୍ର): ଏଣିକି ବିଭିନ୍ନ ଘରୋଇ ସଂସ୍ଥାରେ ରାତିରେ କାମ କରିପାରିବେ ମହିଳା। ନାଇଟ୍ ସିଫ୍ଟରେ କାମ କରିବା ପାଇଁ ମହିଳା ଦେବେ ସହମତି ପତ୍ର। ଏନେଇ ଶ୍ରମ ବିଭାଗ ପକ୍ଷରୁ ପ୍ରକାଶ ପାଇଲା ବିଜ୍ଞପ୍ତି। ମହିଳାମାନେ ଯେଉଁଠାରେ କାମ କରିବାକୁ ଚାହିଁବେ ସେଠାରେ ଅତିକମରେ ୩ ଜଣ ମହିଳା କର୍ମଚାରୀ କାର୍ଯ୍ୟ କରୁଥିବେ। ଏବଂ କାର୍ଯ୍ୟସ୍ଥଳୀରେ ନାରୀ ନିଯୁକ୍ତି କର୍ତ୍ତା ରହୁଥିବେ। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଏବଂ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ




ରଖି ଶ୍ରମ ବିଭାଗ ପକ୍ଷରୁ ଓଡ଼ିଶା ଦୋକାନ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ଆଇନ-୧୯୫୬ରେ କେତେକ ପରିବର୍ତ୍ତନ କରାଯାଇଛି। ଘରୋଇ ପ୍ରତିଷ୍ଠାନରେ ମହିଳାମାନେ ରାତିରେ କାର୍ଯ୍ୟ କରିବା ନେଇ ଥିବା ସରକାରୀ ବାଧବାଧକତାକୁ ▶▶ପୃଷ୍ଠା ୭

## ଅଧିକ ଲୋଭ କାଳ ହେଲା: ବନ୍ଧା ହେଲେ ଗୋଲାପ ବାବୁ

ଭୁବନେଶ୍ୱର, ୦୪/୮ (ନି.ପ୍ର): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା କାଳ ହେଲା। ଅଧିକ ଲୋଭ ଯୋଗୁ ଶେଷରେ ବନ୍ଧା ହେଲେ ବୌଦ୍ଧ ମୋଟର ଭେହିକିଲ୍ ଇନ୍ସପେକ୍ଟର ଗୋଲାପ ଚନ୍ଦ୍ର ହାଂସଦା। ଗତକାଲି ରେଡ୍ ପରେ ସାମ୍ନାକୁ ଆସିଥିଲା ପ୍ଲଟ୍ ପ୍ରେମୀ ବାବୁଙ୍କ ବିପୁଳ ସମ୍ପତ୍ତି। ବୌଦ୍ଧ ଏମଭିଆଇଙ୍କ ୪୪ ପ୍ଲଟ୍, ୧ କିଲୋ ସୁନା ଓ ୨ କିଲୋ ରୁପା



ଠାବ କରିଥିଲା ଭିଜିଲାନ୍ସ। ଏଥିସହ ନଗଦ ୨ ଲକ୍ଷ ୩୮ ହଜାର ଟଙ୍କା ତାଙ୍କ ଘରୁ ଜବତ ହୋଇଥିବା ବେଳେ ୧ କୋଟି ୩୪ ଲକ୍ଷର ଜମା ବି ଠାବ ହୋଇଛି। ବାରିପଦା ▶▶ପୃଷ୍ଠା ୭

## ବଲାଙ୍ଗୀ ପୀଡ଼ିତା ଘଟଣାରେ ଥମୁନି ରାଜନୀତି: ୭ରେ ବିଜେଡ଼ିର ହରତାଳ, ୧୪ରେ କଂଗ୍ରେସର ପଦଯାତ୍ରା

ଭୁବନେଶ୍ୱର, ୦୪/୮ (ନି.ପ୍ର): ମରଣ ସହ ଯୁଝିଯୁଝି ଶେଷରେ ଦିଲ୍ଲୀ ଏମ୍ସରେ ହାରିଯାଇଥିବା ବଲଙ୍ଗା ପୀଡ଼ିତାଙ୍କ ସରିଛି ଅନ୍ତିମ ସତ୍କାର। ଆଜି ବାୟାବର ନୂଆ ଗୋପାଳପୁରରେ ହୋଇଛି ଶେଷକୃତ୍ୟ। ଇସଲାମ ଧର୍ମ ଅନୁଯାୟୀ, ଆଜି କବର ଦିଆଯାଇଛି। ଏତେସବୁ ପରେ ବି ଥମୁନି ରାଜନୀତି। କଂଗ୍ରେସ ଓ ବିଜେଡି ଆଜି ବିକ୍ଷୋଭ କରିବା ସହ ଆସନ୍ତା ୭ରେ ପୁରୀରେ ହରତାଳର ଡାକରା ଦେଇଛି ବିଜେଡି। ବିରୋଧୀଙ୍କୁ ନିଶାନା କରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ଇସ୍ତଫା ଦେଲେ ଯଦି ପୀଡିତା ବଞ୍ଚିଯାଆନ୍ତେ, ମୁଁ ଶହେ ଥର ଇସ୍ତଫା ଦେବାକୁ ପ୍ରସ୍ତୁତ। ସେଦିନ ଜାଳି ଦେଇଥିଲା ନିଆଁ, ଆଜି କୋଳେଇ ନେଲା ମାଟି। ସେଦିନ ଯନ୍ତ୍ରଣାରେ ଜଳୁଥିଲା ସର୍ବାଙ୍ଗ, ମୃତ୍ୟୁ ପରେ ଆଜି କବର ଭିତରେ ଆଶ୍ରୟ ନେଇଗଲା ମରଶରୀର। ▶▶ପୃଷ୍ଠା ୭

## ଏଫଏମ ଛାତ୍ରୀ ଆତ୍ମଦାହ ମାମଲା: ବନ୍ଧା ହେଲେ ଦୁଇ ଛାତ୍ର

ବାଲେଶ୍ୱର, ୦୪/୮ (ନି.ପ୍ର): ଏଫଏମ କଲେଜରେ ଛାତ୍ରୀ ଆତ୍ମଦାହ ଘଟଣାରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି କ୍ରାଇମବ୍ରାଞ୍ଚ। ଘଟଣାର ୨୩ ଦିନ ପରେ କ୍ରାଇମବ୍ରାଞ୍ଚ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଛାତ୍ର ଦୁଇ ଜଣ ହେଲେ ଶୁଭ୍ର ସମ୍ବିତ ନାୟକ, ଜ୍ୟୋତି ପ୍ରକାଶ ବିଶ୍ୱାଳ।ହତ୍ୟା ଷଡ଼ଯନ୍ତ୍ର ଅଭିଯୋଗରେ ଗତକାଲି ବିଳମ୍ବିତ ରାତିରେ କ୍ରାଇମବ୍ରାଞ୍ଚ ଗିରଫ କରି ଉଭୟଙ୍କୁ କୋର୍ଟଚାଲାଣ କରିଛି। ଜ୍ୟୋତି ପ୍ରକାଶ ଛାତ୍ରୀଙ୍କୁ ଉଦ୍ଧାର କରିବାକୁ ଯାଇ ନିଜେ ଆହତ ହୋଇଥିଲେ। ନିକଟରେ ▶▶ପୃଷ୍ଠା ୭

## ନିଟ୍ ପରୀକ୍ଷାରେ ରାଙ୍କ୍ ତ୍ରୁଟି: ଅନ୍ଧାରରେ ମେଧାବୀ ଛାତ୍ରୀଙ୍କ ଭବିଷ୍ୟତ

ଭୁବନେଶ୍ୱର, ୦୪/୮ (ନି.ପ୍ର): ନିଟ୍ ପରୀକ୍ଷା ରାଙ୍କ ତ୍ରୁଟିରୁ ଅନ୍ଧାରରେ ମେଧାବୀ ଛାତ୍ରୀଙ୍କ ଭବିଷ୍ୟତ। ଅଭିଯୋଗ ପରେ ବି ନିଟ୍ କର୍ତ୍ତୃପକ୍ଷଙ୍କ ସନ୍ତୋଷଜନକ ଉତ୍ତର ନମିଳିବାରୁ ପରିବାର ସହ ଆତ୍ମାହୂତି ଦେବାକୁ ଧମକ। ବଲାଙ୍ଗିର ତାଳପାଲି ପଡ଼ାର ଅଭିପ୍ସା ଅପରାଜିତା ଶତପଥୀ ନିଟ୍ ଦେଇଥିଲେ। ତେବେ ଗତ ଜୁନ୍ ୧୬ ତାରିଖରେ ବାହାରିଥିବା ଫଳରୁ ତାଙ୍କ ୫୦୬ ମାର୍କ ସହ ରାଙ୍କ୍ ଥିଲା ୪୬ ହଜାର ୧୭୨। ଏହାପରେ ଅଭିପ୍ସା ଘରୋଇ ମେଡିକାଲ କଲେଜରେ ସିଟ୍ ପାଇବା ଆଶାରେ ଜୁଲାଇ ୨୪ରେ ଓଜେଇଇ ସାଇଟରେ ପଂଜୀକରଣ କରିଥିଲେ। ତେବେ ଜୁଲାଇ ୨୯ରେ ଓଜେଇଇ ତାଲିକା ପ୍ରକାଶ ପାଇବା ପରେ ଅଭିପ୍ସାଙ୍କ ନିଟ୍ ମାର୍କ୍ ୧୭୬କୁ ଖସିଯିବା ସହ ରାଙ୍କ୍ ମଧ୍ୟ ୯ ଲକ୍ଷ ୧୬ ହଜାର ୮୬୭କୁ ଖସି ଯାଇଥିଲା। ଏନେଇ ଅଭିପ୍ସା ଓ ତାଙ୍କ ଅଭିଭାବକ ବାରମ୍ବାର ନିଟ୍ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ଓ ଆଲୋଚନା କରିଥିଲେ।

## ଟ୍ରମ୍ପଙ୍କ ଭାରତକୁ ଟାର୍ଗେଟ: ଋଷରୁ ତେଲ କିଣି ଲାଭ କମାଉଥିବା ଅଭିଯୋଗ, ପୁଣି ଶୁଳ୍କ ବୃଦ୍ଧିର ଧମକ

ନୂଆଦିଲ୍ଲୀ,୪/୮ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଭାରତ ବିରୋଧରେ ଏକ କଡ଼ା ମନ୍ତବ୍ୟ ଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଭାରତ ଋଷ୍ ଠାରୁ ଶସ୍ତାରେ ତେଲ କିଣି ତାହାକୁ ବିକ୍ରି କରି ପ୍ରଚୁର ଲାଭ କମାଉଛି। ଭାରତ ଉପରେ 'ପ୍ରତିଶୋଧମୂଳକ ଶୁଳ୍କ' ଲଗାଇବାକୁ ଧମକ ଦେଇଛନ୍ତି ଟ୍ରମ୍ପ। ଏକ ସାକ୍ଷାତକାରରେ ଟ୍ରମ୍ପ କହିଛନ୍ତି, 'ଭାରତ ଆମକୁ ଲୁଟୁଛି,




ବିଶେଷକରି ଶୁଳ୍କ ମାମଲାରେ। ସେମାନେ ଆମ ସାମଗ୍ରୀ ଉପରେ ଅତ୍ୟଧିକ ଶୁଳ୍କ ଲଗାଉଛନ୍ତି।' ସେ ଋଷ-ୟୁକ୍ରେନ ଯୁଦ୍ଧ ପ୍ରସଙ୍ଗରେ ଭାରତର ଆଭିମୁଖ୍ୟକୁ ସମାଲୋଚନା କରି କହିଛନ୍ତି, 'ଆପଣ ଦେଖନ୍ତୁ, ଭାରତ ଋଷଠାରୁ ଶସ୍ତାରେ ତେଲ କିଣୁଛି, ତାହାକୁ ବିଶୋଧନ କରୁଛି ଏବଂ ପୁଣି ସେହି ତେଲକୁ ବିକ୍ରି କରି ବିପୁଳ ପରିମାଣର ଲାଭ ଅର୍ଜନ କରୁଛି।' ▶▶ପୃଷ୍ଠା ୭

## ଲକ୍ଷପତି ଦିଦି ହେବେ କୋଟିପତି ଦିଦି

ଭୁବନେଶ୍ୱର, ୦୪/୮ (ନି.ପ୍ର): ଲକ୍ଷପତି ଦିଦି ହେବେ କୋଟିପତି ଦିଦି। ସେମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀରୁ ବିନା ସୁଧରେ ୧୦ ଲକ୍ଷ ଟଙ୍କା ଋଣ ଯୋଗାଇଦେବାକୁ ସରକାର ପ୍ରାଥମିକତା ଦେବେ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ସୋମବାର ଦିନ ଉପମୁଖ୍ୟମନ୍ତ୍ରୀ ସୁଭଦ୍ରା ଭଉଣୀଙ୍କ ସହ ଆଲୋଚନା କରି କହିଛନ୍ତି ଯେ ସରକାର ଯେତେ ଆର୍ଥିକ ସହାୟତା ଦେଉଛନ୍ତି ବ୍ୟାଙ୍କ ସହ ସଂଯୋଗ କରାଯିବ। ଏସଏଚଜିରୁ ମିଳୁଥିବା ବିନା ସୁଧ ଋଣ କେମିତି ଯୋଗାଇ ବର୍ଷକରେ ଲକ୍ଷପତିଙ୍କୁ କୋଟିପତି ଦିଦି କରାଯିବ ସେନେଇ ସରକାର ଗୁରୁତ୍ୱ ଦେଉଛନ୍ତି।

## ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କ ପରଲୋକ

ନୂଆଦିଲ୍ଲୀ,୪/୮ : ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ)ର ପ୍ରତିଷ୍ଠାତା ଶିବୁ ସୋରେନଙ୍କ ପରଲୋକ ଘଟିଛି। ସୋମବାର ଦିଲ୍ଲୀର ଏକ ହସ୍ପିଟାଲରେ ୮୧ ବର୍ଷ ବୟସରେ ଦୀର୍ଘ ଦିନ ଧରି ଅସୁସ୍ଥ ରହିବା ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଛି। ସୋରେନ ବର୍ତ୍ତମାନର ରାଜ୍ୟସଭା ସାଂସଦ ଥିଲେ। ତାଙ୍କ ପୁଅ ଏବଂ ଝାଡଖଣ୍ଡର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ତାଙ୍କ ମୃତ୍ୟୁ ଘୋଷଣା କରି କହିଛନ୍ତି, 'ଆଦରଣୀୟ ଦିଶୁମ ଗୁରୁ ଆମ ସମସ୍ତଙ୍କୁ ଛାଡ଼ି ଚାଲିଗଲେ। ଆଜି



ମୁଁ ଶୂନ୍ୟ ହୋଇଗଲି।' ଶିବୁ ସୋରେନ୍ ସମ୍ପ୍ରତି ରାଜନୀତିରୁ ଦୂରେଇ ରହିଥିଲେ, ଜୁନ ଶେଷ ସପ୍ତାହରେ କିଡନୀ ସମ୍ବନ୍ଧୀୟ ରୋଗରେ ପୀଡିତ ହୋଇ ଦିଲ୍ଲୀର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ▶▶ପୃଷ୍ଠା ୭

## ନିର୍ବାଚନ ପୂର୍ବରୁ ନୀତିଶ କୁମାରଙ୍କ ବଡ଼ ଘୋଷଣା

ନୂଆଦିଲ୍ଲୀ,୪/୮ : ନୀତିଶ କୁମାରଙ୍କ ବଡ଼ ଘୋଷଣା। ବିଧାନସଭା ନିର୍ବାଚନ ପୂର୍ବରୁ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ବଡ଼ ଘୋଷଣା କରିଛନ୍ତି। ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ବଡ଼ ପଦକ୍ଷେପ ନେଇଛନ୍ତି। ଘୋଷଣା କରିଛନ୍ତି ଏବେ ବିହାରର ଲୋକଙ୍କୁ ଶିକ୍ଷକ ନିଯୁକ୍ତିରେ ପ୍ରାଥମିକତା ଦିଆଯିବ। ଏଥିପାଇଁ ଶିକ୍ଷା



ବିଭାଗକୁ ନିୟମରେ ଆବଶ୍ୟକୀୟ ସଂଶୋଧନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିବର୍ତ୍ତନ ଟ୍ରଜର-୪ରେ ଲାଗୁ କରାଯିବ। ଟିଆରଇ-୪ ପରୀକ୍ଷା ୨୦୨୫ରେ ଅନୁଷ୍ଠିତ ହେବ, ଟିଆରଇ-୫ ପରୀକ୍ଷା ପରବର୍ତ୍ତୀ ବର୍ଷ ଅର୍ଥାତ୍ ୨୦୨୬ ରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଚଳିତ ବର୍ଷ ବିହାରରେ ବିଧାନସଭା ନିର୍ବାଚନ ହେବ। ▶▶ପୃଷ୍ଠା ୭

## ଫକୀରମୋହନ ସାହିତ୍ୟ ପରିଷଦ ନିର୍ବାଚନ ମାମଲାର ରାୟ ପ୍ରକାଶ

### ୨୦୨୧ରୁ ୨୪ ସମୟର କାର୍ଯ୍ୟକାରୀ କମିଟି ସଦସ୍ୟ ମନୋନୟନକୁ ଅବୈଧ ଘୋଷଣା କଲେ କୋର୍ଟ

ବାଲେଶ୍ୱର, ୦୪/୮ (ନି.ପ୍ର): ଓଡ଼ିଶାର ଅନ୍ୟତମ ପୁରାତନ ସାହିତ୍ୟ ଅନଷ୍ଠାନ ଫକୀରମୋହନ ସାହିତ୍ୟ ପରିଷଦର ୨୦୨୧ରୁ ୨୦୨୪ ମସିହାର ତିନି ବର୍ଷିଆ କର୍ମକର୍ତ୍ତା ର୍ନିବାଚନ ପରେ ଏକ ନିର୍ବାଚନୀ ମାମଲା ପ୍ରାୟ ତିନିବର୍ଷ ଧରି ବାଲେଶ୍ୱର ସିନିୟର ସିଭିଲ ଜଜ୍ କୋର୍ଟରେ ଚାଲିଥିଲା ବେଳେ ଗତ ୨୫ ତାରିଖରେ ଏହି ମାମଲାର ରାୟ ପ୍ରକାଶ ପାଇଛି। ପ୍ରକାଶିତ ରାୟ ଅନୁଯାୟୀ ଏହି ସମୟରେ ୧୨ଜଣ କାର୍ଯ୍ୟନିର୍ବାହୀ ସଦସ୍ୟଙ୍କୁ କୋର୍ଟ ଅବୈଧ ଘୋଷଣା କରିଛନ୍ତି। ୨୦୨୧ରୁ ୨୪ ମସିହା ସମୟରେ ଅନୁଷ୍ଠିତ କର୍ମକର୍ତ୍ତା ନିର୍ବାଚନରେ ପରିଷଦର ସମ୍ବିଧାନ ଅନୁଯାୟୀ ନିର୍ବାଚନ ହୋଇନଥିବାର ଦର୍ଶାଇ ସେତେବେଳର ପରାଜିତ ପ୍ରାର୍ଥୀ, ଯେ କି ମାତ୍ର ୧୨ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ ହୋଇଥିଲେ ଡକ୍ଟର କାଳୀପଦ ପଣ୍ଡା, ଏକ ମାମଲା ବାଲେଶ୍ୱର ସିଭିଲ ଜର୍ଜ ସିନିୟର ଡିଭିଜନଙ୍କଠାରେ ଦାଖଲ କରିଥିଲେ।



▶▶ପୃଷ୍ଠା ୭

## ଓୟୁଜେ ପାଳିଲା ଓଡ଼ିଆ ସାମ୍ବାଦିକତା ଦିବସ

ବାଲେଶ୍ୱର, ୦୪/୮ (ନି.ପ୍ର): ଓଡିଆ ଭାଷାରେ ସାମ୍ବାଦିକତା ସୃଷ୍ଟି ପାଇଁ କର୍ମବୀର ଗୌରୀଶଙ୍କର ରାୟଙ୍କ ଉତ୍କଳ ଦୀପିକା ସାପ୍ତାହିକ ସମ୍ବାଦ ପତ୍ର ଏକ ମାଇଲ ଖୁଣ୍ଟ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତ ବ୍ୟକ୍ତ କରିଛନ୍ତି। ଆଜି ଓଡିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ସ୍ଥାନୀୟ ସର୍କିଟ ହାଉସ ପରିସରରେ ଆୟୋଜିତ ଓଡ଼ିଆ ସାମ୍ବାଦିକତା ଦିବସ ପାଳନ କାର୍ଯ୍ୟକ୍ରମ ରେ ଓଡ଼ିଆ ସାମ୍ବାଦିକତା ର ଗତି ଓ ବିଧି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ




ଯୋଗଦେଇ ଧ୍ୱନି ପ୍ରତିଧ୍ୱନି ର ମୁଖ୍ୟ ସଂପାଦକ ସୃଷ୍ଟିଧର ପରିଡ଼ା କହିଲେ ଯେ, ଓଡ଼ିଆ ରେ ସାମ୍ବାଦିକତା କରିବା ଓ କରାଇବା ପାଇଁ ଗୌରୀ ଶଙ୍କର ରାୟ ଯେଉଁ ନିଷ୍ପତ୍ତି ନେଇଥିଲେ ଆଜି ତାର ପ୍ରଭାବ ଆମେ ମର୍ମେ ମର୍ମେ ଅନୁଭବ କରୁଛେ। ଓଡ଼ିଆ ଭାଷାରେ ଛୋଟ ବଡ଼ ସମ୍ବାଦ ପତ୍ର ଏବେ ଓଡ଼ିଶାରେ ପ୍ରକାଶିତ ହେବା ସହିତ ସମାଜ ସେବାରେ ବହୁ ସାମ୍ବାଦିକ ସ୍ୱତଃ ସାମିଲ ହୋଇଛନ୍ତି ଓ ନିଷ୍ଠାପର ଭାବେ ନିୟମିତ କାର୍ଯ୍ୟ କରୁଛନ୍ତି ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ କବି ତଥା ସାହିତ୍ୟିକ କାଳୀପଦ ପଣ୍ଡା ଯୋଗଦେଇ ଓଡ଼ିଶାରୁ ପ୍ରକାଶ ପାଉଥିବା ବିଭିନ୍ନ ସମ୍ବାଦ ପତ୍ର ଓ ପତ୍ରିକାର ସମୟ ଭିତ୍ତିକ ତଥ୍ୟ ଉପସ୍ଥାପନ କରିଥିଲେ। ସେ କହିଲେ ଯେ, ସାମ୍ବାଦିକ ମାନେ ନିରପେକ୍ଷ ସମ୍ବାଦ ପରିବେଷଣ କରିବା ଉପରେ ଗୁରୁତ୍ୱ ଆରୋପ କରିବାର ଆବଶ୍ୟକତା ରହିଛି। ସମ୍ବାଦ ପତ୍ର ଓ ବୈଦ୍ୟୁତିକ ଗଣ ମାଧ୍ୟମ ଏବେ ରାଜନୈତିକ ▶▶ପୃଷ୍ଠା ୭

# ମାନ୍ୟବର ମନ୍ତ୍ରୀ,ଗୃହ ନିର୍ମାଣ ଓ ନଗର ଉନ୍ନୟନଙ୍କ ଦ୍ୱାରା ହିତାଧିକାରୀଙ୍କୁ ଆବାସ ଯୋଜନା କାର୍ଯ୍ୟାଦେଶ, ଜଙ୍ଗଲ ଜମି ପଟ୍ଟା ଓ ଭୂମିହୀନ ପଟ୍ଟା ବଣ୍ଟନ



ବାରିପଦା , ୪/୦୮ (ନି.ପ୍ର): ଆଜି ବାରିପଦା ପୌରପାଳିକା ତରଫରୁ ପୌର ପାଳିକା ଅତିଥି ଭବନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ଯୋଜନା (ସହରୀ) -୨.୦ କାର୍ଯ୍ୟାଦେଶ, ଜଙ୍ଗଲ ଜମି ପଟ୍ଟା ଓ ଭୂମିହୀନ ପଟ୍ଟା ବଣ୍ଟନ ସମ୍ବନ୍ଧୀୟ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ବାରିପଦା ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାର ଶ୍ରୀ ସପନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ, ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୌରପାଳିକା ଅଧ୍ୟକ୍ଷ ଶ୍ରୀ କୃଷ୍ଣାନନ୍ଦ ମହାନ୍ତି, ଅତିରିକ୍ତ ତହସିଲଦାର ଶ୍ରୀକାନ୍ତ ନାୟକ, ଅତିରିକ୍ତ ତହସିଲଦାର ଶ୍ରୀ ଭରତ ପାତ୍ର,ଉପାଧ୍ୟକ୍ଷା ଶ୍ରୀମତୀ ସୀମା ଦାସ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଶୁଭଶ୍ରୀ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ନଗରପାଳ ଶ୍ରୀ ମହାନ୍ତି ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହାପରେ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସାହୁ ବିସ୍ତୃତ ଭାବେ ସରକାରଙ୍କ ଜନକଲ୍ୟାଣକାରି ଯୋଜନା ପ୍ରଧାନମନ୍ତ୍ରୀ ଆବାସ, ଜଙ୍ଗଲ ଜମି ପଟ୍ଟା ଓ ଭୂମିହୀନ ପଟ୍ଟା ଜନ ଯୋଜନା ସମ୍ପର୍କରେ ହିତାଧିକାରୀ ତଥା ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ ଏବଂ ଯୋଗ୍ୟ ହିତାଧିକାରୀମାନଙ୍କୁ ଏହାର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଡ. ମହାପାତ୍ର କହିଥିଲେ ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କେବଳ ଗ୍ରାମାଞ୍ଚଳରେ ସୀମିତ ନୁହେଁ ଏହା ସହରାଞ୍ଚଳରେ ବାସ କରୁଥିବା ଘର ନଥିବା ଗରିବଙ୍କ ପାଇଁ ମଧ ଉଦ୍ଦିଷ୍ଟ । ଏତଦ ବ୍ୟତୀତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହେଉଥିବା ଗରିବ ଲୋକଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନା ମାଧ୍ୟମରେ ମଧ ଗୃହ ଯୋଗାଇ ଦିଆଯାଉଛି । ଏଥି ସହିତ ମାନ୍ୟବର ମନ୍ତ୍ରୀ କହିଥିଲେ ଯେ ବାରିପଦା ସହରର ବିକାଶ ପାଇଁ ଆଗକୁ ଅନେକ ଗୁଡିଏ କାର୍ଯ୍ୟ ହାତକୁ ନିଆଯାଉଛି । ନଗର ଉନ୍ନୟନ ବିଭାଗର ନୂତନ ଯୋଜନା ଅନୁସାରେ ଆଗାମୀ ଭବିଷ୍ୟତରେ ବାରିପଦା ସହରର ଦୃଶ୍ୟପଟ ପରିବର୍ତ୍ତନ ହେବ ଏବଂ ଦେଶର ଏକ ନମ୍ବର ସହର ଭାବେ ପରିଚିତ କରିବା ପାଇଁ ପରିକଳ୍ପନା କରାଯାଇଛି । ସହରର ବିଭିନ୍ନ ପ୍ରକାର ବିକାଶ କରାଯିବା ସହିତ ବାସଭୂମିର ସୀମିତତା ହେତୁ ଏହାର ପରିମାଣକୁ ପରିବ୍ୟାପ୍ତ କରାଯିବ । ପୌର ପାଳିକା ତରଫରୁ ବିଭିନ୍ନ ବର୍ଗର ଗୃହ ନିର୍ମାଣ କରାଯାଇ ଆବଶ୍ୟକ ଅନୁସାରେ ଲୋକଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ । ତତ ସହିତ ସହରକୁ ସମ୍ପୂର୍ଣ୍ଣ ବସ୍ତି ମୁକ୍ତ ଅଂଚଳ କରାଯିବା ନେଇ ଯୋଜନା କରାଯାଉଛି । ଏହି ବିକାଶ ଧାରାରେ ସମସ୍ତଙ୍କ ସହଭାଗୀତା ଓ ସହଯୋଗ ଆବଶ୍ୟକ । ତେଣୁ ବାରିପଦା ସହରକୁ ସୁସ୍ଥ, ସୁନ୍ଦର ଓ ଶ୍ରେଷ୍ଠ ସହରରେ ପରିଣତ କରିବା ପାଇଁ ଆମେ ସମସ୍ତେ ମିଳିତ ଭାବେ ପ୍ରୟାସ କରିବା ବୋଲି ମନ୍ତ୍ରୀ କହିଥିଲେ । ମାନ୍ୟବର ମନ୍ତ୍ରୀ ଏହି ଅବସରରେ ସହରର ବିଭିନ୍ନ ୱାର୍ଡର ୪୯ ଜଣ ହିତାଧିକାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ, ୩୫ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ଓ ବସୁନ୍ଧରା ଯୋଜନା ଅନ୍ତର୍ଗତ ୧୩ ଜଣ ହିତାଧିକାରୀଙ୍କୁ ଭୂମିହୀନ ପଟ୍ଟା ବଣ୍ଟନ କରିଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାରିପଦା ପୌରପାଳିକା ଓ ତହସିଲ କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀ, କର୍ମଚାରୀ, ବିଭିନ୍ନ ୱାର୍ଡର କାଉନସିଲର, ଶ୍ରୀ କାନ୍ଦ୍ରା ସୋରେନ, ରଜନୀ କାନ୍ତ ବିଶ୍ୱାଳଙ୍କ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ସ୍ୱଚ୍ଛ ସାଥି,ହିତାଧିକାରୀ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

# ବାଲି ବୋଝେଇ ଟ୍ରାକ୍ଟର ଧକ୍କାରୁ ଅଳ୍ପକେ ବର୍ତ୍ତିଲା ଆମ୍ବୁଲାନ୍ସ ଓ ଯାତ୍ରୀବାହି ବସ

ଚମ୍ପୁଆ, ୪/୦୮ (ନି.ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ଠାରେ ଏକ ଚୋରା ବାଲି ବୋଝେଇ ଟ୍ରାକ୍ଟର ଧକ୍କାରୁ ଅଳ୍ପକେ ବର୍ତ୍ତି ଯାଇଛି ୧୦୮ ଆମ୍ବୁଲାନ୍ସ ଓ ଯାତ୍ରୀବାହି ବସ । ଖବର ଅନୁସାରେ, ଆଜି ମଧ୍ୟାହ୍ନ ପ୍ରାୟ ୨ଘଟିକା ସମୟରେ ଭଣ୍ଡା ଛକ ଠାରେ ଧବଳେଶ୍ୱର ନାମକ ଯାତ୍ରୀବାହି ବସଟି ଯାତ୍ରୀ ଓହ୍ଲାଇବାକୁ ଛିଡା ହୋଇଥିଲା । ଭଣ୍ଡା ଗୋଷ୍ଠି ଡାକ୍ତରଖାନାରୁ ଏକ ଡ଼ିଏମଏଫ ଆମ୍ବୁଲାନ୍ସ ମଧ ରୋଗୀ ସେବାରେ ଯାଉଥିଲା । ଏହି ସମୟରେ ବେପରୁଆ ଭାବେ ଅତି ଦ୍ରୁତଗତିରେ ଆସୁଥିବା ଏକ ଚୋରା ବାଲି ବୋଝେଇ ଟ୍ରାକ୍ଟର ଧକ୍କାରୁ ଅଳ୍ପକେ ବର୍ତ୍ତି ଯାଇଛି ଆମ୍ବୁଲାନ୍ସ । ଆମ୍ବୁଲାନ୍ସ ଟି ଟ୍ରାକ୍ଟର ଧକ୍କାରୁ ବର୍ତ୍ତି ଯାଇଥିବାବେଳେ ଧବଳେଶ୍ୱର ବସଟି ମଧ ଅଳ୍ପକେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛି । ବସ ଦେହରେ ଟ୍ରାକ୍ଟର ଟ୍ରଲିଟି ଅଳ୍ପ ବାଜିଥିଲେ ମଧ ବସର କୌଣସି କ୍ଷତି ହୋଇ ନ ଥିଲା, କିନ୍ତୁ ବସରେ ବସିଥିବା ଯାତ୍ରୀ ମାନଙ୍କ ମଧ୍ୟରେ ଏକ ଭୟର ବାତାବରଣ ଖେଳି ଯାଇ ଥିଲା । ତେବେ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲା ଆମ୍ବୁଲାନ୍ସ ଓ ଯାତ୍ରୀବାହି ବସ । ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା । ପ୍ରକାଶ ଯୋଗ୍ୟକି ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ଅଂଚଳରେ ବର୍ଷସାରା ବାଲି ମାଫିଆ ମାନେ ଦିନ ଦ୍ୱିପ୍ରହରରେ ବେଧଡ଼କ ଚୋରା ବାଲି ଚାଲାଣ କରୁଥିଲେ ମଧ କୌଣସି ରୋକ ଲଗାଇ ପାରୁନାହିଁ ବିଭାଗ । ଅଧିକ ମୁନାଫା କମାଇବାକୁ ଟ୍ରାକ୍ଟର ମାଲିକ ମାନେ ଅନଭିଜ୍ଞ ଡ୍ରାଇଭର ମାନଙ୍କ ଦ୍ୱାରା ବେଫିକର ଭାବେ ଅହରହ ଦିନରାତି ଚୋରା ବାଲି ଚାଲାଣ କରୁଥିବା ଦେଖିବାକୁ ମିଳୁଛି । ତଥାପି, ଏମାନଙ୍କ ପ୍ରତି ନା ସ୍ଥାନୀୟ ପ୍ରଶାସନର ନଜର ଅଛି ନା ଲଘୁ ଖଣି ଅଧିକାରୀଙ୍କ । ଚା ଖଟିରୁ ନେଇ ହାଟ ଘାଟ ସବୁଠି ବାଲି ମାଫିଆ ଓ ଅଧିକାରୀଙ୍କ ମଧୁଚନ୍ଦ୍ରିକାକୁ ନେଇ ସାଧାରଣରେ ବିଭିନ୍ନ ଆଲୋଚନା ସମାଲୋଚନା ହେଉଥିବା ବେଳେ ବାଲି ମାଫିଆଙ୍କ ଟ୍ରାକ୍ଟର ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା ପାଇଁ ଭଣ୍ଡା ଅଂଚଳର ରାସ୍ତା ଘାଟରେ ଯାତାୟାତ କରିବା ସାଧାରଣ ଲୋକଙ୍କ ପାଇଁ ମରଣ ଯନ୍ତା ପାଲଟିଛି । ତେଣୁ ଏଥିପ୍ରତି ଉଚକର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବୀ ହେଉଛି ।

# ରାସ୍ତା ପାଇଁ ଯମଯନ୍ତ୍ରଣା ଭୋଗୁଛନ୍ତି ବିସ୍ଥାପିତ

ଚମ୍ପୁଆ, ୪/୦୮ (ନି.ପ୍ର): ଚମ୍ପୁଆ ବ୍ଲକ ରଜିଆ ପଂଚାୟତ ଅନ୍ତର୍ଗତ ମହେଶ୍ୱର ପୁର ବିସ୍ଥାପିତ ନୂଆ କଲୋନୀ ଓ ଟୁଙ୍ଗଲେଇ ସାହିକୁ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇ ପଡିଛି । ରାସ୍ତାରେ ଅନେକ ବଡ଼ ବଡ଼ ଗର୍ତ୍ତ ସହିତ କାଦୁଅ ଭରି ରହିଥିବାରୁ ଏହି ରାସ୍ତାରେ ଯିବା ଆସିବା ବହୁ କଷ୍ଟସାଧ ହୋଇଛି । ରାସ୍ତାରେ ସୃଷ୍ଟି ହୋଇଥିବା ଗର୍ତ୍ତ ଏବଂ କାଦୁଅରେ ଖସି ଆହତ ହେବା ସ୍ଥାନୀୟ ଲୋକଙ୍କ ପାଇଁ ନିତିଦିନିଆ ଘଟଣାରେ ପରିଣତ ହୋଇଛି । ଏହି କାଦୁଅ ରାସ୍ତାରେ ଗଭୀର ଗର୍ତ୍ତ ଯୋଗୁଁ ଚାରି ଚକିଆ ତ ଦୂର କଥା ସାଇକେଲ, ମୋଟରସାଇକେଲ ମଧ ଯାଇ ପାରୁନାହିଁ । ଚମ୍ପୁଆ ମୁଖ୍ୟାଳୟକୁ ଏହା ଏକ ମାତ୍ର ରାସ୍ତା ହୋଇ ଥିବା ବେଳେ ଏହି ରାସ୍ତା ଖାଲ ଖମା, କାଦୁଅ ପଚପଚ ହୋଇ ଥିବାରୁ ରାସ୍ତାରେ ଯିବା ଆସିବା ଅତି ଶୋଚନୀୟ ହୋଇ ପଡିଛି । ଫଳରେ ସାହି ବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଚମ୍ପୁଆ ବ୍ଲକ ରଜିଆ ପଂଚାୟତ ଅନ୍ତର୍ଗତ ମହେଶ୍ୱରପୁର ଗ୍ରାମର ଟୁଙ୍ଗଲେଇସାହି ରେ ୫୦ରୁ ଊର୍ଦ୍ଧ ପରିବାର ରହୁଥିବା ବେଳେ କାନପୁର ନଦୀ ବନ୍ଧ ଯୋଜନାରେ ବୁଡି ଅଂଚଳରୁ ବିସ୍ଥାପିତ ହୋଇ ଆସିଥିବା ୩୦ପରିବାର ନୂଆ କଲୋନୀରେ ରହୁଛନ୍ତି ।ତେବେ ମହେଶ୍ୱର ପୁର ଗ୍ରାମ ଭିତରୁ ଏହି ଦୁଇ ସାହି କୁ ସିଧା ସଳଖ କୌଣସି ରାସ୍ତା ନ ଥିବାରୁ ସାତକୁଟୁଣିଆ ଛକରୁ ହୁଡ଼ି ତଳ ଦେଇ ଯାଇଥିବା ଏକ ମାତ୍ରପଥୁରିଆ ରାସ୍ତା ଉପରେ ନିର୍ଭର କରିଥାନ୍ତି । ଦୀର୍ଘ ଦିନ ରୁ ଏହି ରାସ୍ତାର ଉନ୍ନତି କରଣ ପାଇଁ ପଂଚାୟତ ଠାରୁ ବ୍ଲକ ପର୍ଯ୍ୟନ୍ତ ଦାବୀ ହୋଇ ଆସିଥିଲେ ମଧ ପଂଚାୟତ କିମ୍ବା ବ୍ଲକ କର୍ତ୍ତୃପକ୍ଷ ଏଥିପ୍ରତି କୌଣସି କର୍ଣ୍ଣପାତ କରି ନ ଥିବା ବେଳେ ଚଳିତ ବର୍ଷ ଲଗାଣ ବର୍ଷା ଯୋଗୁଁ ଏହି ରାସ୍ତା ମରଣଯନ୍ତା ପାଲଟିଛି । ଫଳରେ ବିସ୍ଥାପିତ ନୂଆ କଲୋନୀ ଓ ଟୁଙ୍ଗଲେଇ ସାହି ବାସୀ କାଦୁଅବନ୍ଦୀ ହୋଇ ଯମଯନ୍ତ୍ରଣା ଭୋଗୁଛନ୍ତି । ତେଣୁ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ରାସ୍ତାର ଉନ୍ନତି କରଣ କରିବାକୁ ସାହିବାସୀ ଦାବୀ କରିଛନ୍ତି ।

# ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୪/୦୮ (ନି.ପ୍ର): ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ମାନବେ ହେଲେ ବାମୁଣି ଗାଁ ସନିଆ ପରଜା , ରଥ ହରିଜନ, ଧନଞ୍ଜୟ ନାୟକ,କ୍ରିଷ୍ଣା ବିଷୋୟୀ । ସୁଚନା ଅନୁଯାଇ ୪ ଅଭିଯୁକ୍ତ ନାମରେ ଜୟପୁର ସଦର ଥାନା ରେ ଗତ ୨୦୨୨ ମସିହାରେ ଅପରାଧିକ ମାମଲା ରହିଥିଲା । ସେହି ଦିନ ଠାରୁ ସେ ମାନେ ଫେରାର ଥିବା ବେଳେ ଆଜି ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ସଚିନ୍ଦ୍ର ପ୍ରଧାନ ସୁଚନା ଦେଇଛନ୍ତି । ସେହିପରି ବି ମାଳିଗୁଡା ପ୍ରଶାନ୍ତ କୁମାର ପାଢୀ ନାମରେ ୨୦୨୧ ମସିହାରେ ମାମଲା ରହିଛିବା ବେଳେ ବସନ୍ତ କୁମାର ପାଢୀ ନାମରେ ୨୦୨୧ ମସିହାରେ ମାମଲା ରହିଥିଲା , ଦାମାପୁଟ ଗ୍ରାମର ଗିରି ଧର ଖରା ୨୦୧୧ ମସିହାରେ ମାମଲା ରହିଥିଲା, ହାଡିଆ ସୁଦେଶ ହରିଜନ ନାମରେ ୨୦୨୩ ମସିହାରେ ଅପରାଧିକ ମାମଲା ରହିଥିଲା । ସେହିଦିନ ଠାରୁ ସେ ମାନେ ଫେରାର ଥିବା ବେଳେ ଜୟପୁର ସଦର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।

# ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ସହ ବାଲେଶ୍ୱର ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ରକ୍ଷା ବନ୍ଧନ ପାଳିତ



ବାଲେଶ୍ୱର, ୪/୦୮ (ନି.ପ୍ର): ବାଲେଶ୍ୱରସ୍ଥିତ ସର୍କିଟ ହାଉସଠାରେ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବାଲେଶ୍ୱରର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହିତ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି ।ଏଥିରେ ମାନ୍ୟବର ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ରକ୍ଷା ବନ୍ଧନର ମହତ୍ତ୍ୱ ବିଷୟରେ ବର୍ଣ୍ଣନା କରିବା ସହିତ ରକ୍ଷା ବନ୍ଧନ ଉପରେ ନିଜର ସ୍ୱରଚିତ ସଙ୍ଗୀତ ଗାନ କରିଥିଲେ । ଏହି ଅବସରରେ ସରକାରୀ ଦଳର ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ ଭାଇମାନେ ଭଉଣୀମାନଙ୍କର ସୁରକ୍ଷା ନିମନ୍ତେ ରକ୍ଷା କବଚ ହେବା ଉଚିତ ବୋଲି ମନ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଦସ୍ୟା ବି. କେ. ମିନତୀ ରକ୍ଷା ବନ୍ଧନ ଏକ ଆଧାତ୍ମିକ ଚିନ୍ତନ ବୋଲି ମତବ୍ୟକ୍ତ କରିଥିଲେ । ଏହି ସଭାକୁ ମମତା ମହାପାତ୍ର ସଞ୍ଚାଳନ କରିଥିଲା ବେଳେ ପୂର୍ବତନ ସଭାପତି ଉମାକାନ୍ତ ମହାପାତ୍ର ରକ୍ଷା ବନ୍ଧନ ଆମ ସମସ୍ତଙ୍କ ପାଇଁ ଏକ ପବିତ୍ର ବନ୍ଧନ ବୋଲି ମତ ଦେଇ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଦସ୍ୟ-ସଦସ୍ୟା ବି. କେ. ଗୋପାଳ, ବି.କେ. ପ୍ରମୋଦ, ବି. କେ. ମିଲି ଓ ବି.କେ. ମୀନା ବିଜେପି ପକ୍ଷରୁ ଉପସ୍ଥିତ ଥିବା ପୂର୍ବତନ ସଭାପତି ଲମ୍ବୋଦର ନାୟକ, ପର୍ଶୁରାମ ବେହେରା, କମଳ ଲୋଚନ ଦାସ, ମିନାକ୍ଷୀ ମହାପାତ୍ର, ପରମାନନ୍ଦ ମହାପାତ୍ର, ଆଶିଷ ଘୋଷ, ପିଙ୍କି ପ୍ରଧାନ, ସସ୍ମିତା ଚାନ୍ଦ, ସିପ୍ରାରେଖା ମହାପାତ୍ର, ପ୍ରଶାନ୍ତି ସାହୁ, ସୁକାନ୍ତି ଦେବଗୋସ୍ୱାମୀ, ଚନ୍ଦ୍ରମଣି ମହାପାତ୍ର, ସୂର୍ଯ୍ୟ ନାରାୟଣ ସାହୁ, ପୂଜା ତରେଇ, କାଉନସିଲର, ସୋର, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ସରକାରୀ ଉପ ମୁଖ୍ୟ ସଚେତକଙ୍କ ବ୍ୟକ୍ତିଗତ ସହାୟକ କୃଷ୍ଣ ଚନ୍ଦ୍ର ସାହା ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତାଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ ।

# ଇରିଗେସନ କଲୋନୀ ସିଦ୍ଧେଶ୍ୱର ମନ୍ଦିରରୁ ଚୋରି

ଜୟପୁର, ୪/୦୮ (ନି.ପ୍ର): ଗତ ତିନିଦିନ ଧରି ଲିଙ୍ଗରାଜ ନଗର, ରୁଦ୍ରାକ୍ଷ ନଗର ଓ ଇରିଗେସନ କଲୋନୀରେ ଚୋରି ସଂଖ୍ୟା ବଢିବାରେ ଲାଗିଛି । ଗତକାଲି ମଧ୍ୟରାତ୍ରରେ କିଛି ଦୁର୍ବୃତ ମନ୍ଦିରର ୪ଟି ଗେଟର ତାଲା ଭାଙ୍ଗି ଚୋରି କରି ଷ୍ଟୋର ରୁମରୁ ଦୁଇଟି ଗ୍ୟାସ ସିଲିଣ୍ଡର, ପିତଳ ଥାଳି, ଠାକୁରଙ୍କ ଲୁଗା ସବୁ ଚୋରି କରି ନେଇଯାଇଛନ୍ତି । ଆଜି ସକାଳୁ ମନ୍ଦିର ସମ୍ମୁଖରେ ଥିବା ଦୋକାନୀ ମନ୍ଦିରର ସମସ୍ତ ଗେଟ ଭାଙ୍ଗିଥିବା ଦେଖିବା ପରେ ତୁରନ୍ତ ସ୍ଥାନୀୟ ଲୋକେ ଓ ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣା ସ୍ଥଳରେ ପହଁଚି ଘଟଣାରେ ତଦନ୍ତ କରିବା ସହ ଏକ ମମାଲା ରୁଜୁ କରିଛନ୍ତି । ଲଗାତାର ଦୁଇଦିନ ଦିନ ଧରି ଚୋର ଦଳ ରୁଦ୍ରାକ୍ଷ ନଗର ଇରିଗେସନ କଲୋନୀ ଓ ଲିଙ୍ଗରାଜ ନଗର ଅଂଚଳରେ ଚୋରି କରିବାରେ ସଫଳ ହେବା ପରେ ବର୍ତମାନ ମନ୍ଦିରମଧ୍ୟରେ ପ୍ରବେଶ କଲେଣି । ଗତକାଲି ସିସିଟିଭି କ୍ୟାମେରାରେ ଚୋର ଦଳଙ୍କ ଫୋଟ ଆସିବା ପରେ ମଧ ପୁଲିସ ଏଯାବତ କାହାରିକୁ ଗିରଫ କରିନାହିଁ । ଦିନେ ଦୁଇ ଦିନ ମଧ୍ୟରେ ଚୋରଦଳକୁ ଧରିବାରେ ଟାଉନପୁଲିସ ସଫଳ ହେବ ବୋଲି ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତ ପ୍ରକାଶ କରିଛନ୍ତି ।

# ପୋଖରୀରେ ପଡ଼ି ମହିଳା ମୃତ

ଭଦ୍ରକ, ୪/୦୮ (ନି.ପ୍ର): ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ନରେନ୍ଦ୍ରପୁର ଗ୍ରାମର ସୁରେଶ ସାହୁଙ୍କ ପତ୍ନୀ ରେବତୀ ସାହୁ (୪୦) ପୋଖରୀରେ ପଡ଼ି ଯାଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକ ଓ ଗ୍ରାମବାସୀ ତିହିଡ଼ି ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ପ୍ରକାଶ ଯେ, ରବିବାର ସକାଳେ ରେବତୀ ଘରୁ କେଉଁଆଡ଼େ ଚାଲି ଯାଇଥିଲେ । ପରିବାର ଲୋକ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ । ମାତ୍ର ଜଣେ ଗ୍ରାମବାସୀ ଗ୍ରାମ ନିକଟସ୍ଥ ଏକ ପୋଖରୀରେ ରେବତୀ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବାର ଦେଖି ପରିବାରକୁ ଖବର ଦେଇଥିଲେ । ପରିବାର ଲୋକ ଓ ଗ୍ରାମବାସୀ ରେବତୀଙ୍କ ପାଖରେ ପହଂଚି ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ । ଏ ସମ୍ପର୍କରେ ପୀରହାଟ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ମାଜିଷ୍ଟ୍ରେଟ ନମିତା ଧଳ ଶବ ଇନ୍‌କ୍ୱେଷ୍ଟ କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା ।

# କୃଷ୍ଣଚରଣ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ଭଦ୍ରକ, ୪/୦୮ (ନି.ପ୍ର): ପୁରାତନ ଆଗରପଡା କୃଷ୍ଣ ଚରଣ ବିଦ୍ୟାମନ୍ଦିରର ୧୯୭୨ ମସିହା ପୁରାତନ ଛାତ୍ର ମାନଙ୍କୁ ନେଇ ଆଜି ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୫୦ ରୁ ଊର୍ଦ୍ଧ ଯୋଗ ଦେଇ ଭାବର ଆଦାନ ପ୍ରଦାନ କରିଥିଲେ । ପୁରାତନ ଛାତ୍ର ସୁବାଷ ଚନ୍ଦ୍ର ଦାଶଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉତ୍ସବରେ ନଗେନ୍ କୁମାର ବାରିକ, ଡ.ଉମେଶ ଚନ୍ଦ୍ର ପୃଷ୍ଟି,ଡ.ଲଲାଟେନ୍ଦୁ କୁମାର ଆଇଚ,ଲକ୍ଷ୍ମୀଧର ସ୍ୱାଇଁ,ପ୍ରଭାତ କୁମାର ପଣ୍ଡା,ଶତ୍ରୁଘ୍ନ ପାଣିଗ୍ରାହୀ, ମହେନ୍ଦ୍ର କୁମାର ମିଶ୍ର,ଗୟାଧର ପଡିହାରୀ, ରତ୍ନାକର ଦାସ, କରୁଣାକର ପୁହାଣ, ହାଡିବନ୍ଧୁ ଜେନା, କାର୍ତ୍ତିକ ଚନ୍ଦ୍ର ମହାନ୍ତି, କୈଳାସ ଚନ୍ଦ୍ର ସାହୁ, ରାଧାଶ୍ୟାମ ନାୟକ, କମଳାକାନ୍ତ ସାହୁ, ଜନାର୍ଦ୍ଦନ ସାହୁ,ଅମୂଲ୍ୟ ପାଣିଗ୍ରାହୀ, ନରୋତମ ଜେନା,ଅର୍ଜୁନ ଚରଣ ସିଂହ, କମଳାକାନ୍ତ ବେହେରା, ରାଧାଶ୍ୟାମ ନାୟକ,ଅନ୍ନପୂର୍ଣ୍ଣା ଦାଶ, ମାଳତୀ ସ୍ୱାଇଁ, ବନପ୍ରିୟା ଦାସ ପ୍ରମୁଖ ଯୋଗ ଦେଇ ବିଗତ ଦିନର ସ୍ମୃତିକୁ ମନେପକାଇବା ସହ ବର୍ତମାନ କର୍ମକ୍ଷେତ୍ରରେ ଅବସ୍ଥାପିତ ନେଇ ନିଜ ନିଜର ଅନୁଭୂତି ରଖିଥିଲେ । ବୟସର ଅପରାହ୍ନରେ ଶରୀର ସୁସ୍ଥ ରହିବା ନେଇ ନିୟମିତ ଯୋଗପ୍ରତି ବ୍ରତୀ ହେବାକୁ ଗୁରୁତ୍ୱାରୋପ କରାଯାଇଥିଲା । ଆଗାମୀ ଦିନରେ ବାର୍ଷିକ ଉତ୍ସବ ପାଳନ ନେଇ କାର୍ଯ୍ୟକାରୀ କମିଟି ଗଠିତ ହୋଇଛି । ଏହି ଅବସରରେ ବିଦ୍ୟାଳୟ ପରିସରରେ ବଉଳ, ଆମଳା, ବାହାଡା ଆଦି ବୃକ୍ଷରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ ଯେନା ଉପସ୍ଥିତ ଥିଲେ ।

# ଜାତୀୟ ଅଂଗଦାନ ଦିବସରେ ଦମ୍ପତିଙ୍କ ଶରୀର ଦାନ ପାଇଁ ଶପଥ

ବଲାଙ୍ଗିର, ୪/୦୮ (ନି.ପ୍ର): ୧୫ତମ ଜାତୀୟ ଅଙ୍ଗଦାନ ଦିବସରେ ସ୍ଥାନୀୟ ସନ୍ଥ ଭୀମ ଭୋଇ ଭେଷଜ ମହା ବିଦ୍ୟାଳୟରେ ସୁବର୍ଣ୍ଣପୁର ଜିଲ୍ଲା ଲଛିପୁର ଗ୍ରାମର ଏକ ଦମ୍ପତି ପବିତ୍ର ନାରାୟଣ ନେପାକ ଓ ତାଙ୍କ ସ୍ତ୍ରୀ ଶୋଭନା ମହାପାତ୍ର ସ୍ୱେଚ୍ଛାକୃତ ଭାବେ ନିଜର ମୃତ୍ୟୁ ପରେ ନିଜନିଜର ମରଶରୀରକୁ ଭେଷଜ ମହାବିଦ୍ୟାଳୟକୁ ଦାନ କରିବା ପାଇଁ ସମସ୍ତ ଆବଶ୍ୟକୀୟ କାଗଜ ପତ୍ର ଓ ପରିବାର ବର୍ଗଙ୍କ ସହମତି ପତ୍ର ପ୍ରଦାନ କରିଛନ୍ତି ।

# ଜିଲ୍ଲା ସଭାପତିଙ୍କୁ ଓଡ଼ିଶା ଅମଲା ସଂଘ ନିର୍ବାଚନ ଦାୟିତ୍ୱ

ଜୟପୁର, ୪/୦୮ (ନି.ପ୍ର): ଓଡ଼ିଶା ଅମଲା ସଂଘ ନବରଙ୍ଗପୁର ଜିଲ୍ଲା ଶାଖା କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଥିବା ବେଳେ ଓଡ଼ିଶା ଅମଲା ସଂଘ ର ପ୍ରତିଷ୍ଠା ଦିବସ ପାଳିତ ହେବା ସମୟରେ ସଙ୍ଗମ୍ କଲ୍ୟାଣ ମଣ୍ଡପ ଜୟନଗର ଜୟପୁର ଠାରେ ରାଜ୍ୟ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘ ଶ୍ରୀ ଚିତ୍ତରଞ୍ଜନ ତରାସିଆ ଅତିଶିଘ୍ର ଓଡ଼ିଶା ଅମଲା ସଂଘ ନବରଙ୍ଗପୁର ଜିଲ୍ଲା ର ନିର୍ବାଚନ ଓ ଚୟନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ପ୍ରସ୍ତାବକୁ ଆଗ୍ରାହ୍ୟ କରି ରାଜ୍ୟ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘ ଶ୍ରୀ ଚିତ୍ତରଞ୍ଜନ ତରାସିଆ ତାଙ୍କ ପତ୍ର ସଂଖ୍ୟା ୧୩୫ ତା ୨୫.୦୭.୨୦୨୫ ରିଖ ଏକ ଆଦେଶ ଜାରି କରିଥିଲେ ସେଥିରେ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସଭାପତି ଶ୍ରୀ ଶଶୀଭୂଷଣ ଦାଶ୍ ଙ୍କୁ ଓଡ଼ିଶା ଅମଲା ସଂଘ ନବରଙ୍ଗପୁର ଜିଲ୍ଲା ଶାଖା ର ନିର୍ବାଚନ ଦାୟିତ୍ୱ ଦିଆଯାଇଥିବା ସଂଘ ପକ୍ଷରୁ ପ୍ରକାଶ ।ଏ ନେଇ ଆଜି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଏକ ନିର୍ବାଚନ କମିଟି ଗଠନ କରାଯାଇଥିଲା । ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ସଭାଗୃହ ଠାରେ ଅନୁଷ୍ଠିତ ବୈଠକରେ ଶ୍ରୀ ଶଶୀଭୂଷଣ ଦାଶ୍ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସଭାପତି ଶଶୀ ଭୂଷଣ ଦାସ ଙ୍କ ଅଧ୍ୟକ୍ଷତା କରିଥିଲେ । ଉକ୍ତ ବୈଠକରେ କୋରାପୁଟ ଜିଲ୍ଲା ଶାଖା ର ବରିଷ୍ଠ କର୍ମକର୍ତ୍ତା ଓ ସଦସ୍ୟ ମାନେ ଯୋଗଦାନ କରିଥିଲେ । ସର୍ବ ସମ୍ମତି କ୍ରମେ ନିର୍ବାଚନ କମିଟି ରେ ଶ୍ରୀ ଶଶୀଭୂଷଣ ଦାଶ୍ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ଅଧ୍ୟକ୍ଷ ରହିଥିବା ବେଳେ, ଶ୍ରୀ ସଞ୍ଜୟ କୁମାର ପଣ୍ଡା, ସମ୍ପାଦକ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ଶ୍ରୀ ଜଗେନ୍ଦ୍ର ଚୈଧୁରି ବରିଷ୍ଠ ସଦସ୍ୟ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ସତ୍ୟ ରଞ୍ଜନ ତ୍ରିପାଠୀ ବରିଷ୍ଠ ସଦସ୍ୟ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ଓ ଶ୍ରୀ ସଞ୍ଜିବ କୁମାର ପଟ୍ଟନାୟକ ବରିଷ୍ଠ ସଦସ୍ୟ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ନିର୍ବାଚନ କମିଟି ସଦସ୍ୟ ରୁପେ ମନନିତ ହୋଇଥିବା ସଂଘ ପକ୍ଷରୁ ସୂଚନା ମିଳିଥିଲା ।


## ସର୍ବସାଧାରଣଙ୍କ ନିମନ୍ତେ ନୋଟିସ

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଛି ଯେ ଶ୍ରୀ ଉମେଶ ଚନ୍ଦ୍ର ସାମଲ, ପିତା-ନରହରି ସାମଲ, ଗ୍ରାମ- ଟିଲୋ, ଜିଲ୍ଲା- ଭଦ୍ରକ (ଋଣ ଗୃହିତା) ନିମ୍ନରେ ବିବରଣୀ ସମ୍ପତ୍ତିକୁ ବୀଣାପାଣି ସାମଲ, ସ୍ୱାମୀ- ନରହରି ସାମଲ ଠାରୁ କ୍ରୟ କରିଛନ୍ତି ଏବଂ IDFC Bank ଏହି ସମ୍ପତ୍ତି ସପକ୍ଷରେ ବନ୍ଧକ ସୃଷ୍ଟି କରିବାକୁ ଯାଉଛି । ଟିଲୋ ମୌଜା ଅନ୍ତର୍ଗତ ବସଷ୍ଟପରେ ଗତ ତା- ୧୪/୦୬/୨୦୨୫ ରିଖରେ କବଲା ନମ୍ବର ୪୭୯୨ ଏବଂ ୪୭୯ ହଜିଯାଇଛି । ଯଦି କୌଣସି ବ୍ୟକ୍ତି ବା ଅନୁଷ୍ଠାନଙ୍କର ନିମ୍ନ ସମ୍ପତ୍ତି ଉପରେ ଦାବି ହକ ବା ଅଧିକାର ଥାଏ ତେବେ ନିମ୍ନ ସୂଚନାକାରୀ ବ୍ୟକ୍ତିଙ୍କ ନିକଟରେ ୧୫ ଦିନ ମଧ୍ୟରେ ଦାବି ଉପସ୍ଥାପନ କରନ୍ତୁ ଅନ୍ୟଥା ଏହା ଦାବିମୁକ୍ତ ବୋଲି ବିବେଚନା କରାଯିବ ।

ବିବରଣୀ; ଜିଲ୍ଲା - ଭଦ୍ରକ, ଥାନା- ବନ୍ତ, ଗ୍ରାମ- ଟିଲୋ, ତହସିଲ; ବନ୍ତ । ଖାତା ; ୮୭୯/୧୭୧୪, ପ୍ଲଟ ନଂ- ୧୨୩୪/ ୮୯୦୯ (୦.୧୦) ଡେସିମିଲ ।

ଯୋଗାଯୋଗ - ପ୍ରଭାକର ପଟ୍ଟନାୟକ (ଆଇନଜୀବି)
ମୋ; ୯୭୭୮୦୭୦୫୯୦ / ୭୦୭୭୭୦୪୫୯୦



## OFFICE OF THE REGULATED MARKET COMMITTEE, JALESWAR

AT-NANDIKA, PO-JALESWAR, DIST-BALASORE PIN- 756032 Mail: rmcnilgiri123@gmail.com

***CONSTRUCTION OF TREATMENT OF EXPANSION JOINT OVER ROOF OF SMALL GODOWN-CUM-SHOP AT DEULA MARKET YARD UNDER RMC JALESWAR.***

**Notice No. 424 //Date. 01.08.2024//**

Sealed Tenders are invited from Registered **'D' & 'C'** Class Contractors having valid license for ***'CONSTRUCTION OF TREATMENT OF EXPANSION JOINT OVER ROOF OF SMALL GODOWN-CUM-SHOP AT DEULA MARKET YARD UNDER RMC JALESWAR,*** At-Nandika, Po-Jaleswar Dist.- Baleswar. The Sealed Tenders must reach the O/o the Regulated Market Committee, Jaleswar during office hours from 10.00 A.M. to 5.00 PM on or before Dt. 19.08.2025. The estimated Project Cost is **Rs. 2,53,452/-(Rupees Two Lakhs Fifty-Three Thousand Four Hundred & Fifty-Two)** only excluding GST, Contingency & Supervision Charges. The EMD amount is 2% of the estimated Project Cost i.e. **Rs.5070/- (Rupees Five Thousand Seventy only)** which will be deposited in the shape of Demand Draft in favor of the Secretary, Regulated Market Committee, Jaleswar. The details of the estimate may be procured by depositing a requisite fee i.e. Rs. 600/- (Rupees Six hundred) only from the office during office hours i.e. 10.00 AM to 3.00 PM from *Dt. 05.08.2025 to on Dt. 19.08.2025*. The Sealed Tenders will be opened at *11.00 AM on Dt.20/08.2025* at O/o the RMC, Jaleswar. The work completion period is 01 months from the date of issue of work order.
***The Authority reserves the right to reject any or all Tenders at any time without assigning any reason thereof.***

**Sd/-**
**Sub-Collector, Baleshwar-cum-Chairman, RMC, Jaleswar**

1. **Copy to the Office Notice Board for display.**
2. **Copy to the Office Notice Board of Sub-Collector-cum-Chairman, RMC, Baleswar for display.**
3. **Copy to any Odia Daily News Paper for wide publication.**

# ଯୁବକମାନଙ୍କ ପାଖରେ ଏହି ୫ ଗୁଣ ଥିଲେ ଝିଅମାନେ ହୋଇଥାନ୍ତି ପ୍ରଭାବିତ

ଏମିତି ଅନେକ ଯୁବକ ଅଛନ୍ତି ଯେଉଁମାନଙ୍କୁ ଝିଅମାନେ ବହୁତ ପସନ୍ଦ କରନ୍ତି ଏବଂ ସେମାନଙ୍କୁ ନିଜ ବନ୍ଧୁ କରିବାକୁ ଚାହାଁନ୍ତି। ଯଦି ଜଣେ ମୁଖ୍ୟତଃ ପାଞ୍ଚଟି ଜିନିଷ ଉପରେ ଧ୍ୟାନ ଦେବ ସେହି ଯୁବକଙ୍କ ପ୍ରତି ଝିଅମାନେ ପ୍ରଭାବିତ ହେବେ।

ପ୍ରାୟ ପୁଅମାନେ ସେମାନଙ୍କର ଗର୍ଲଫ୍ରେଣ୍ଡମାନଙ୍କୁ ପ୍ରଭାବିତ କରିବା ପାଇଁ କିଛି ନା କିଛି କରନ୍ତି। ଅନେକ ସମୟରେ କିନ୍ତୁ ଦେଖାଯାଏ ଅନେକ ଯୁବକ ଝିଅମାନଙ୍କୁ ପ୍ରଭାବିତ କରିପାରନ୍ତି ନାହିଁ। କିନ୍ତୁ ଏମିତି ଅନେକ ଯୁବକ ଅଛନ୍ତି ଯେଉଁମାନଙ୍କୁ ଝିଅମାନେ ବହୁତ ପସନ୍ଦ କରନ୍ତି ଏବଂ ସେମାନଙ୍କୁ ନିଜ ବନ୍ଧୁ କରିବାକୁ ଚାହାଁନ୍ତି।

ତେବେ ଏହିସବୁ ଯୁବକମାନଙ୍କ ପାଖରେ ଏମିତି କିଛି ଗୁଣ ଥାଏ ଯାହା ପ୍ରତି ଝିଅମାନେ ଚୁମ୍ବକ ଭଳି ଆକର୍ଷିତ ହୁଅନ୍ତି।

ତେବେ ଏହା ପଛରେ କିଛି ମୁଖ୍ୟ କାରଣ ରହିଛି। ଯଦି ଜଣେ ମୁଖ୍ୟତଃ ପାଞ୍ଚଟି ଜିନିଷ ଉପରେ ଧ୍ୟାନ ଦେବ ସେହି ଯୁବକଙ୍କ ପ୍ରତି ଝିଅମାନେ ପ୍ରଭାବିତ ହେବେ ଏବଂ ସେମାନଙ୍କ ବନ୍ଧୁ କରିବାକୁ ଚାହିଁବେ। ଆସନ୍ତୁ ଏହି ୫ଟି ଗୁଣ ବିଷୟରେ ଜାଣିବା।



ଯୁବକଙ୍କ ୫ ଗୁଣ:

ଝିଅମାନଙ୍କୁ ପ୍ରଭାବିତ କରିବା ପାଇଁ ସର୍ବପ୍ରଥମେ ଯୁବକମାନେ ସେମାନଙ୍କ ଶରୀର ପ୍ରତି ଧ୍ୟାନ ଦେବା ଉଚିତ। ଯେଉଁମାନଙ୍କର ଫିଟ୍ ଶରୀର ଥାଏ ସେମାନେ ପ୍ରାୟତଃ ଖୁବ ଆକର୍ଷଣୀୟ ଦେଖାଯାଆନ୍ତି।

ଯେଉଁ ଯୁବକମାନେ ଏକ ଲକ୍ଷ୍ୟ ରଖିଥାନ୍ତି ଏବଂ ସେ ଲକ୍ଷ୍ୟ ପ୍ରତି ସମ୍ପୂର୍ଣ୍ଣ ସଚ୍ଚୋଟ ରୁହନ୍ତି, ପ୍ରାୟ ଝିଅମାନେ ସେମାନଙ୍କୁ ଅଧିକ ପସନ୍ଦ କରନ୍ତି।

କଥାବାର୍ତ୍ତାର ଶୈଳୀ, କଥାବାର୍ତ୍ତାରେ ଭଦ୍ରତା ଏବଂ ସାମ୍ନା ଲୋକଙ୍କୁ ସମ୍ମାନ ଦେଇ ନିଜର ମତ ପ୍ରକାଶ କରିବା ଭଳି ଗୁଣକୁ ଝିଅମାନେ ଖୁବ ଭଲ ପାଆନ୍ତି।

ସଫା-ସୁତୁରା ଖାଇବା ଏକ ଭଲ ଅଭ୍ୟାସ। ଏହା ନିଜ ଶରୀର ପ୍ରତି ଏକ ସଚେତନତା ଦର୍ଶାଏ। ଏହି ସତର୍କତା ଜଣଙ୍କୁ ଏକ ଆକର୍ଷଣୀୟ ମଣିଷ କରିଥାଏ ଏବଂ ଚେହେରାରେ ଚମକ ଆଣିଥାଏ। ଏହି କାରଣରୁ ଜଣେ ସୁନ୍ଦର ଦେଖାଯାଆନ୍ତି ଏବଂ ଲୋକମାନେ ଆକର୍ଷିତ ହୁଅନ୍ତି।

ଦେଖାଯାଏ ଯେ କ୍ରୀଡା ପ୍ରତି ଆଗ୍ରହୀ ଯୁବକମାନେ କ୍ରୀଡ଼ାରେ ବହୁତ ଭଲ ପ୍ରଦର୍ଶନ କରନ୍ତି। ଏହା ସେମାନଙ୍କର ବ୍ୟକ୍ତିତ୍ୱର ବିକାଶ କରେ ଏବଂ ଝିଅମାନେ ସେମାନଙ୍କ ପ୍ରତି ଅଧିକ ଆଗ୍ରହ ଦେଖାନ୍ତି।

# ଭିଟାମିନରେ ଭରପୂର ଶସ୍ୟଜାତୀୟ ଫସଲ 'ମାଣ୍ଡିଆ'

ମାଣ୍ଡିଆ ଏକ କ୍ଷୁଦ୍ରଶସ୍ୟଜାତୀୟ ଫସଲ। ଓଡ଼ିଶାର ମାଲକାନାଗିରି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, ଫୁଲବାଣୀ, କୋରାପୁଟ, ଗଞ୍ଜାମ, ନୂଆପଡ଼ା ଆଦି ଜିଲ୍ଲାରେ ଏହାର ଚାଷ କରାଯାଉଛି। ଏହି ଫସଲର ମରୁଡ଼ି ସହଣି ଶକ୍ତି ରହିଥିବାରୁ ଏହାକୁ ପାହାଡ଼ିଆ ଓ ନିପାଣିଆ ଜମିରେ ସଫଳ ଭାବେ ଚାଷ କରାଯାଇପାରିବ। ମାଣ୍ଡିଆ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବେଶ୍ ଉପକାରୀ। ଏହାକୁ ଖାଇବା ଦ୍ୱାରା ପେଟ ଥଣ୍ଡା ରହିବା ସହ ଗ୍ୟାସ ସମସ୍ୟାରୁ ମୁକ୍ତି ମିଳିଥାଏ। ମାଣ୍ଡିଆରେ ଆମିନୋଏସିଡ୍ ଥିବା ଯୋଗୁଁ ଏହା ଜଣ୍ଡିସ ଓ ମଧୁମେହ ରୋଗୀଙ୍କ ପାଇଁ ଅତ୍ୟନ୍ତ ଉପକାରୀ।

ପରିସଂଖ୍ୟାନ ଅନୁଯାୟୀ ୨୦୧୨-୧୩ ମସିହାରେ ଓଡ଼ିଶାର ପ୍ରାୟ ୧ଲକ୍ଷ ୭୦ହଜାର ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯାଇ ବର୍ଷକୁ ୧ଲକ୍ଷ ୫୧ହଜାର ମେଟ୍ରିକ ଟନ ଅମଳ କରାଯାଉଛି। ହେକ୍ଟର ପ୍ରତି ଅମଳ କ୍ଷମତା ହେଉଛି ୮୯୫କିଗ୍ରା। ଏହି ଶସ୍ୟଟିରେ ଚାହିଦା ବଢୁଥିବା ଲକ୍ଷ୍ୟକରି ସରକାରଙ୍କ ପକ୍ଷରୁ ଏହାର ଉତ୍ପାଦନ ବୃଦ୍ଧି ପାଇଁ ଗୁରୁତ୍ୱ ପ୍ରଦାନ କରାଯାଉଛି।

ବିହନ କିସମ: ନୀଳାଚଳ, ଶ୍ୱେତା, ଚିଲିକା, ସ୍ୱର୍ଣ୍ଣ, ଶୁଭ୍ରା ଭୈରବୀ, ଗୋଦାବରୀ।

ବିହନ ବିଶୋଧନ: ବିହନ କିଲୋଗ୍ରାମ ପ୍ରତି ୨-୩ ଗ୍ରାମ କ୍ୟାପଟାନ/ଥିରାମ ବା ୧.୫ ଗ୍ରାମ କାର୍ବେଣ୍ଡାଜିମ ମିଶାଇ ବିଶୋଧନକରନ୍ତୁ। ବର୍ଷରେ ୩ଥର ମାଣ୍ଡିଆ ବୁଣାଯାଏ। ଜୁନ ମାସ ପ୍ରଥମ ଓ ଦ୍ୱିତୀୟ ସପ୍ତାହ ମଧ୍ୟରେ ସେପ୍ଟେମ୍ବର ୧୫ ତାରିଖରୁ ଅକ୍ଟୋବର ମଧ୍ୟରେ ଓ ଜାନୁଆରୀ ୨୦ ତାରିଖରୁ ଫେବୃଆରୀ ୧୫ ତାରିଖ ମଧ୍ୟରେ। ଧାଡ଼ିରେ ବୁଣିଲେ ହେକ୍ଟର ପ୍ରତି ୮ କିଗ୍ରା ବିହନ ଦରକାର ହୁଏ। ଛଟା ବୁଣା ହେକ୍ଟର ପ୍ରତି ୧୦ କିଗ୍ରା ବିହନ ଲାଗେ। ଧାଡ଼ିକୁ ଧାଡ଼ି ୨୫ ସେମି ବ୍ୟବଧାନରେ ୩-୪ସେମି ଗଭୀରରେ ବିଶୋଧିତ ବିହନ ବୁଣିବାକୁ ହୁଏ ମାଣ୍ଡିଆ ରୋଇଲେ ଆଦାୟ ଅଧିକ ହୁଏ। ହେକ୍ଟର ପ୍ରତି ୬ କିଗ୍ରା ବିହନ ଦରକାର ହୁଏ। ଖରାଦିନେ ମାଣ୍ଡିଆରେ ଆବଶ୍ୟକ ସ୍ଥଳେ ପ୍ରତି ୭ଦିନ ଅନ୍ତରରେ ପାଣି ମଡ଼ାଯିବା ଦରକାର।



ସମନ୍ୱିତ ରୋଗପୋକ ପରିଚାଳନା: ମାଣ୍ଡିଆରେ କାଣ୍ଡବିନ୍ଧା ପୋକ, ଦିଆଲିପୋକ, କରପୋକ, ଝିଣ୍ଟିକା, ରଇ, ସଂବାଳୁଆ ଆଦି କ୍ଷତିକାରକ ପୋକ ଲାଗନ୍ତି। କାଣ୍ଡବିନ୍ଧା ପୋକ ଦମନ ପାଇଁ ହେକ୍ଟର ପ୍ରତି ମନୋକ୍ରୋଟାଫସ ୩୬% ଏସଏଲ ୧.୪ ଲିଟର କିମ୍ବା କ୍ଲୋରୋପାଇରିଫସ ୧୨୫୦ମି.ଲି, କିମ୍ବା ଟ୍ରାୟୋଜୋଫସ ୪୦% ଇସି ୮୭୫ମି.ଲି ୫୦୦ ମଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଜଉପୋକ ପାଇଁ କ୍ଲେଶରୋପାଇରିଫସ ୨୦% ଇସି ୧୨୫୦ମି.ଲି କିମ୍ବା ଏଣ୍ଡୋସଲଫାନ ୩୫% ଇସି ୧.୪ ଲିଟର ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଝିଣ୍ଟିକା ପାଇଁ ହେକ୍ଟର ପ୍ରତି ୨୫ କିଗ୍ରା ମାଲାଥିଆନ କିମ୍ବା କ୍ଲୋରୋପାଇରିଫସ ଗୁଣ୍ଡ ବିଞ୍ଚନ୍ତୁ। ମାଣ୍ଡିଆ କିସମ ଅନୁସାରେ ୯୦-୧୨୯୦ ଦିନ ମଧ୍ୟ; ଅମଳ ହୁଏ।



# ଶାକାହାରୀ ବ୍ୟକ୍ତି କିପରି ପାଇବେ ଭିଟାମିନ୍ ବି୧୨: ଏହିସବୁ ଖାଦ୍ୟ ଦେବ ଲାଭ

ଭିଟାମିନ୍ ବି ୧୨ ଡିଏନ୍ଏ ସିନଥେସିସ୍ ଏବଂ ଲାଲ ରକ୍ତ କଣିକା ତିଆରି କରିବା ସହିତ ଏହାର ଅନେକ ଶାରୀରିକ କାର୍ଯ୍ୟ ଅଛି। ଭିଟାମିନ୍ ବି ୧୨ ସାଧାରଣତଃ ପଶୁଜାତୀୟ ଖାଦ୍ୟରୁ ଅଧିକ ମିଳିଥାଏ। ତେବେ ଏହା ଶାକାହାରୀମାନଙ୍କ ପାଇଁ ଏକ ଚ୍ୟାଲେଞ୍ଜ୍ ସୃଷ୍ଟି କରିପାରେ।

ଲୋକମାନଙ୍କ ପାଖରେ ଯେତେବେଳେ ଭିଟାମିନ୍ ବି ୧୨ ର ଅଭାବ ପଡେ, ଏଥିପାଇଁ ସେମାନେ ସପ୍ଲିମେଣ୍ଟ ନିଅନ୍ତି। ଭିଟାମିନ୍ ବି ୧୨ ଡିଏନ୍ଏ ସିନଥେସିସ୍ ଏବଂ ଲାଲ ରକ୍ତ କଣିକା ତିଆରି କରିବା ସହିତ ଏହାର ଅନେକ ଶାରୀରିକ କାର୍ଯ୍ୟ ଅଛି। ଭିଟାମିନ୍ ବି ୧୨ ସାଧାରଣତଃ ପଶୁଜାତୀୟ ଖାଦ୍ୟରୁ ଅଧିକ ମିଳିଥାଏ। ତେବେ ଏହା ଶାକାହାରୀମାନଙ୍କ ପାଇଁ ଏକ ଚ୍ୟାଲେଞ୍ଜ୍ ସୃଷ୍ଟି କରିପାରେ।

ତଥାପି, ଏମିତି ଅନେକ ଶାକାହାରୀ ଖାଦ୍ୟ ଅଛି ଯାହା ଭିଟାମିନ୍ ବି ୧୨ ର ଅଭାବକୁ ପୂରଣ କରିପାରିବ। ଶାକାହାରୀମାନେ ସେମାନଙ୍କର ସ୍ୱାସ୍ଥ୍ୟ ବୃଦ୍ଧି ପାଇଁ ଭିଟାମିନ୍ ବି ୧୨ ଥିବା ଖାଦ୍ୟ ଖାଇପାରିବେ। ଏହି ଭିଟାମିନ୍‌ର ବଡ ଉତ୍ସ ଥିବା କେତେକ ଖାଦ୍ୟ ବିଷୟରେ ଆସନ୍ତୁ ଜାଣିବା।



ଫର୍ଟିଫାଇଡ୍ ଫୁଡ୍:

ପୁରା ଶସ୍ୟ, ଉଦ୍ଭିଦ ତେଲ ଇତ୍ୟାଦି ଖାଦ୍ୟ ଶାକାହାରୀମାନଙ୍କ ପାଇଁ ଭିଟାମିନ୍ ବି ୧୨ ର ଏକ ଉତ୍କୃଷ୍ଟ ଉତ୍ସ। ଉଦ୍ଭିଦ ଭିତ୍ତିକ ଦୁଗ୍ଧ, କେତେକେ ଶସ୍ୟ ପରି ଅନେକ ଖାଦ୍ୟ ଭିଟାମିନ୍ ବି ୧୨ରେ ଭରପୂର। ଏହି ଖାଦ୍ୟ ଶାକାହାରୀମାନଙ୍କ ପାଇଁ ଭିଟାମିନ୍ ବି ୧୨ର ଏକ ସୁବିଧାଜନକ ଏବଂ ନିର୍ଭରଯୋଗ୍ୟ ଉତ୍ସ ପ୍ରଦାନ କରିପାରିବ।



ଫର୍ମିଟେଡ୍ ଫୁଡ୍

ଶାକାହାରୀମାନଙ୍କ ପାଇଁ ଭିଟାମିନ୍ ବି ୧୨ର ସମ୍ଭାବ୍ୟ ଉତ୍ସ ଭାବରେ ଫର୍ମିଟେଡ୍ ଫୁଡ୍(ଆଚାର ଜାତୀୟ) ମଧ୍ୟ ପରାମର୍ଶ ଦିଆଯାଏ। ଅବଶ୍ୟ, ଫର୍ମିଟେଡ୍ ଫୁଡ୍ ଭିଟାମିନ୍ ବି ୧୨ ର ପରିମାଣ ଭିନ୍ନ ହୋଇଥାଏ ଏବଂ ଅନେକ କାରଣ ଉପରେ ନିର୍ଭର କରିପାରେ।



କ୍ଷୀର ଏବଂ ଦୁଗ୍ଧଜାତ ଦ୍ରବ୍ୟ

ଶାକାହାରୀ ଖାଦ୍ୟରେ ପର୍ଯ୍ୟାପ୍ତ ପରିମାଣର ଭିଟାମିନ୍ ବି ୧୨ ପାଇବା ପାଇଁ ସହଜ ଉପାୟ ହେଉଛି ଦୁଗ୍ଧଜାତ ଦ୍ରବ୍ୟ ଖାଇବା। ଖାଦ୍ୟରେ କ୍ଷୀର, ଦହୀ ଏବଂ ଅନ୍ୟାନ୍ୟ ଜିନିଷ ସାମିଲ କରନ୍ତୁ।



ବିଟ୍ସ:

ବିଟ୍ସରେ ଆଇରନ୍, ଫାଇବର, ପୋଟାସିୟମ୍ ଏବଂ ଭିଟାମିନ୍ ବି ୧୨ ଭରପୂର ମିଳେ। ବିଟ୍ସ ନିୟମିତ ଖାଇବା ଦ୍ୱାରା ଚୁଟି ବଢିବାରେ ସାହାଯ୍ୟ କରେ, ଚର୍ମକୁ ଚମକାଇଥାଏ, ରକ୍ତ ସଞ୍ଚାଳନ ଏବଂ ସହନଶୀଳତା ବଢେ।

# ଛାତିପୋଡ଼ା ବନାମ୍ ହୃଦ୍‌ଘାତ

ବେଳେ ବେଳେ ଆମେ ଛାତିପୋଡ଼ାକୁ ହୃଦ୍‌ଘାତ ବୋଲି ଭାବିନେଉ। ପୁଣି ହୃଦ୍‌ଘାତକୁ ବୁକୁପୋଡ଼ା ବୋଲି ମନେକରିଥାଉ। ତେବେ ଏଇ ଦୁଇଟି ଭିତରେ ରହିଥିବା ପାର୍ଥକ୍ୟକୁ ବୁଝିବା ନିହାତି ଜରୁରି। ଛାତିପୋଡ଼ା ସାଧାରଣତଃ ହଜମକ୍ରିୟା ସହ ଜଡ଼ିତ ଥିବା ବେଳେ ହୃଦ୍‌ଘାତ ମୁଖ୍ୟତଃ ହୃତ୍‌ପିଣ୍ଡ କ୍ରିୟା ସହ ଜଡ଼ିତ, ଯାହାର ତ୍ୱରିତ ଚିକିତ୍ସା ଜରୁରି। ଉଭୟ ଶାରୀରିକ ପ୍ରତିକ୍ରିୟା ମଧ୍ୟରେ ରହିଥିବା ପାର୍ଥକ୍ୟକୁ ବୁଝିପାରିଲେ ଗୋଟିକର ଦୂରୀକରଣ ପାଇଁ ଅନ୍ୟଟିର ଚିକିତ୍ସା କରାଇବାର ତ୍ରୁଟି ରହିବନି ଏବଂ ତୁରନ୍ତ ଚିକିତ୍ସା କରାଇ ଜୀବନ ବଞ୍ଚାଇହେବ।



ବୁକୁପୋଡ଼ାର ଲକ୍ଷଣ: ଯେତେବେଳେ ପାକସ୍ଥଳୀରେ କ୍ଷରିତ ଅମ୍ଳ ଉଠି ଆସି ଖାଦ୍ୟନଳୀ ବା ନିଗଳ(ଓସୋଫାଗସ୍)ରେ ପହଞ୍ଚିଯାଏ, ସେତେବେଳେ ବୁକୁପୋଡ଼ା ଆରମ୍ଭ ହୁଏ, ଯାହାକୁ 'ଏସିଡ୍ ରିଫ୍ଲକ୍ସ' କୁହାଯାଏ। ଓସୋଫାଗସ୍‌ର ପାର୍ଶ୍ୱଗୁଡ଼ିକୁ ଉକ୍ତ ଏସିଡ୍ ଉତ୍ତେଜିତ କରିବା ଯୋଗୁଁ ଏପରି ଅସ୍ୱସ୍ତିକର ଅନୁଭବ ଆସିଥାଏ। ପିଞ୍ଜରାର ଠିକ୍ ପଛପଟେ ଅନୁଭୂତ ଏହି ଯନ୍ତ୍ରଣା ସାଧାରଣତଃ କେଇ ମିନିଟ୍‌ରୁ କେଇ ଘଣ୍ଟା ଯାଏ ଜାରି ରହିଥାଏ। ଏଥିଯୋଗୁଁ କିଛି ବି ଖାଇବା ପରେ ପରେ ପାଟିକୁ ଟିକେ ଅମ୍ଳୀୟ ବା ପିତାଳିଆ ସ୍ୱାଦ ଲାଗିଥାଏ। ବେଳେ ବେଳେ ଉକ୍ତ ଅମ୍ଳ ତଣ୍ଟି ଯାଏ ବ୍ୟାପି ଆସିବାରୁ ଅଜୀର୍ଣ୍ଣ ହାକୁଟି ଆସିଥାଏ। ଏପରି ଛାତି ଭିତରର ଜଳାପୋଡ଼ା ଅନୁଭବ ବେଳେ ବେଳେ ହୃତ୍‌ପିଣ୍ଡରେ ସମସ୍ୟା ବୋଲି ଅନେକଙ୍କୁ ଭ୍ରମରେ ପକାଇଥାଏ। ମାତ୍ର ଏହା ଖାଦ୍ୟ ପାଚନ ଜନିତ ସମସ୍ୟା।

ହୃଦ୍‌ଘାତର ଲକ୍ଷଣ: ଯେତେବେଳେ ହୃତ୍‌ପିଣ୍ଡ ମାଂସପେଶୀର କୌଣସି ସ୍ଥାନକୁ ରକ୍ତ ସଂଚାଳନ ବନ୍ଦ ହୋଇଯାଏ, ହୃଦ୍‌ଘାତ ସମସ୍ୟା ଦେଖାଦେଇଥାଏ। ବିଶେଷ କରି ଧମନୀରେ କୌଣସି ଖାଦ୍ୟ କଣିକା ଜମି ରହିବାରୁ ଏପରି ଘଟିଥାଏ। ଆବଶ୍ୟକ ପରିମାଣର ରକ୍ତ ସଂଚାଳନ ନପାଇ ହୃତ୍‌ପିଣ୍ଡର ମାଂସପେଶୀ ଠିକ୍‌ରେ ସଂକୋଚନ କି ପ୍ରସାରଣ କାର୍ଯ୍ୟ କରିପାରେନାହିଁ। ଫଳରେ ଛାତିର ଠିକ୍ ମଧ୍ୟଭାଗରେ ଭିଡ଼ିମୋଡ଼ି ହେଲା ପରି ଲାଗିବା ସହ ଭୀଷଣ ଚାପଦେଇ କିଏ ମାଡ଼ିବସିଲା ପରି ମନେହୁଏ। ଧୀରେ ଧୀରେ ଏହି ଯନ୍ତ୍ରଣା ଚିବୁକ, ବେକ, ପିଠି ଓ ବାହୁ ଆଦି ସ୍ଥାନକୁ ପ୍ରସାରିତ ହୋଇଥାଏ। ଛାତିରେ ଯନ୍ତ୍ରଣା ସହିତ ଶ୍ୱାସକ୍ରିୟା କରିବାରେ ମଧ୍ୟ କଷ୍ଟ ଅନୁଭୂତ ହୁଏ। ଅଧିକାଂଶ କ୍ଷେତ୍ରରେ ପୀଡ଼ିତଙ୍କ ଦେହରୁ ଥଣ୍ଡା ପରିବେଶରେ ମଧ୍ୟ ଝାଳ ନିର୍ଗତ ହେବା ସହ ଓକାର ଆସିବା ଓ ବାନ୍ତି କଲା ଭଳି ଅନୁଭବ ଆସିଥାଏ।

# ମଧୁମେହ ରୋଗୀଙ୍କ ପାଇଁ ଖୁସି ଖବର, ଉପଶମ ଦେବ ଔଷଧୀୟ ଚା'

ମଧୁମେହ ରୋଗୀଙ୍କ ପାଇଁ ଖୁସି ଖବର। ଏଣିକି ରୋଗରୁ ଉପଶମ ଦେବ ଏକ ସ୍ୱତନ୍ତ୍ର ଚା'। ଯାହାକୁ ପିଇଲେ ଆପଣ ଚା'ର ମଜା ଉଠାଇବା ସହ ଏହାର ଔଷଧୀୟ ଗୁଣ ଆପଣଙ୍କ ଶରୀର ପାଇଁ ସାଜିବ ରାମବାଣ। କେବଳ ମଧୁମେହ ରୋଗ ପାଇଁ ନୁହେଁ ହୃଦରୋଗ ସମେତ କିଡନୀ, ହୃଦରୋଗ ଓ ଗଣ୍ଠିବାତ ସମସ୍ୟା ପାଇଁ ବି ଏହା ହେବ ଲାଭଦାୟକ । ଗନ୍ଧମାର୍ଦ୍ଦନ ପର୍ବତରୁ ସଂଗୃହୀତ ଚେରମୂଳିର ମିଶ୍ରଣରେ ପ୍ରସ୍ତୁତ ହୋଇଛି ଏଭଳି ଔଷଧୀୟ ଚା' । ଏଭଳି ଔଷଧୀୟ ଚା' ପ୍ରସ୍ତୁତ କରିଛି ସମ୍ବଲପୁର ବିଶ୍ୱବିଦ୍ୟାଳୟ । ବିଶ୍ୱବିଦ୍ୟାଳୟର ଜୈବ ପ୍ରଯୁକ୍ତି ଓ ଜୈବ ସୂଚନା ବିଜ୍ଞାନ ପକ୍ଷରୁ ପ୍ରାୟ ୩୦ ପ୍ରକାର ଔଷଧୀୟ ଚା' ଉତ୍ପାଦନ କରାଯାଇଛି । ମୂଷାଙ୍କ ଉପରେ ସଫଳ ପ୍ରୟୋଗ ପରେ ଏହାର ବଜାର ପ୍ରବେଶ କରିବାକୁ ଯୋଜନା ରଖିଛନ୍ତି କର୍ତ୍ତୃପକ୍ଷ । ଏନେଇ ଷ୍ଟାର୍ଟ ଅପ୍ ସଂସ୍ଥା ଅର୍କିଡ୍ ହର୍ବାଲ ପ୍ରାଇଭେଟ୍ ଲିମିଟେଡ୍ ଚୁକ୍ତି ହୋଇଛି । ଏମଧ୍ୟରେ FSSI, GMO, ISOର ଅନୁମୋଦନ ମିଳିସାରିଛି । ଖୁବଶୀଘ୍ର ଏହି ନୂତନ ଚା' ବଜାରରେ ଉପଲବ୍ଧ ହେବ ବୋଲି କର୍ତ୍ତୃପକ୍ଷ କହିଛନ୍ତି । ଜୈବ ପ୍ରଯୁକ୍ତି ଓ ଜୈବ ସୂଚନା ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ପ୍ରଦୀପ କୁମାର ନାୟକ କହିଛନ୍ତି, ଗ୍ରୀନ୍ ଟି ସହ ଗନ୍ଧମାର୍ଦ୍ଦନର ଜଟିବୁଟିକୁ ମିଶ୍ରଣ କରି ଆମେ ଏହି ଚା' ପ୍ରସ୍ତୁତ କରୁଛୁ। ଆମେ ୩୦ ପ୍ରକାର ଔଷଧୀୟ ଚା' ତିଆରି କରୁଛୁ। ଏହା ମଧୁମେହ ସମେତ, କୋଲେଷ୍ଟ୍ରଲ, ଆଣ୍ଠୁଗଣ୍ଠି ବାତ, ଲିଭର ଓ କିଡ଼ନୀ ପାଇଁ ବି ଭଲ ଫଳପ୍ରଦ ହୋଇ ପାରିବ । ହର୍ବାଲ ଚା'ରେ ମିଶୁଥିବା ଔଷଧୀୟ ଉପାଦାନ। ଚା' ଉତ୍ପାଦନ ପାଇଁ ବିଶ୍ୱବିଦ୍ୟାଳୟର ଫୁଡ୍ ସାଇନ୍ସ ବିଭାଗରେ ଆବଶକୀୟ ଯନ୍ତ୍ରପାତି ଓ ପ୍ୟାକିଂ ମେସିନ୍ ଲଗାଯାଇଛି । ଆଗାମୀ ଦିନରେ ୨୭ ପ୍ରକାର ଚା' ଉତ୍ପାଦନ ହେବାକୁ ଥିବା ବେଳେ ୮ ରୋଗ ପାଇଁ ଏହା ଉପଶମ ଦେବ । ଦାର୍ଜିଲିଂ ଓ ଆସାମରୁ ଏନେଇ ଉତ୍ତମ ଗୁଣବତ୍ତା ବିଶିଷ୍ଟ ଚା' ଅଣାଯାଉଛି । ପରେ ବରଗଡ଼ ପାଇକମାଳସ୍ଥିତ ଗନ୍ଧମାର୍ଦ୍ଦନ ପର୍ବତରୁ ସଂଗୃହୀତ ଚେରମୂଳି ମିଶ୍ରଣ କରାଯାଇ ପ୍ରସ୍ତୁତ ହେଉଛି ଏହି ସ୍ୱତନ୍ତ୍ର ଗର୍ବାଲ ଚା' । ହର୍ବାଲ-ଟି ପାଇଁ ସୁଗନ୍ଧିତ ବାସ୍ନା , ଗୁଡମାରୀ , ଅଶ୍ୱଗନ୍ଧା , ପିପଳୀ , କଟୁକୀ, ପୁନଃନର୍ଭା ଆଦି ଜଡ଼ିବୁଟୀ ଗନ୍ଧମାର୍ଦ୍ଦନରୁ ସଂଗୃହୀତ ହେଉଥିବା ବେଳେ. ଉତ୍ତରାଖଣ୍ଡରୁ ସ୍ୱତନ୍ତ୍ର ଗୋଲାପ ଆମଦାନୀ କରାଯାଉଛି ।



ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୫ ଅଗଷ୍ଟ ୨୦୨୫, ମଙ୍ଗଳବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଫ୍ୟାଟି ଲିଭର: ଭାରତର ନୂତନ ଜନସ୍ୱାସ୍ଥ୍ୟ ଆହ୍ୱାନ

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି ମାନବ ସମାଜକୁ ଅନେକ ସୁବିଧା ସୁଯୋଗ ପ୍ରଦାନ କରିଛି, କିନ୍ତୁ ଏହାର ଅନ୍ଧକାର ଦିଗଟି ମଧ୍ୟ ଏବେ ସ୍ପଷ୍ଟ ହେବାରେ ଲାଗିଛି। ଆଧୁନିକ ଜୀବନଶୈଳୀ ଆମ ସ୍ୱାସ୍ଥ୍ୟ ଉପରେ କିଭଳି ଗଭୀର ଏବଂ ନକାରାତ୍ମକ ପ୍ରଭାବ ପକାଉଛି, ତାହାର ଏକ ଚିନ୍ତାଜନକ ଚିତ୍ର ନିକଟରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ଦ୍ୱାରା ସଂସଦରେ ଉପସ୍ଥାପିତ ଏକ ତଥ୍ୟରୁ ସାମ୍ନାକୁ ଆସିଛି। ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ICMR) ଦ୍ୱାରା ପରିଚାଳିତ ଏକ ଅଧ୍ୟୟନ ଅନୁଯାୟୀ, ହାଇଦ୍ରାବାଦର ସୂଚନା ପ୍ରଯୁକ୍ତିବିଦ୍ୟା (IT) କ୍ଷେତ୍ରରେ କାର୍ଯ୍ୟରତ ୮୪ ପ୍ରତିଶତରୁ ଅଧିକ କର୍ମଚାରୀ ଅଣ-ମଦ୍ୟପ ଫ୍ୟାଟି ଲିଭର୍ ରୋଗ (NAFLD), ଯାହାକୁ ବର୍ତ୍ତମାନ ମେଟାବୋଲିକ୍ ଡିସଫଙ୍କସନ୍ ସହ ଜଡିତ ଫ୍ୟାଟି ଲିଭର୍ ଡିଜିଜ୍ (MAFLD) କୁହାଯାଉଛି, ସେଥିରେ ପୀଡ଼ିତ। ଏହି ତଥ୍ୟ କେବଳ ଏକ ନିର୍ଦ୍ଦିଷ୍ଟ ସହରର ଏକ ନିର୍ଦ୍ଦିଷ୍ଟ ବର୍ଗର କର୍ମଜୀବୀଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ଦର୍ଶାଉନାହିଁ ବରଂ ଏହା ସମଗ୍ର ଭାରତବର୍ଷରେ, ବିଶେଷକରି ସହରାଞ୍ଚଳରେ ବଦଳୁଥିବା ଜୀବନଚର୍ଯ୍ୟା ଏବଂ ଏହାର ଭୟାବହ ସ୍ୱାସ୍ଥ୍ୟଗତ ପରିଣାମ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ଏହି ସମସ୍ୟାର ମୂଳ କାରଣଗୁଡ଼ିକୁ ଅନୁଧ୍ୟାନ କଲେ ଆମେ ଆଧୁନିକ କର୍ପୋରେଟ୍ ଜୀବନର ଅନେକ ଦିଗକୁ ଦେଖିପାରିବା। ଦୀର୍ଘ ସମୟ ଧରି କମ୍ପ୍ୟୁଟର ସାମ୍ନାରେ ବସି କାମ କରିବା, ଶାରୀରିକ ପରିଶ୍ରମର ଘୋର ଅଭାବ, ଅନିୟମିତ କାର୍ଯ୍ୟ ସମୟ, ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କାର୍ଯ୍ୟ କରିବା ଯୋଗୁଁ ପର୍ଯ୍ୟାପ୍ତ ନିଦ୍ରାର ଅଭାବ ଏବଂ କାର୍ଯ୍ୟକ୍ଷେତ୍ରରେ ଥିବା ପ୍ରବଳ ମାନସିକ ଚାପ ଆଜି ଏକ ସାଧାରଣ କଥାରେ ପରିଣତ ହୋଇଛି। ଏହି ସବୁ ସହିତ ତାଳ ଦେଇ ବଦଳିଛି ଆମର ଖାଦ୍ୟପେୟ। ପାରମ୍ପରିକ, ପୁଷ୍ଟିକର ଘରୋଇ ଖାଦ୍ୟର ସ୍ଥାନ ନେଇଛି ପ୍ରୋସେସ୍ଡ ଫୁଡ୍, ଅତ୍ୟଧିକ ଚିନିଯୁକ୍ତ ପାନୀୟ ଏବଂ ତେଲ ମସଲାଯୁକ୍ତ ଫାଷ୍ଟଫୁଡ୍‌ର ବହୁଳ ବ୍ୟବହାର। ଏହି ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଶରୀରର ମେଟାବୋଲିଜିମ୍ ବା ଚୟାପଚୟ ପ୍ରକ୍ରିୟାକୁ ଗଭୀର ଭାବେ ପ୍ରଭାବିତ କରେ, ଯାହାର ପ୍ରଥମ ଶିକାର ହୁଏ ଆମ ଯକୃତ ବା ଲିଭର୍। ଶରୀରରେ ସୃଷ୍ଟି ହେଉଥିବା ଅତିରିକ୍ତ କ୍ୟାଲୋରୀ ଚର୍ବିରେ ପରିଣତ ହୋଇ ଯକୃତ କୋଷିକାରେ ଜମା ହେବାକୁ ଲାଗେ।

ଚିନ୍ତାର ବିଷୟ ହେଉଛି, ଫ୍ୟାଟି ଲିଭର୍ ଏକ 'ସାଇଲେଣ୍ଟ କିଲର' ବା ନୀରବ ଘାତକ ଭଳି କାମ କରେ। ପ୍ରାରମ୍ଭିକ ଅବସ୍ଥାରେ ଏହାର କୌଣସି ସ୍ପଷ୍ଟ ଲକ୍ଷଣ ଦେଖାଯାଏ ନାହିଁ, ଯେଉଁଥିପାଇଁ ଅଧିକାଂଶ ଲୋକ ଏହା ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ରୁହନ୍ତି। କିନ୍ତୁ ଧୀରେ ଧୀରେ ଏହି ଚର୍ବି ଯକୃତରେ ପ୍ରଦାହ ସୃଷ୍ଟି କରେ, ଯାହାକୁ 'ନାଶ୍' (NASH - Nonalcoholic Steatohepatitis) କୁହାଯାଏ। ଯଦି ଏହି ଅବସ୍ଥାରେ ମଧ୍ୟ ଚିକିତ୍ସା କରାନଯାଏ, ତେବେ ଏହା ଫାଇବ୍ରୋସିସ୍ (ଯକୃତରେ କ୍ଷତ ସୃଷ୍ଟି ହେବା) ଏବଂ ପରିଶେଷରେ ସିରୋସିସ୍ (Cirrhosis) ଭଳି ଏକ ଗମ୍ଭୀର ଏବଂ ଅପ୍ରତ୍ୟାବର୍ତ୍ତନୀୟ ସ୍ଥିତି ସୃଷ୍ଟି କରେ, ଯେଉଁଠାରେ ଯକୃତ ନିଜର କାର୍ଯ୍ୟକ୍ଷମତା ସମ୍ପୂର୍ଣ୍ଣ ହରାଇବସେ। ଏହା ଯକୃତ କର୍କଟ ବା ଲିଭର୍ କ୍ୟାନ୍ସରର କାରଣ ମଧ୍ୟ ସାଜିପାରେ।

ଏହି ସମସ୍ୟାର ପ୍ରଭାବ କେବଳ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ମଧ୍ୟରେ ସୀମିତ ନୁହେଁ, ଏହାର ସାମାଜିକ ଏବଂ ଅର୍ଥନୈତିକ ପ୍ରଭାବ ମଧ୍ୟ ସୁଦୂରପ୍ରସାରୀ। ଦେଶର ଯୁବ ଏବଂ କର୍ମକ୍ଷମ ନାଗରିକମାନେ ଯଦି ଏଭଳି ରୋଗର ଶିକାର ହୁଅନ୍ତି, ତେବେ ଏହା ଦେଶର ଉତ୍ପାଦନ କ୍ଷମତା ଉପରେ ସିଧାସଳଖ ପ୍ରଭାବ ପକାଇବ। ସ୍ୱାସ୍ଥ୍ୟସେବା ଉପରେ ଚାପ ବଢ଼ିବ ଏବଂ ଚିକିତ୍ସା ବାବଦରେ ହେଉଥିବା ଖର୍ଚ୍ଚ ପରିବାର ଓ ଦେଶର ଅର୍ଥନୀତି ପାଇଁ ଏକ ବଡ଼ ବୋଝ ସାଜିବ। ଭାରତ ଯେତେବେଳେ ଏକ ବିକଶିତ ରାଷ୍ଟ୍ର ହେବାର ସ୍ୱପ୍ନ ଦେଖୁଛି, ସେତେବେଳେ ଦେଶର ମାନବ ସମ୍ବଳର ସ୍ୱାସ୍ଥ୍ୟକୁ ଅଣଦେଖା କରାଯାଇପାରିବ ନାହିଁ।

ଏହି ପରିପ୍ରେକ୍ଷୀରେ, ଏକ ବହୁମୁଖୀ ପଦକ୍ଷେପର ଆବଶ୍ୟକତା ରହିଛି। ସରକାରଙ୍କ ଦ୍ୱାରା ପରିଚାଳିତ ଜାତୀୟ ଅଣ-ସଂକ୍ରାମକ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଏବଂ 'ଇଟ୍ ରାଇଟ୍ ଇଣ୍ଡିଆ' ଭଳି ଅଭିଯାନ ସ୍ୱାଗତଯୋଗ୍ୟ, କିନ୍ତୁ ଏହାର ସଫଳତା ପାଇଁ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣ ଅପରିହାର୍ଯ୍ୟ। ବ୍ୟକ୍ତିଗତ ସ୍ତରରେ ପ୍ରତ୍ୟେକଙ୍କୁ ନିଜ ଜୀବନଶୈଳୀର ସମୀକ୍ଷା କରିବାକୁ ପଡ଼ିବ। ସୁଷମ ଖାଦ୍ୟ, ବିଶେଷକରି ପନିପରିବା, ଫଳ ଏବଂ ଶସ୍ୟଜାତୀୟ ଖାଦ୍ୟକୁ ଗୁରୁତ୍ୱ ଦେବା, ଦୈନିକ ଅତି କମରେ ୩୦-୪୫ ମିନିଟ୍ ଶାରୀରିକ ପରିଶ୍ରମ ବା ବ୍ୟାୟାମ କରିବା, ପର୍ଯ୍ୟାପ୍ତ ନିଦ୍ରା ଏବଂ ମାନସିକ ଚାପରୁ ମୁକ୍ତି ପାଇଁ ଯୋଗ ଓ ଧ୍ୟାନକୁ ଆପଣାଇବା ଜରୁରୀ। ଏହା ସହିତ ନିଯୁକ୍ତିଦାତା ସଂସ୍ଥାମାନଙ୍କର ମଧ୍ୟ ଏକ ବଡ଼ ଦାୟିତ୍ୱ ରହିଛି। କର୍ମଚାରୀଙ୍କୁ କେବଳ ଏକ ମାନବ ସମ୍ବଳ ନ ଭାବି, ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଆବଶ୍ୟକ। କାର୍ଯ୍ୟସ୍ଥଳରେ ସୁସ୍ଥ ଖାଦ୍ୟର ବ୍ୟବସ୍ଥା କରିବା, କାର୍ଯ୍ୟ ମଧ୍ୟରେ ଛୋଟ ଛୋଟ ବିରତି ପାଇଁ ପ୍ରୋତ୍ସାହିତ କରିବା ଏବଂ କର୍ମଚାରୀଙ୍କ ପାଇଁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରର ଆୟୋଜନ କରିବା ଏକ ସକାରାତ୍ମକ ପଦକ୍ଷେପ ହେବ।

ହାଇଦ୍ରାବାଦର ଏହି ଅଧ୍ୟୟନ ସମଗ୍ର ଦେଶ ପାଇଁ ଏକ ସତର୍କ ଘଣ୍ଟି। ଏହା ସ୍ପଷ୍ଟ କରୁଛି ଯେ ଆର୍ଥିକ ବିକାଶର ଦୌଡରେ ଆମେ ଯଦି ସ୍ୱାସ୍ଥ୍ୟକୁ ପଛରେ ପକାଇଦେବା, ତେବେ ଏହାର ମୂଲ୍ୟ ଆଗାମୀ ପିଢ଼ିକୁ ଦେବାକୁ ପଡ଼ିବ। ସୁସ୍ଥ ଜୀବନଶୈଳୀର ମହତ୍ତ୍ୱକୁ ବୁଝି ଏକ ସନ୍ତୁଳନ ରକ୍ଷା କରିବା ହିଁ ଏହି ସଙ୍କଟରୁ ମୁକୁଳିବାର ଏକମାତ୍ର ମାର୍ଗ। ଏହି ନୀରବ ମହାମାରୀ ଏକ ଜାତୀୟ ସ୍ୱାସ୍ଥ୍ୟ ସଙ୍କଟରେ ପରିଣତ ହେବା ପୂର୍ବରୁ ସାମୂହିକ ସ୍ତରରେ ଜାଗ୍ରତ ହେବାର ସମୟ ଆସିଯାଇଛି।

# ବାଟବଣା ଶିକ୍ଷା ବ୍ୟବସ୍ଥା

## ଡକ୍ଟର ସୂର୍ଯ୍ୟ ପ୍ରକାଶ ମହାନ୍ତି

ଶିକ୍ଷା ବ୍ୟବସ୍ଥା ସଠିକ୍ ବାଟରେ ଯାଉନି। ଯୁଆଡ଼କୁ ବର୍ଷା ସିଆଡ଼େ ଛତା ନ୍ୟାୟରେ ଭାରତୀୟ ଶିକ୍ଷା ବ୍ୟବସ୍ଥା ବାଟ ମାଡ଼ିଯାଉଛି ! କେନ୍ଦ୍ର ସରକାର ଯୁଗାନ୍ତକାରୀ ରାୟରେ ଶିକ୍ଷା ଅଧିକାର ଆଇନ ବିଧିବଦ୍ଧ ଭାବେ ଅଧ୍ୟାଦେଶ ମାଧ୍ୟମରେ ଜାରି କରିଦେଲେ। ଆଉ ଅଧଃସ୍ତନ କର୍ମଚାରୀ ଭାବେ ରାଜ୍ୟମାନେ ଏହାକୁ ବି ମାନି ନେଇଗଲେ। କେନ୍ଦ୍ର-ରାଜ୍ୟ ସମ୍ପର୍କ ଭିତରେ ଶିକ୍ଷା ବ୍ୟବସ୍ଥା ଯେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏହାକୁ କିନ୍ତୁ ସମସ୍ତେ ଭୁଲିଗଲେ। ଛତୁ ଫୁଟିଲା ପରି ଇଂଲିଶ ମିଡ଼ିୟମ ସ୍କୁଲ ହେଉ ବା ଘରୋଇ ଶିକ୍ଷାନୁଷ୍ଠାନ ଖୋଲି ତଥାକଥିତ ଶିକ୍ଷା ବେପାରୀମାନେ ନେତାଙ୍କୁ ଗାନ୍ଧୀଙ୍କ ବିଡ଼ା ଗୋରୁ ମୁହଁରେ ଘାସ ଗୁଞ୍ଜିଲା ପରି ଇଆଡ଼େ ଶିକ୍ଷା ବିଭାଗର ମୁଣ୍ଡିଆଳ ହୁଅନ୍ତୁ ବା ସରକାରଙ୍କ ବଡ଼ ବଡ଼ ହସ୍ତୀ। କେବଳ ସେତିକି ନୁହେଁ ଲମ୍ୱା ନାଲି ଟିପା ମଡ଼େଇ ଥିବା ଦାଦା ମାନଙ୍କୁ ପକେଟରେ ପୁରାଇବା ଠାରୁ ବେଳ ପଇଲେ ଲୋକପ୍ରତିନିଧିଙ୍କ ଠାରୁ ସାମ୍ବାଦିକ ମାନଙ୍କୁ ପକେଟରେ ପୁରାଇବାର ତରିକା ବି ଜାଣିଥାନ୍ତି। ଏହି ନ୍ୟାୟରେ ଆଇନର ଦୁର୍ବଳ ଫାଙ୍କକୁ ଭଲ ଭାବରେ ଫାଇଦା ଉଠାଉଥିବା ଏହି ଶିକ୍ଷା ବେପାରୀ ମାନଙ୍କ ଚୁଟି କେହି ବି ଟିକେ ବଙ୍କେଇ ପାରିନଥାନ୍ତି !

ବାଟବଣା ଶିକ୍ଷା ବ୍ୟବସ୍ଥା ଭିତରେ ଓଡ଼ିଶାପରି ଗରିବୀ ରାଜ୍ୟର ମଧ୍ୟବିତ୍ତ ଓ ନିମ୍ନମଧ୍ୟ ବିତ୍ତ ଘରର ପିଲାମାନେ କିନ୍ତୁ ପେଷି ହୋଇଯାଆନ୍ତି। କିନ୍ତୁ ବଡ଼ ଘରର ବିଗଡ଼ା ହୁଆ ଔଲାଦ୍‌ମାନେ ବେଶ୍ ଅଏସ୍‌ରେ ଏହି ଶିକ୍ଷା ବେପାରୀଙ୍କ ସ୍କୁଲରେ ଭଲ ରକମର କାରନାମା ଦେଖାଇବାରେ ସଫଳ ହୋଇଥାନ୍ତି। ଭାତ ହାଣ୍ଡିରୁ ଗୋଟିଏ ପରି କଟକ ସିଡ଼ିଏ ସେକ୍ଟର ନଅର ନାଳନ୍ଦା ପବ୍ଲିକ ସ୍କୁଲ କଥା ବିଚାର କରାଯାଉ। ଏହି ବିଦ୍ୟାଳୟର କରିତକର୍ମା ମାଲିକାଣି କେବଳ ତାଙ୍କ ପରିବାର ବର୍ଗଙ୍କୁ ପରିଚାଳନା କମିଟିରେ ରଖିଛନ୍ତି। ବିଦ୍ୟାଳୟର ନିୟମ ଅନୁଯାୟୀ କୌଣସି ମୂଳ ଘର ନାହିଁ ଏହା ଭଡ଼ାସୂତ୍ରରେ ଚାଲିଛି। ସେକ୍ଟର ନଅ ଓ ଦଶରେ ରହିଥିବା ଏହାର ତିନୋଟି ଶାଖା ବା ସମ୍ପ୍ରସାରିତ ସ୍କୁଲ ଅତ୍ୟନ୍ତ ଜନଗହଳିପୂର୍ଣ୍ଣ ଓ ରାସ୍ତା ଭିଡ଼ ଜାଗାରେ ରହିଛି ଏବଂ ଏହା ଭଡ଼ା ଘରେ ଚାଲୁଛି। ଏହି ବିଦ୍ୟାଳୟରେ ପଢୁଥିବା ଅନେକ ପିଲା ପିଲାଙ୍କ ନାମ କେବଳ ରେଜିଷ୍ଟରରେ ଗଡ଼େ, ବିଦ୍ୟାଳୟ କର୍ମକର୍ତ୍ତା ପ୍ରଚୁର ଅର୍ଥ ବିନିମୟରେ ସେମାନଙ୍କୁ ସୁଯୋଗ ଦେଇଥାନ୍ତି ଯାହାଫଳରେ ସେମାନେ ସ୍କୁଲରେ ପାଠ ନପଢ଼ି ଅନ୍ୟ କେଉଁଠି ପଢ଼ିଥାନ୍ତି, ଖେଳିଥାଆନ୍ତି କିମ୍ବା କୌଣସି କମ୍ପିଟେଟିଭ ପରୀକ୍ଷା ପାଇଁ ସମ୍ପୃକ୍ତ ଅନୁଷ୍ଠାନରେ ଶିକ୍ଷା ଗ୍ରହଣ କରୁଥାନ୍ତି। ଏ ପ୍ରମାଣ ବାୟୋମେଟ୍ରିକ ଉପସ୍ଥିତି ଏବଂ ସିସିଟିଭି ଫୁଟେଜରୁ ତଥ୍ୟ ମିଳିପାରିବ। ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ହୁଅନ୍ତୁ ବା ନିର୍ଦ୍ଦେଶିକା କିମ୍ବା ଅଧକ୍ଷା, କୌଣସି ସମସ୍ୟା ଥିଲେ ଅଭିଭାବକ ଓ ଅଭିଭାବିକାମାନେ ସେମାନଙ୍କୁ ସାକ୍ଷାତ କରିବାର ସୁଯୋଗ ଆଦୌ ପାଇନଥାନ୍ତି ବରଂ ଦୁର୍ବ୍ୟବହାର ଶିକାର ହୁଅନ୍ତି। ସିଡ଼ିଏରେ ରହିଥିବା ଏହି ତିନୋଟି ଯାକ ବିଦ୍ୟାଳୟର ପରିସର ଗୋଟିଏ ଏକ ବେସରକାରୀ ଡାକ୍ତରଖାନା ପାଖରେ ରହିଛି ଅନ୍ୟଟି ଏକ ଜନବହୁଳ ପରିବା ମାର୍କେଟ ମଝିରେ ଏବଂ ଅନ୍ୟଟି ଏକ ତିନିଛକି ଗହଳି ଯାଗାରେ ଥିବାରୁ ପିଲାମାନଙ୍କୁ ନେବା ଆଣିବା ସମୟରେ ବିଦ୍ୟାଳୟର ବଡ଼ ବଡ଼ ବସ ଭୟଙ୍କର ଟ୍ରାଫିକ ସମସ୍ୟା ସୃଷ୍ଟି କରିଥାଏ। ବିଦ୍ୟାଳୟର ନିମୟ ରହିଛି ସେମାନଙ୍କ ନିଜସ୍ୱ ଖେଳପଡ଼ିଆ ରହିବା କଥା କିନ୍ତୁ ନାଳନ୍ଦା ବିଦ୍ୟାଳୟର କୌଣସି ଖେଳ ପଡ଼ିଆ ନାହିଁ ଏପରିକି ପିଲାମାନଙ୍କର ସାଇକେଲ, କର୍ମଚାରୀଙ୍କ ଗାଡ଼ି ରଖିବା ପାଇଁ ନିଜସ୍ୱ ପାର୍କିଂ ବ୍ୟବସ୍ଥା ମଧ୍ୟ ନାହିଁ। ଅନୁଷ୍ଠାନର ମାଲିକାଣି କୁହାଯାଉଥିବା ନିର୍ଦ୍ଦେଶିକା ସରକାରୀ ଓ ବେସରକାରୀ କ୍ଷେତ୍ରର ବଡ଼ବଡ଼ିଆଙ୍କୁ ଧରି ସମ୍ମାନ, ସମ୍ବର୍ଦ୍ଧନା ଗୋଟାଇବାରେ ବ୍ୟସ୍ତ। ବିଦ୍ୟାଳୟର ବିଗତ ପାଞ୍ଚ ବର୍ଷର ଶିକ୍ଷା ରେକର୍ଡ଼ ସଂଗ୍ରହ କରାଗଲେ ଅତ୍ୟନ୍ତ ନୈରାଶ୍ୟଜନକ ରିପୋର୍ଟ ମିଳିବ। ଆରଟିଆଇ ଆକ୍ଟରେ ସୂଚନା ମଧ୍ୟ ମିଳିବା ଉପଲବ୍ଧ ହୋଇପାରୁନାହିଁ। ବେସରକାରୀ ବିଦ୍ୟାଳୟରେ ନିୟମ ରହିଛି ଗରିବ ମେଧାବୀ ପିଲାମାନଙ୍କ ପାଇଁ ପଚିଶ ପ୍ରତିଶତ ଆସନ ସଂରକ୍ଷଣ ରଖିବା ଓ ସେମାନେ ବିନା ମୂଲ୍ୟରେ ପାଠ ପଢ଼ିବେ କିନ୍ତୁ ଏହି ବିଦ୍ୟାଳୟରେ ସେ ନିୟମ କେବଳ ଫାଇଲରେ ବନ୍ଧା ହୋଇଛି।

ଶିକ୍ଷା ଅଧିକାର ଆଇନର ବିଭିନ୍ନ ସେଡ୍ୟୁଲରେ ଏକ ବେସରକାରୀ ହେଉ ବା ସରକାରୀ। ଶିକ୍ଷା ଖସଡ଼ା ତଥା ଶିକ୍ଷା ପ୍ରତିଷ୍ଠାନ ଖୋଲିବା ନେଇ ବିଭିନ୍ନ ପ୍ରକାର ଅଙ୍କୁଶ ଓ ନିର୍ଦ୍ଦେଶନାମା ରହିଛି। ଉଦାହରଣ ବଶତଃ ଆମେ ଆଲୋଚନା କରୁଥିବା ଉପରୋକ୍ତ ଇଂଲିଶ ମିଡ଼ିୟମ ସ୍କୁଲଟି ବାସ୍ତବରେ ସିବିଏସ୍‌ଇର ସ୍ୱୀକୃତି ପ୍ରାପ୍ତତା ଓ ଅନୁବନ୍ଧିତ ମାନ୍ୟତା ପାଇଛି କି ନାହିଁ ଏହା ମଧ୍ୟ ସନ୍ଦେହରେ। ଅନେକ ଅଭିଭାବକ ସାର୍ଟିଫିକେଟ ନେଇ ବଡ଼ ସମସ୍ୟା ସାମ୍ନା କରୁଛନ୍ତି। ପରବର୍ତ୍ତୀ ସମୟରେ ଯେଉଁ ଅଭିଭାବକ ଏ ନେଇ ଆପତ୍ତି ଉଠାଉଛନ୍ତି ତାଙ୍କୁ ଫଳେ ପୁଷ୍ପେ ସନ୍ତୁଷ୍ଟ କରିଦେଉଛନ୍ତି ଶିକ୍ଷା ଅଧିକାର ଆଇନକୁ ମୋଡ଼ି ମକ୍‌ଚି ଉଚ୍ଚକର୍ତ୍ତୃପକ୍ଷଙ୍କୁ ପକେଟରେ ପୁରାଇ ଥିବାର ଧମକ ଦେଉଥିବା ଏହି ଶିକ୍ଷା ମାଫିଆମାନଙ୍କୁ ଲଗାମ୍ ଦେବ କିଏ ? ଏହି ମାମଲା ନ୍ୟାୟାଳୟ ଠାରୁ କେନ୍ଦ୍ରୀୟ ସିବିଏସ୍‌ଇ କର୍ତ୍ତୃପକ୍ଷ, ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବିଧିବଦ୍ଧ ଅନୁସନ୍ଧାନ ପାଇଁ ଅଭିଯୋଗର ସବିଶେଷ ପ୍ରମାଣ ସହ ସୂଚିତ କରାଯାଇଛି। ତେବେ ଦୁଃଖର ପ୍ରସଙ୍ଗ ହେଉଛି କୁନି କୁନି ପିଲାଙ୍କ ଭବିଷ୍ୟତ ସହ କୁସ୍ତି ଖେଳୁଥିବା ଏହି ଶିକ୍ଷା ବେପାରିଙ୍କ ମୁଖା ଯେ ଖୁବ୍ ଶୀଘ୍ର ଖୋଲିବ ଏହି ବିଶ୍ୱାସ କରାଯାଉଛି। ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରି 'ସମସ୍ତେ ପଢ଼ିବେ, ସମସ୍ତେ ଗଢ଼ିବେ' ଏହା ଅନେକ କ୍ଷେତ୍ରରେ ସମ୍ଭବ ହୋଇପାରୁନି ଏହିପରି କିଛି ବିଦ୍ୟାଳୟ ପାଇଁ। ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ପିଲାମାନଙ୍କୁ ଗଢ଼ି ତୋଳିବା ପାଇଁ ଅନେକ ପ୍ରୋତ୍ସାହିତ ଯୋଜନା ହାତକୁ ନେଉଛନ୍ତି। ବାସ୍ତବରେ ଶିକ୍ଷା ଅଧିକାର ଆଇନ ଭିତର ସବୁ ପିଲାଙ୍କ ପାଇଁ 'ଆନନ୍ଦମୟ ଶିକ୍ଷା' ଏବେ ବି ଦୂର ପାହାଡ଼ ପରି ଅପହଞ୍ଚ। ଏ କ୍ଷେତ୍ରରେ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି।

ଶିକ୍ଷାବିତ, ସେକ୍ଟର-୧୩, କଟକ

# ସରକାର ଭ୍ରଷ୍ଟାଚାରକୁ ହଟାଇ ପାରିବେ କି ?



## ସୁବ୍ରତ କର

ଏହା କେବେହେଲେ ସମ୍ଭବ ହେବ ବୋଲି ଆଶା କରିବା ବୃଥା। ବହୁତ କ୍ଷେତ୍ରରେ ଦେଖାଦେଇଛି ସରକାରଙ୍କ ଉଚ୍ଚ ପଦସ୍ଥ ଅଧିକାର କରିଥିବା ବାବୁମାନେ ହୁଅନ୍ତୁ ବା ମନ୍ତ୍ରୀ ସମସ୍ତେ ଅଳ୍ପ ବହୁତ ଭ୍ରଷ୍ଟାଚାର ସହିତ ଲିପ୍ତ। ଏବେ ଜଣେ ଆଇ.ଏ.ଏସ ଅଫିସର ଲକ୍ଷ ଲକ୍ଷ ଟଙ୍କା ଜଣେ ଠିକାଦାର ପାଖରୁ ନେଇ ଜେଲରେ ଥିଲେ ଏବଂ ଗତ ଦୁଇ ଦିନ ତଳେ ହାଇକୋର୍ଟଙ୍କ ଆଦେଶ ବଳରେ ସର୍ତ୍ତମୂଳକ ଜାମିନରେ ଆସିଛନ୍ତି। ଏହି ବାବୁ ଜଣକ ଠିକ୍ ଭାବରେ ତାଙ୍କର କାର୍ଯ୍ୟକୁ ତୁଲାଇ ପାରିଥିଲେ ହୁଏତ ଭବିଷ୍ୟତରେ ରାଜ୍ୟର ମୁଖ୍ୟ ସଚିବ ହୋଇପାରିଥାଆନ୍ତେ। ଏବେ ଈଶ୍ୱରଙ୍କୁ ଜଣା ସେ ପଦବୀ ପର୍ଯ୍ୟନ୍ତ ଯାଇ ପାରିବେ କି ନାହିଁ? ଏମାନେ କାହିଁକି ଏମିତି କରନ୍ତି ନିଜର ଜାଣିଥିବା ଭବିଷ୍ୟତକୁ ନେଇ? ଏହି ଦୁଇଟି ସରଜମିନ୍ ଉଦାହରଣ ଆପଣମାନଙ୍କ ପାଖରେ ରଖିଲି। ଏବେ ଆସିବା ଗତ ଦୁଇବର୍ଷ ମଧ୍ୟରେ ଭ୍ରଷ୍ଟାଚାରର ଲିପ୍ତ ଥିବା କିଛି ତଳିଆ ସରକାରୀ ବାବୁମାନଙ୍କ ବିଷୟରେ। ସରକାରୀ ହିସାବରେ ଗତ ଦେଢ଼ ବର୍ଷରେ ପ୍ରାୟ ୪୫ଜଣ କୁବେର ବାବୁ ଭିଜିଲାନ୍ସ ଜାଲରେ ପଡ଼ି ଜେଲ ଭିତରେ ରହି ଚକି ପେଷୁଛନ୍ତି। ସରକାରଙ୍କ ପ୍ରାୟ ଏବେ ସାଢ଼େ ଚାରିଲକ୍ଷ କର୍ମଚାରୀ କାର୍ଯ୍ୟରତ। ସେହି ପରିମାଣରେ ଜାଲରେ ପଡ଼ିଥିବା କିଛି ନୁହଁ ନିଶ୍ଚିତ କିନ୍ତୁ ଭିଜିଲାନ୍ସର ହିସାବରେ ଏହି ବାବୁମାନଙ୍କର କବ୍‌ଜା ହୋଇଥିବା ସମ୍ପତ୍ତିର ମୂଲ୍ୟ ପ୍ରାୟ ୧୫୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଏହି ବର୍ଷରେ ଆଇ.ଏଫ.ଏସ ଅଫିସରଙ୍କଠାରୁ ଆରମ୍ଭ କରି ପିଅନ ପର୍ଯ୍ୟନ୍ତ ଅଛନ୍ତି। ଏବେ ଆସିବା ସରକାରଙ୍କଠୁ ଦସ୍ତଖତ ମାରି ପ୍ରାୟ ସାଢ଼େ ଚାରିଲକ୍ଷ କର୍ମଚାରୀରୁ ଯଦି ଶତକଡ଼ା ୧୦ ଭାଗଙ୍କ ଘର ଉପରେ ଭିଜିଲାନ୍ସ ଚଢ଼ାଉ କରନ୍ତି ତେବେ ତାହା କେତେ କୋଟି ଟଙ୍କାର ପହଂଚିବ ତାହା ନିଶ୍ଚୟ ଧାରଣା ବାହାରେ। ସମାଜରେ ଏବେ ସବୁଠୁ ଭଲରେ ଥିବା ଲୋକ ହେଉଛନ୍ତି ସରକାରି ଚାକିରିଆ। ମାସକୁ ଦରମା ଆକାଶ ଛୁଆଁ। ଦରମା ଆରମ୍ଭ ୩୦୦୦୦ ଟଙ୍କାରୁ ତଥାପି ନିଜ କାମ ଛାଡ଼ି ବ୍ୟସ୍ତ ରହୁଛନ୍ତି କେଉଁ ବାଟରୁ ଦରମା ଛଡ଼ା ଅନ୍ୟ ବାଟରୁ ଟଙ୍କା ପକେଟକୁ ଆସିବ। ଏହି ଘୃଣ୍ୟ କାର୍ଯ୍ୟରୁ କେହି ବିରତ ନୁହନ୍ତି। ସେ ଡାକ୍ତର ହୋଇପାରେ ବା ଚପରାସି। ସରକାରୀ ଚାକର ଖଣ୍ଡେ ମିଳିବା କେତେ ପ୍ରକାରର ସୁବିଧା ମିଳୁଛି ତାହା ସବୁ କଳ୍ପନା ବାହାରେ ଏବଂ ଅବସର ପରେ ମଧ୍ୟ ପେନସନ ଏବଂ ନିଜେ ମରିଗଲା ପରେ ସ୍ତ୍ରୀଙ୍କୁ ଅଧା ମିଳିବାର ବ୍ୟବସ୍ଥା ରହିଛି। ସରକାର କେତ ସୁବିଧା ଆଉ ଦେବେ? ତଥାପି ସଦାବେଳେ କିମିତି ଦୁଇ ନମ୍ବର ବାଟରେ ଦୁଇ ପଇସା ଆସିବ। ଯେତେ ବାଟମାରଣ ପଇସା ସବୁ ସାଧାରଣ ଜନତାଙ୍କ ଏବଂ ରାଜ୍ୟ ହେଉ ବା ଜିଲ୍ଲାର ଉନ୍ନତି ପାଇଁ ଥିବା ପାଣ୍ଠିରୁ ହିଁ ବାଟମାରଣ ହେଉଛି। ଏହି ପ୍ରଥା କେତେଦିନ ଚାଲିବ, କେମିତି ବନ୍ଦ ହେବ ଏବଂ କେବେ ବନ୍ଦ ହେବ? ଏହାର ଉତ୍ତର ସରକାରଙ୍କୁ ଜନସାଧାରଣଙ୍କ ନିକଟରେ ରଖିବାକୁ ପଡ଼ିବ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଏବେ ଏବେ ଯେଉ ଆଇ.ଏ.ଏସ ବାବୁଟି ଲକ୍ଷଲକ୍ଷ ଟଙ୍କା ନେଇ ଜେଲ ଗଲେ ସେ ମୋଟ ଉପରେ ୪୦ଦିନ ହାଜତରେ ରହି ପଦାକୁ ପଳେଇ ଆସିଲେ। ଏମିତି ଦଣ୍ଡ ସମସ୍ତେ ସହିପାରିବ ଏବଂ ପୁଣି ଟଙ୍କା ମାରିବାର ବ୍ୟବସ୍ଥା କରିବେ। ଏମାନଙ୍କୁ ସାରା ଜୀବନ ଜେଲଦଣ୍ଡ ଭୋଗିବା କଥା ବା ଏମିତି ହେବା ଉଚିତ୍ ଯେ କୌଣସି ସରକାରୀ ବାବୁ ଦୁଇ ନମ୍ବରୀ ପଇସା କରିବା ପୂର୍ବରୁ ବହୁତ କିଛି ଚିନ୍ତା ତେବେ ହୁଏତ ଭ୍ରଷ୍ଟାଚାର ବନ୍ଦ ହେବନାହିଁ, କମି ଯାଇପାରେ।

# ସୁଶାସନରେ ଓଡ଼ିଶା ଏବେ ଦେଶରେ ମଡ଼େଲ

## ସତ୍ୟ ମହାପାତ୍ର

ସମଗ୍ର ଭାରତ ବର୍ଷରେ ଗୁଡ଼ ଗର୍ଭର୍ଣ୍ଣାନ୍ସ ବା ସୁଶାସନରେ ଓଡ଼ିଶା ଏକ ମଡ଼େଲ। ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାରେ ବିଜେପି ସରକାର ଗୋଟିଏ ବର୍ଷ ପୂରଣ କରିସାରିଛି। ସରକାରଙ୍କ ସଫଳତା ଓ ଉପଲବ୍ଧି ଅନେକ ରହିଛି। ବାସ୍ତବରେ କହିବାକୁ ଗଲେ ମୋହନ ଚରଣ ମାଝୀଙ୍କ ପରି ସରଳ, ଅମାୟିକ ଓ ରାଜ୍ୟର ବିକାଶ ପାଇଁ ଦୃଢ଼ ଅଙ୍ଗୀକାରବଦ୍ଧତା ଥିବା ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ବିରଳ।

ଗତ ବର୍ଷ ରାଜ୍ୟରେ ନୂଆ କରି ବିଜେପି ସରକାର ଗଠନ ହେବା ପରେ ଜୁନ ୧୨ ତାରିଖ ୪ଟି ପ୍ରମୁଖ ନିଷ୍ପତ୍ତି ନିଆଯାଇଥିଲା। ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲିବା ସହ ସୁଭଦ୍ରା ଯୋଜନା ଲାଗୁ କରିଥିଲେ। ଶ୍ରୀମନ୍ଦିର ପାଇଁ ୫ଶହ କୋଟିର କର୍ପସ ଫଣ୍ଡ ଗଠନ କରାଯାଇଥିଲା। ଧାନ କ୍ୱିଣ୍ଟାଲ ପିଛା ୮ଶହ ଟଙ୍କା ବୋନସ ପ୍ରତିଶ୍ରୁତି ଦେଇ ପୂରଣ କରିଛନ୍ତି। ଏହା ଭିତରେ ସରକାର ପାଖାପାଖି ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବାରେ ସମର୍ଥ ହୋଇଛନ୍ତି। ସେହିଭଳି ସମୃଦ୍ଧ କୃଷି ଯୋଜନାରେ ସରକାର ୩୭୮୦୦ କୋଟିର ବଜେଟ ବ୍ୟବସ୍ଥା କରିଛନ୍ତି। ଆଗରୁ କେବେ ସରକାର କୃଷି ପାଇଁ ଏତେ ବଜେଟ କରି ନଥିଲେ। ରାଜ୍ୟର ଚାଷୀ ଆଜି ଅନେକ ମାତ୍ରାରେ ଉପକୃତ ହୋଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଅଭୂତପୂର୍ଣ୍ଣ ଘଟଣା ହେଉଛି ପ୍ରଥମ କ୍ୟାବିନେଟରେ ଓଡ଼ିଶା ସରକାର ଯାହା ନିଷ୍ପତ୍ତି ନେଇଥିଲେ ତାହା ପୂରଣ କରିବାକୁ ସରକାରଙ୍କୁ ୨୪ ବର୍ଷ ନୁହେଁ ୨୪ ମିନିଟ ଲାଗିଥିଲା, ଓଡ଼ିଶାର ଲୋକପ୍ରିୟ ମୋହନ ମାଝୀଙ୍କ ସରକାର ୨୪ ବର୍ଷ ନୁହେଁ ୨୪ ମିନିଟରେ କରି ଦେଖାଇଛନ୍ତି।

ଦୁର୍ନୀତିଗ୍ରସ୍ତ ପିଅନ ଠାରୁ ଆଇଏଏସ କାହାକୁ ତ୍ରାହି ନାହିଁ। ଲୋକଙ୍କୁ ସୁଶାସନ ଦେବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଏଥିପାଇଁ ପ୍ରଥମେ ଦୁର୍ନୀତି ହଟାଇବାକୁ ପଡ଼ିଥାଏ। ସରକାରରେ ଦୁର୍ନୀତି କଲେ ପିଅନଠୁ ନେଇ ଆଇଏଏସ ପର୍ଯ୍ୟନ୍ତ କାହାରିକୁ ତ୍ରାହି ନାହିଁ। ଲଗାତାରଭାବେ ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ବୈଷୟିକ ଶିକ୍ଷାରେ ବି ସଂରକ୍ଷଣ ବ୍ୟବସ୍ଥା କରାଯିବାର ବ୍ୟବସ୍ଥା ଆରମ୍ଭ ହୋଇଛି। ଶିକ୍ଷା କ୍ଷେତ୍ରରେ ଏସଇବିସିଙ୍କ ପାଇଁ ୧୧.୨୫% ନାମଲେଖା ସଂରକ୍ଷଣ ଚଳିତ ବର୍ଷରେ ହିଁ କାର୍ଯ୍ୟକାରୀ କରିବାର ନିଷ୍ପତ୍ତି ନିଆଯାଇଛି।

୨୦୩୬ ମିଶନପାଇଁ ୩୬ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ନେଇ ପ୍ରସ୍ତୁତି ହୋଇଛି। ମିଶନ ୨୦୩୬, ମିଶନ ୨୦୪୭ ଲକ୍ଷ୍ୟ ପୂରଣ ପାଇଁ କାର୍ଯ୍ୟକ୍ରମ ଚାଲିଛି। ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ୨୦୩୬ ପାଇଁ ୩୬ଟି କାର୍ଯ୍ୟକ୍ରମ ଆଗାମୀ ଦିନରେ ଘୋଷଣା ହେବାକୁ ଯାଉଛି। ବିଶ୍ୱବ୍ୟାଙ୍କର ସଦ୍ୟତମ ରିପୋର୍ଟ ଅନୁସାରେ ୧୩ ବର୍ଷ ମଧ୍ୟରେ ଦେଶରେ ଅତ୍ୟଧିକ ଦାରିଦ୍ର୍ୟରେ ବାସ କରୁଥିବା ଲୋକଙ୍କ ସଂଖ୍ୟା ୨୭.୧ ପ୍ରତିଶତ ରୁ ୫.୩ ପ୍ରତିଶତକୁ ହ୍ରାସ ପାଇଛି ଅର୍ଥାତ୍ ଏହି ସମୟ ଭିତର ପ୍ରାୟ ୨୭ କୋଟି ଲୋକ ଅତ୍ୟନ୍ତ ଦରିଦ୍ର ତାଡ଼ନାରୁ ମୁକ୍ତି ହୋଇଛନ୍ତି। ଏହି ଗୋଟିଏ ମାପଦଣ୍ଡରୁ ସରକାରଙ୍କ ସାଧାରଣ ଜନତାଙ୍କ ବିକାଶ ବିଷୟରେ ଜାଣିହେବ।

ବିକଶିତ ଓଡ଼ିଶା ଆଜି ପ୍ରାଥମିକ ଭାବେ ରେଳ ଠାରୁ ସଡ଼କ ଭିତ୍ତିଭୂମି, ସ୍ୱାସ୍ଥ୍ୟ ସେବା ଠାରୁ ମହିଳା ସଶକ୍ତିକରଣ, ନିର୍ମାଣ ଠାରୁ ନିବେଶ, ଗରିବଙ୍କୁ ଆବାସ ଯୋଗାଣକୁ ଗୁରୁତ୍ୱ ପ୍ରଦାନ କରିଛି। ମହିଳା ମାନଙ୍କୁ ଆର୍ଥିକ କ୍ଷେତ୍ରରେ ନିଜ ଗୋଡ଼ରେ ଛିଡ଼ା ହେବାପାଇଁ ସେମାନେ ସ୍ୱାବଲମ୍ବୀ ହୋଇ ନିଜ ପରିବାରର ଉନ୍ନତି ନିମିତ୍ତ ଓଡ଼ିଶା ସରକାରଙ୍କ ପ୍ରଗତିଶୀଳ (ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## କବିତା କୋଣାର୍କ

# ଏଇ ଋତୁ ସତେ କେଡେ ଭଲ

## ପ୍ରଶାନ୍ତ କୁମାର ଦାଶ



ଫୁଲ ବୁଣିଲାଣି ତାହାର ସୁରଭି
କଅଁଳି ଗଲାଣି ଘାସ
ମେଘ ଢାଳିଦିଏ ବରଷା ଅସରା
ଚାତକ ରଚଇ ରାସ।

ବରଷା ଆସିବା ଖୁସୀରେ ଚାଷୀଟି
ଗାଏ ମିଠା ମିଠା ଗୀତ
ବରଷା ଛୁଆଁରେ ରାତି ଅଧହେଲେ
ଲାଗୁଚି ଦେହକୁ ଶୀତ।

ଖସୁନାହିଁ ଆଉ ଆକାଶ ଛାତିରୁ
ନିଦାଘ ନିଆଁର ତାତି
ଅଜାଡେ ବରଷା ମାରେ ଘଡଘଡି
ନିରବ ହୋଇଲେ ରାତି।

ପୁରୁଣା ଗୀତର ଆଳାପ କରଇ
ନିଦଭାଙ୍ଗି ଉଠି ବୋଉ
କହ୍ନେଇକୁ ଧରି କୋଳରେ ତାହାର
ଢାଳିଦିଏ ହସ ମହୁ।

ଗାଆଁ ବରଗଛ ଡାଳକୁ ମେଲାଇ
ପକ୍ଷୀଙ୍କୁ ଆଶରା ଦିଏ

ରାତି ପାହୁଥାଏ କଦମ୍ବଫୁଲର
ବାସ ମନକିଣି ନିଏ।

ଗଛଛାଇ ତଳେ ଅଳସୀ ନଈଟି
ଗୀତଗାଇ ଯାଏ ବହି
ନଉକା ଛୁଟାଏ ନାଉରିଆ ଭାଇ
ଅଭୁଲା କାହାଣୀ କହି।

ଘଡଘଡି ଡାକ ଭାଙ୍ଗିଦିଏ ନିଦ
ବିଜୁଳି ଚମକି ଉଠେ
ଲାଗଇ ଗହଳ ନୂଆବୋହୁଙ୍କର
ଗାଆଁମୁଣ୍ଡ ନଈତୁଠେ।

ସତେ କେଡ଼େ ଭଲ ଏ ସରସ ଋତୁ
ବରଷା ତାହାର ନାଆଁ
ତା ଲାଗି ହଟଇ ତାତି ଗୁଳୁମୁଳି
ସୁନ୍ଦର୍ ଦିଶଇ ଗାଆଁ।

♥ କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦

# ସେଦିନ ଯେମିତି କହିଲ ସେମିତି

## ନିରଞ୍ଜନ ସାହୁ

ସେଦିନ ଯେମିତି କହିଲ ସେମିତି
ଆଉଥରେ ଦିଅ କହି
ମୋହରି ବାଟରେ ଚାଲିଯିବି ମୁହିଁ
ଏଠାରେ ଜମା ନ ରହି।

ବହୁଦିନ ପରେ ତୁମରି ସହିତ
ଅଚାନକ ହେଲା ଦେଖା
ମନ କହୁଥିଲା ଡେଇଁ ଯାଆନ୍ତି ମୁଁ
ସମାଜ ଲକ୍ଷ୍ମଣ ରେଖା
ଆଜି ବି ଲାଗୁଛ ବହୁତ ନିଜର
ମୋର ପରାଣକୁ ଦହି।

ସମୟାନୁସାରେ ତୁମେ ବଦଳିଛ
ମୁଁ ବଦଳିପାରି ନାହିଁ
ଆଜି ବି ତୁମରି ଫେରିବା ବାଟକୁ
ବିକଳେ ରହିଛି ଚାହିଁ

କେମିତି କହୁନ ସ୍ୱାର୍ଥପର ହେବି
ବଞ୍ଚିଛି ତ ନିନ୍ଦା ସହି।

ଯାହାପାଇଁ ଦିନେ ମୋହରି ମନରେ
ସୁନ୍ଦର ଭାବନା ଥିଲା
ସେ ଭାବନା ଆଜି ସେପରି ରହିଛି
ପରିସ୍ଥିତି ନାହିଁ ଢ଼ିଲା
ସେଥିପାଇଁ ଆଜି ଗୁହାରି କରୁଛି
କୁହ ପଦେ ଦୟାବହି।

ନ କହିବ ଯଦି ଯିବି ତ ନିଶ୍ଚୟ
ଅଟକି ରହି କି ଲାଭ
ଆଗପରି ଆଉ କରିବନି ତୁମେ
ମୋହରି ସହିତ ଭାବ
ଏତିକି ବୁଝିବ ଚକ ଘୁରୁଥିଲେ
ଘୁରି ଯାଉଥାଏ ପହି।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ --- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩

## ପ୍ରତୀକ୍ଷା ଏକ ସକାଳର

### ସରୋଜ କୁମାର ଦାସ



ସବୁ ଅପେକ୍ଷାର ଅନ୍ତ ଘଟାଇ
ସେ ଆସିବ, ନୂଆ ସମ୍ଭାବନାକୁ ନେଇ
ପ୍ରାଚୀ ଦେଶେ ତା' ପ୍ରତିଭାସ
ସତେ ଏକ ନୂତନତାର ଅଭ୍ୟୁଦୟ,
ତା' କର ସ୍ପର୍ଶରେ ଗୁଞ୍ଜରିତ ହେବ
ଅମାପ ବିଶ୍ୱାସ,
ପ୍ରତିଧ୍ୱନିତ ହେବ ଓଁକାର
ହୃଦୟର ପ୍ରତି ସ୍ପନ୍ଦନରେ,
ଉଜ୍ଜୀବିତ ହେବ
ଆଶା ଓ ଆକାଂକ୍ଷାର ନବ ଅରୁଣିମା
ପ୍ରତି ମୁହୂର୍ତ୍ତରେ।

ଧୀରେ ଧୀରେ ଧ୍ୱାନ୍ତ ବଳୟରୁ
ବିକଶିତ ହେବ ପ୍ରତିଶ୍ରୁତିର ସୂର୍ଯ୍ୟ,
ବିଞ୍ଚି ହୋଇଯିବ ସୁନେଲି କିରଣ
ସାରା ଜଗତରେ।
ଜାଗିଉଠିବ ଅଙ୍ଗୀକାର ପ୍ରତିକ୍ଷଣ
ନିରବ ମନର ନିଷିଦ୍ଧ କୋଠରିରେ।
ଆଙ୍କି ହୋଇଯିବ ବାସ୍ତବତାର ଚିତ୍ର
ହୃଦୟର ପ୍ରତି ପୃଷ୍ଠାରେ।

ଆଉ କେତେଗୋଟି ମୁହୂର୍ତ୍ତର ଅପେକ୍ଷା
ସ୍ୱଚ୍ଛ ହେବ ଅନଚ୍ଛ ଅନ୍ଧାର
ସୁନେଲି ରଶ୍ମିର ପ୍ରତ୍ୟାବର୍ତ୍ତନରେ
ଜାଗିଉଠିବ ସୁନ୍ଦର ଧରଣୀ
ଝଡି ଯାଇଥିବା ଶେଫାଳୀ
ସେମିତି ମହକି ଉଠୁଥିବ
କେଉଁ ଏକ ସମର୍ପଣର ଶେଷ ଅପେକ୍ଷାରେ।
ତୁଟି ଯାଇଥିବ ବନ୍ଧନ
ଭାଙ୍ଗି ଯାଇଥିବ ମନ
ଟିକି ଟିକି ପାଖୁଡ଼ାରେ ରହିଥିବ
ଲୋତକର ଚିହ୍ନ,
ତଥାପି ସେ ପ୍ରେମ ଥିବ
ସେମିତି ଜୀବନ୍ତ, ଅଭିହିତ
ପ୍ରତିକ୍ଷଣ, ପ୍ରତିଦିନ ତା' ପ୍ରତୀକ୍ଷାରେ।

ସେ ଆସୁଥିବ ଏମିତି ପ୍ରତିଦିନ
ଭାବନାର ଅନତିଦୂରରେ
ବିଶ୍ୱାସର ଅଗଣାରେ
ପ୍ରତ୍ୟେକ ଆରମ୍ଭକୁ ପାଛୋଟି ନେବାକୁ
ରଙ୍ଗ ପାଖୁଡାରେ,
ସଜେଇ ଦେବାକୁ ପ୍ରତୀଚୀର ପ୍ରତ୍ୟେକ ପୃଷ୍ଠାକୁ
ସାତ ରଙ୍ଗର ଇନ୍ଦ୍ରଧନୁରେ
ସାଇତିବା ପାଇଁ ସବୁ ସମ୍ପର୍କକୁ
ସ୍ନେହ ପ୍ରେମ ଓ ଭଲ ପାଇବାର
ସୂକ୍ଷ୍ମ ଆବରଣରେ ।

♥ ବାଲିଆପାଳ, ବାଲେଶ୍ୱର

## ବିରହ ଗୀତି

### ନୀଳମଣି ଚାନ୍ଦ



ଭଲ ପାଉଥିଲ ତୁମେ ଭୁଲି ଗଲ
ଗଲ ଛାଡ଼ି ମୋତେ ଚାଲି
କଲ ନୟନକୁ ଧାରା ଶିରାବଣ
ହୃଦୟକୁ ମରୁବାଲି ।

ବହୁଛି ଏଇଠି ସରିତ ମୁଁ ହୋଇ
ଦୁଇକୂଳ ଉଛୁଳେଇ
ଏଇଠି ରହିଛି ମରୁଭୂମି ସମ
କେତେ ମରୀଚିକା ନେଇ
ମୁହଁ ଖୋଲି କେବେ କହିନି କା ଆଗେ
ପ୍ରତାରଣା କଲ ବୋଲି ।

ଇନ୍ଦ୍ରଧନୁ ଆଉ ତା ସାତ ରଙ୍ଗରେ
ରଙ୍ଗେଇ ପାରୁନି ମୋତେ
ସାଧବବୋହୂର ପରଶଂସା ମଧୁ
ଛିଟା ପଡୁନାହିଁ ସେତେ
ଯିବା ଦିନ ସବୁ ସଜଳ ରହିଛି
ସ୍ମୃତିପଟରେ ମୋ ଝୁଲି ।

♥ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

## ପ୍ରୀତି

### ଡ଼.ଭରତ ଚନ୍ଦ୍ର ଦାଶ



ମୋର
ଏମିତି କ'ଣ
ଅପରାଧ ହେଲା ଯେ
ପ୍ରୀତି
ସଂପୂର୍ଣ୍ଣ ଭାବେ
ଭୁଲିଗଲା ମନରୁ
ଶବ୍ଦରୁ, ଭାବରୁ
ବିଭବରୁ, ବୈଭବରୁ
ଚିନ୍ତାରୁ, ଚେତନରୁ
ଚୈତନ୍ୟରୁ ।

ହଁ
ସମୟ କହିବ
ଭଲ ପାଇବାର
ସଂଜ୍ଞା କ'ଣ
ସରହଦ କ'ଣ
ମୁଁ ନିରବ
ନିସ୍ତେଜ ନିଷ୍ପ୍ରଭ
ପଥିକଟିଏ
ଏ ଘନ ନିଘଞ୍ଚ
ହୃଦ ଉପବନରେ
ଏକଲା ଚାଲିଛି
ସମୟ ପାଇଲେ
ବୁଲିଯିବ ଦେଖିଯିବ
ଅନୁଭବିବ
ପ୍ରଣୟୀର
ସ୍ମିତିଶୂନ୍ୟତାକୁ
ନିଶ୍ଚୟ ଆସିବ।

ମୁଁ
ପ୍ରତୀକ୍ଷାରେ ଅଛି ।

♥ସଚିବ, ସୃଜନ ଶ୍ରୀକ୍ଷେତ୍ର,ମାର୍କୋଣା
ବାଲେଶ୍ୱର -୭୫୬ ୧୨୬
ମୋ: ୮୯୮୪୪୩୯୧୬୬

## ପୂଣ୍ୟ ପ୍ରତ୍ୟୁଷ

### ଅନସୂୟା ପଣ୍ଡା



ଦିବାକରଙ୍କ ଦିବ୍ୟ ସତ୍ତା ମାଟିକୁ ଛୁଇଁ
ବହଳେ ଅନ୍ଧାର ଗିଳି ସାରିଲାଣି
ଆକାଶରେ ଅରୁଣ ରଙ୍ଗର ଚହଳ
ମନକୁ ଛୁଇଁ ପ୍ରତ୍ୟୁଷରେ ପ୍ରକୃତିର
ପ୍ରାଣ ଆଉ ପ୍ରଣୟ ଭରି ମଗ୍ନ ମାଟିର।

ସହକାରର ଗହଳ ବଉଳ ବାସ୍ନାରେ
ପବନର ଗୁଣୁ ଗୁଣୁ ଅସ୍ତିତ୍ୱରେ
ଶୁଭିଲାଣି କୋଇଲିର ମିଠା ସ୍ୱନ
ସମ୍ମୁଖରେ ନଦୀର ଗୈରିକ ଉପକୂଳ
ବୁଣିଲାଣି ପ୍ରୀତି ଫଗୁଣର ଶିହରଣ।

ମହମହ ମଲ୍ଲୀ ମଧୁମାଳତୀର ମୁଗ୍ଧ ମନ୍ତ୍ର
ଗୋବିନ୍ଦଙ୍କ ଆରାଧନା କଲାଣି ଉଛନ୍ନ
ପଳାଶ ଫୁଲେ ପଥପ୍ରାନ୍ତ ସୁଶୋଭିତ
ଆତୁର ମନରେ ଭାକ୍ତିକ ମଧୁଗୀତ।

ହଜିଥିବା ସେଇ ପୁଲକିତ ଚାରୁକାନ୍ତି
ନବ ପଲ୍ଲବରେ ଶୋଭନୀୟ ଦିଶୁଛି
ବିଭୋର ଭଅଁର ସଙ୍ଗୀତେ ଫୁଲ ଆଉ କଳି
ନୀହାରସିକ୍ତ ସୈକତରେ ଘାସଫୁଲ ସ୍ମୃତି
ଝରିପଡିଛି ମାଟିମଗ୍ନା ହେଇ ଜୁଇ ଯାଇ।

ଅସମ୍ଭବକୁ ସମ୍ଭବ କରିବାର ସମୟଟିଏ
ପବନରେ ସମ୍ମୋହନ ପାପୁଲିଏ
ଫୂର୍ତ୍ତିରେ ବିଭୋରିତ ରଙ୍ଗ ରସ ନେଇ
ଡାଳେ ଡାଳେ ଭରା ଫୁଲ ମନ ଫୁଲେଇ।

ନୀଳପ୍ରେମ ଲତାଗହଳେ ଘାସରେ ବଣରେ
ବାସ୍ନାୟିତ ଏଠି କିଆ କେତକୀର ପ୍ରାଣ
ପରିବ୍ୟାପ୍ତ ଅସ୍ତିତ୍ୱ ଆବେଗ ସମାଛନ୍ନ
ମନ ଭେଦି ରୋମାଞ୍ଚିତ ବଂଶୀସ୍ୱରେ
ଶୁଭେ ଖାଲି ପ୍ରିୟତମ ପ୍ରିୟତମ ନୀରବରେ।

♥ବୁର୍ଲା, ସମ୍ବଲପୁର
ମୋ: ୮୩୨୮୯୪୫୮୮୫

## ସଖୀ ଲୋ

### ଆନନ୍ଦ କୁମାର ମାଇତି



ମଣିଷ ମନ ଭାଙ୍ଗିଲେ
ଶବଦ ହୁଏନା ବୋଲି
କେହି ମନ କଥା ବୁଝି ପାରେନା
ଯେମିତି ସେ ମୋତେ ବୁଝି ପାରନା !
ପରିସ୍ଥିତି ପାଇଁ ମୁଁ ବି
ତୁମକୁ ଦେଖେଇ ପାରେନା
ସଖୀ !
ଦୁଃଖ ଦୀର୍ଘ ହୁଏନା ଲୋ ସଖୀ,
ଦୀର୍ଘ ହୁଏ ଦୁଃଖର ଅଭୁଲା ସ୍ମୃତି।

♥ମୋ : ୯୪୩୯୦୭୭୩୯୫

## ହେ ବନ୍ଧୁ !!

### ଡ. ଦୀପକ କୁମାର ମିଶ୍ର



ମୋ କାନ୍ଧର ସବୁତକ ପାରିଲା
ନିପାରିଲାପଣକୁ
ସଅଁପି ଦେଉଚି ସେହି ହାତଗୁଡ଼ିକୁ
ଯେଉଁମାନଙ୍କର ଥାପୁଡ଼ା ମାଡ଼ରେ
ମୁଁ ଆଜି ମୁଁଟିଏ
ନହୁବା ବାକି ଚାପୁଡ଼ାମାନଙ୍କର
ଚକ୍ରାନ୍ତରେ ମୁଁ ଆଜୀବନ ଲହୁଲୁହାଣ ।

ତୁମର ରଙ୍ଗୀନ ପେନିସିଲ ମୁନର ଖେଞ୍ଚାଗୁଡ଼ିକୁ
ସାଇତିରଖିଛି ଏବେ ବି
ହୃଦୟର ବାମକଡ଼ ରତ୍ନଭଣ୍ଡାରରେ
ଖୁବ୍ ସଜେଇ ସ୍ମୃତିର ଜୀବାଶ୍ମ ବେଶରେ ।

ମୁଁ ଲେଖିଥିବା ବେନାମୀ ଚିଠିଟିକୁ ସେଦିନ
ନିଜର କହି ଜିତିଗଲ ଗୁପ୍ତ ଅଭିସାର
ତଥାପି ତ ତୁମ କରମର୍ଦ୍ଦନରେ
ମେଣ୍ଟେଇଥିଲି ଆଦ୍ୟ ବସନ୍ତର
ସବୁତକ ଭିଜା ଅବସୋସ

ଯେଉଁଠି ଥାଅ, ଭଲରେ ଥାଅ
ଏତିକି ଦୁଃଖ
ପ୍ରଚଣ୍ଡ ସଭ୍ୟତା ମାଖିଥିବା ଅବିକାର
ମିଛ ଓଠଟିରେ
ତୁମକୁ ଗାଳି କରିପାରୁନି ଆଉ
ନିବିଡ଼ ଅପଶବ୍ଦମାନଙ୍କର ଅଳଙ୍କାର ପିନ୍ଧେଇ ।

♥ ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ବୁଢ଼ା ସିଂହ

### ମୋହନ କୁମାର ସ୍ୱାଇଁ



ଅପେକ୍ଷାରତ କ୍ଲିନିକର ଧାଡ଼ିରେ
ଅସ୍ତବ୍ୟସ୍ତ କିଛି
ବୁଢ଼ା ସିଂହ ଶୋଇଥିଲେ
ନିଘୋଡ଼ ନିଦରେ
ଘଣ୍ଟା ବାଜୁବାଜୁ ଚିହିଙ୍କି ଉଠିଲେ
ଏକା ନିଃଶ୍ୱାସରେ
ଯେମିତି ଟ୍ରେନ ଛାଡ଼ିଦେବ
ପ୍ରାଣ ଉଡ଼ିଯିବ
ସର୍ପ ଦଂଶୀ ଦେବ
ଏଇ ମୁହୂର୍ତ୍ତରେ ।
ଦଳାଚକଟାରେ ଜୀବନ ଯାଉ
କ୍ଷୀର ହାଣ୍ଡି ସାରା ଚୁଲିକୁ ଯାଉ
ପାଣିକାଚ ପଛେ ଫୋପଡ଼ା ହେଉ
ଲକ୍ଷ୍ୟ ମିଳିଯାଉ
ଏଇ ମୁହୂର୍ତ୍ତରେ ।
ଯେମିତି, ସେମାନେ ହିଁ ବୁଝିଛନ୍ତି
ଜୀବନର ଅନ୍ୟ ନାମ ସଂଘର୍ଷ ।
ପରେ, ପଛେ ଛୁଆ
ହାଣ୍ଡି ଚାଟନ୍ତୁ
ଅଜାତ ଶତ୍ରୁଙ୍କ ପାଦ ଧୁଅନ୍ତୁ
ପ୍ରତିକ୍ଷାର ଅନ୍ତ ହେଉ
କେତେ ଅମଣିଷଙ୍କ ଔଦ୍ଧତ୍ୟରେ
ମଣିଷ ଆଜି ଅଲଣା ଜାଉ ।

♥ବେଣାପୁର, କଣ୍ଟିଗଡିଆ, ଯାଜପୁର
ମୋ: ୮୧୧୮୦୯୯୦୩୮

## କେବେ ଦଶ କେବେ କୋଡ଼ିଏ

### ସୁଚରିତା ମହାନ୍ତି



ଲୋ ନିଆଁ ! ଲୋ ଚୁଲି !
ସେଇ ରେବତୀ ମାନେ
ଅର୍ଦ୍ଧ ଦଗ୍ଧ ଅବସ୍ଥାରେ
ଯନ୍ତ୍ରଣାରେ ଛଟପଟ ହୋଇ
ଆଖି ବୁଜନ୍ତି

ତମ କହିବା ଅନୁସାରେ ସେମାନେ
ମୃତ୍ୟୁକୁ ବରଣ କରିଥାନ୍ତି
କାହାକୁ ଜୁଇରେ
ପୁନଶ୍ଚ ଜଳିବାକୁ ପଡ଼େ
ଆଉ କାହାକୁ ଦିଆଯାଏ କବର
ମରିବା ଲୋକକୁ ପୋଡ଼ କି ପୋତ
ସେଥିରେ ସେମାନଙ୍କର ଯାଏ କ'ଣ ନା
ଆସେ କ'ଣ...

ଜିଇଁ ଥିବା ବେଳେ ଯାହାକୁ
ପ୍ରତି ମୁହର୍ତ୍ତରେ ସିଝିବାକୁ ପଡ଼େ
ସେଠି ତମେ ପୋତିଲେ କେତେ
ନା ଜାଳିଲେ କେତେ !!

ଶେଷରେ ଅସହାୟତାର ମୁଖା ପିନ୍ଧି
ରେବତୀମାନଙ୍କର ବାପାମାନେ କହନ୍ତି,
ଯାହା ହେବାକଥା ହେଇଗଲା
ଆତ୍ମାର ସଦ୍ଗତି ହେଉ ।

ରେବତୀମାନଙ୍କର ଜୀବନକୁ
ଅଙ୍କରେ କଷା ହୁଏ
ଭାଗଶେଷ ରହେ, କେବେ ଦଶ
କେବେ କୋଡ଼ିଏ ॥

♥ବାରିପଦା,ମୟୂରଭଞ୍ଜ
ମୋ: ୮୯୧୭୫୭୧୨୦୨

## ଶତ୍ରୁ

### ଲକ୍ଷ୍ମୀପ୍ରିୟା ମାଇତି



ଅଜଗର ପରି ସେ
କେତେ ମୋଡି ମୋଡି ହୋଇ ଆସେ
ଘଞ୍ଚ ଅରଣ୍ୟ ଦେଇ
ଗିଳିବା ଆଶାରେ।

ଟୋପାଏ ରକ୍ତର ଆବାହନରେ
ସାର୍କ ଭଳି ଡୁବି ଡୁବି ଆସେ
ମହାସମୁଦ୍ର ଦେଇ
ଦାନ୍ତରେ ଦାବି ଦାବି
ଖାଇବା ଲାଳସାରେ।

ନିରୋଳା ପାଇଲେ
ଜିଭରୁ ଲାଳ ଗଡେଇ
ମହାବଳବାଘ ପରି
ଧାପି ଧାପି ଆସେ
ଝୁଣି ଝୁଣି ମାରିବା ନିଶାରେ।

ସୁଖର ମହାଯାତ୍ରାରେ
ସିଏ ବରମୁଣ୍ଡା ଟ୍ରାଙ୍ଗଲ ସାଜେ
ବଙ୍ଗୋପସାଗରର ଝଡ
ଟାଇଟନିକ୍ ର ହିମ ଶୈବାଳ
ସମୁଦ୍ର ମଝିର ସୁନାମି
ବାଦଲ ଭିଡ଼ ଆକାଶ ଛାତିର
ତୀବ୍ର ବଜ୍ରମାଡ।

ସେ ହସେ କାଶତଣ୍ଡି ଓଠରୁ ହସ ଛଡେଇ
ଭଦୁଅର କାଇଁଶ ଝୁଡିରୁ
ଲୁହ ଦିଏ ଝରେଇ
ସଧବାର ସାଧବାଣୀ ଆଖିରୁ।

ନାଚିଯାଏ ଥେଇ ଥେଇ କରି
ଦରଦରେ ଭରା ନିରିହ
ହୃଦୟ ଚଟାଣରେ
ଛଳମୟୀ ନୃତ୍ୟାଙ୍ଗନାଟିଏ ହେଇ
ବୃଥା କଳଙ୍କ ଆଉ ଅପବାଦ ଲେଖିଦେବା ପାଇଁ
ବଗବଗୁଲିର ଧୋବ ଫରଫର
ଧବଳ ପୃଷ୍ଠାରେ।

ସେ ଖେଳ କରେ ମୈଦାନରେ
ବନ୍ଧୁକରେ, ବାଡ଼ିରେ, ଗାଡ଼ିରେ
ରସରେ, ବିଷରେ,
ଝଗଡ଼ା ଝାଟିରେ
ଚୁପଚାପ, ନିରୁତ୍ତରରେ।

କେବେ ସହଜ ... କେବେ ସହଜରେ
ଧରାପଡେନା
ଲୁଚି ଛପି ଥାଏ ମଞ୍ଜାରି ପରି
ଘରେ ବାହାରେ
ପୁନେଇଁରେ ଅନ୍ଧାରରେ
ସବୁ ପର ଆପଣାର ଭିତରେ
ପ୍ରାଣରୁ ପରମାତ୍ମା ଯାଏଁ
ସବୁରି ଯୁଗରେ ସବୁ ସମୟରେ।

+ମୋ ୯୪୩୯୫୩୭୫୯୨

## ପ୍ରେମର ମହକ

### ଶୁଭଶ୍ରୀ ଜେନା



ପ୍ରେମ କେତେବେଳେ
ଶୀତୁଆ ସକାଳର ସୁଲୁ ସୁଲିଆ ବା
ତ କେତେବେଳେ ବାଇ ଚଢେଇର ବସା
ପ୍ରେମରେ ପୃଥିବୀଟା ସଜେଇ ହୁଏ
ଇନ୍ଦ୍ରଧନୁର ସପ୍ତରଙ୍ଗରେ,
ପୁଣି କେତେବେଳେ ସଜେଇହୁଏ
ସବୁଜ ବନାନୀରେ।
ଫୁଲରୁ ଫୁଲକୁ ଉଡି
ଭ୍ରମରବି ଗୀତଗାଏ ଗୁଣୁ ଗୁଣୁ ହୋଇ
ପ୍ରେମ, ପ୍ରଥମ ବର୍ଷା ଭିଜା ମାଟିର
ସେ ଅପୂର୍ବ ମହକ
ବସନ୍ତର ଆଗମନେ କୋଇଲିର କୁହୁ ତାନେ
ମନ ପ୍ରାଣେ ଖେଳିଯାଏ ଅପୂର୍ବ ପୁଲକ ।
ନବଧା ଭକ୍ତି ମଧ୍ୟେ ପ୍ରେମ ଭକ୍ତି ଶ୍ରେଷ୍ଠ
ତେଣୁଟି ଶବରୀର ପ୍ରେମେ ପ୍ରଭୁ ଶ୍ରୀରାମଚନ୍ଦ୍ର
ବସି ଖାଇଥିଲେ ମିଠା ମିଠା ଅଇଁଠା ଫଳ
କୃଷ୍ଣ ପ୍ରେମେ ଶ୍ରୀ ଚୈତନ୍ୟ ହେଲେ ଆବିର୍ଭାବ
ସେଇ ପ୍ରେମ ହିଁ କରିଥାଏ ବିଶ୍ୱକୁ ସୁନ୍ଦର ।
ସୁନ୍ଦର ସେ ପ୍ରଭୁ ଶ୍ୟାମସୁନ୍ଦର
ବଂଶୀର ସୁରେ ସୁରେ ପ୍ରେମର ଝଂକାରେ
ରାଧା ପ୍ରେମେ କୃଷ୍ଣ ବନ୍ଧା ଜଣେ ଏ ଜଗତ
ରାଧା ବିନା କୃଷ୍ଣଙ୍କୁ କେପାରିଅଛି ଜାଣି
ତାଳତମାଳେ ପ୍ରେମର କୁଞ୍ଜରେ
ଶୋଭା ପାଆନ୍ତି ରାଧା କୃଷ୍ଣ ଯୁଗଳ ମୂରତି ।
ମୀରା ବାଇ ପ୍ରେମେ, ହେଲ ତୁମେ ବସ
ବିଷକୁ ଅମୃତକରି ପ୍ରାଣ ରକ୍ଷାକଲ
କଳି କାଳେ ବଡ଼ଦେଉଳେ ଅଧାଗଢା ହୋଇ
ମାତୃ ପ୍ରେମେ ବନ୍ଧା ତୁମେ ହେ ଜଗତ ସାଇଁ
କର ଘୋଷ ଯାତ ତୁମେ ନବଦିନ ପାଇଁ
ଏବେବି ପରିନ ଭୁଲି ରାଧାରାଣୀ ପ୍ରେମ
ସେଥିପାଇଁ ଶୁଣ ନୀତି ଶ୍ରୀ ଗୀତଗୋବିନ୍ଦ
ସେଥିପାଇଁ ଶୁଣ ନୀତି ଶ୍ରୀ ଗୀତଗୋବିନ୍ଦ ।

♥ଜଗତସିଂହପୁର
ମୋ: ୭୩୮୧୪୦୨୫୨୮

## ସ୍ମୃତି

### ଗୋଲୋକ ବିହାରୀ ବେହେରା



ମୋ' ମନ ସୀମାରେ ରହି
ନୟନେ ମୋ' ଦେଲ ସାତ ରଙ୍ଗ,
ମୋ' ମନ ମରୁରେ ତୁମେ
ଭରିଦେଲ ଶ୍ୟାମ ଅନୁରାଗ ।

ମନେ ମୋର ସ୍ୱପ୍ନ ଦେଲ
ଲେଖିଲି ମୁଁ କେତେ ଯେ' ଗୀତିକା,
ମୋ' ଗୀତ ଗାଇଲ ତୁମେ
ଫୁଲେ ହସେ ମୋ ମନ ଲତିକା ।

ନିବିଡ଼ ଚୁମ୍ବନ ଦେଲ
ବଇଁଶୀର ସ୍ୱର ଭାସି ଆସେ,
ଦେହ ମନ ଭରିଗଲା
ଆଶ୍ଲେଷ ଓ ବେପଥୁ ପ୍ରୟାସେ ।

ତୁମେ ପୁଣି ଚାଲିଗଲ
ବିଗଳିତ କରି ମୋ' ହୃଦୟ,
ସ୍ମୃତିର ଶୁଭ୍ର ସଉଧ
ହୋଇନାହିଁ ଆଜି ବି ବିଲୟ ।

♥ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଷଡ଼ଙ୍ଗୀ, ଢେଙ୍କାନାଳ
ମୋ: ୯୯୩୮୩୦୩୦୪୬

# ଶିଶୁ ବିହାରରେ ମାତୃ ପ୍ରଶିକ୍ଷଣ ଶିବିର




ବାସୁଦେବପୁର, ୪/୦୮ (ନି.ପ୍ର): ବାସୁଦେବପୁର ସହରର ଆଦର୍ଶ ଶିକ୍ଷା ଅନୁଷ୍ଠାନ ଶିଶୁ ବିହାରରେ ମାତୃ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ତୃପ୍ତି ମହିଳା ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧକ୍ଷା ଓ ସାହିତ୍ୟିକା ସ୍ନିଗ୍ଧା ମହାନ୍ତି। ମାଆ ମାନେ କିପରି ଆମ ସମାଜରେ ଆଦର୍ଶ ନାରୀ ଓ ସୁ ଗୃହିଣୀ ହୋଇ ପାରିବେ ଏବଂ ସମାଜର ମୁଖ୍ୟ ସ୍ରୋତରେ କାର୍ଯ୍ୟ କରି ପାରିବେ ତଥା ପିଲା ମାନଙ୍କୁ ଠିକ୍ ଭାବେ ଗଠନ କରି ପାରିବେ ସେ ସମ୍ପର୍କରେ ମୁଖ୍ୟ ଅତିଥି ସ୍ନିଗ୍ଧା ମହାନ୍ତି ବକ୍ତବ୍ୟ ପ୍ରଦାନ କରିଥିଲେ। ଶିଶୁ ବିହାର ର ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଓ ମାଆ ମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ୩୩ ଜଣ ମାଆ ଏହି ଶିବିରରେ ଅଂଶ ଗ୍ରହଣ କରିଥିଲେ। ଶିଶୁ ବିହାର ର ଗୁରୁଜୀ ଭରତ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ ମହାରଣା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ। ବିଦ୍ୟାଳୟର ଗୁରୁଜୀ ରାମ ଚନ୍ଦ୍ର ନାୟକ ଓ ସମସ୍ତ ଗୁରୁଜୀ ଗୁରୁମା ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ମାଳତୀ ମଞ୍ଜରୀ ସରସ୍ୱତୀ ଶିଶୁ ମନ୍ଦିରରେ ମାଳତୀ ମଞ୍ଜରୀଙ୍କ ୨୦ତମ ଶ୍ରାଦ୍ଧବାର୍ଷିକୀ ପାଳିତ



ବାଲିଆପାଳ, ୪/୦୮ (ନି.ପ୍ର): ବାଲିଆପାଳ ହନୁମାନ ମନ୍ଦିର ସମ୍ମୁଖରେ ଥିବା ମାଳତୀମଞ୍ଜରୀ ଶିଶୁ ବିଦ୍ୟାମନ୍ଦିରର ପ୍ରାଣ ପ୍ରତିଷ୍ଠାତା ଡା.ଦେବବ୍ରତ ଦଣ୍ଡପାଟଙ୍କ ମାତା ମାଳତୀ ମଞ୍ଜରୀଙ୍କ ୨୦ତମ ଶ୍ରାଦ୍ଧବାର୍ଷିକୀ ଆଜି ପୂର୍ବାହ୍ନରେ ପାଳିତ ହୋଇଯାଇଛି । ଅମରଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁଙ୍କ ନାମସଂକୀର୍ତନ କରାଯାଇ ପରିବେଶକୁ ଭକ୍ତିମୟ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଂଚାନନ ପଣ୍ଡା ପୌରହିତ୍ୟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ଡା.ଦେବବ୍ରତ ଦଣ୍ଡପାଟ, ଶିକ୍ଷାବିତ୍ ଜଗନ୍ନାଥ ପ୍ରଧାନ,କବି ଶଚୀନ୍ଦ୍ର ନାଥ ନନ୍ଦୀ ଏବଂ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ସନ୍ଧ୍ୟାରାଣୀ ଜେନା , ସଂଜୁବାଳା ମହାନ୍ତି,ଅଶୋକ କୁମାର କର,ପୁନିଲ କୁମାର ନନ୍ଦୀ ଏବଂ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ରହି ଅମରାତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ । ବିଦ୍ୟାଳୟ ସ୍ତରୀୟ ୩ଦିନ ବ୍ୟାପି ବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମ ତା୧/୮/୨୫ ରିଖ ଶୁକ୍ରବାର ଠାରୁ ୩/୮/୨୫ ରିଖ ରବିବାର ଅପରାହ୍ନ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲୁରହିଥିଲା । ପ୍ରଥମ ଦିନରେ ଦ୍ୱିତୀୟ ଶ୍ରେଣୀରେ ଭାଇ ଭଉଣୀ ମାନଙ୍କୁ ଗଣିତ କାଳାଂଶ କରଯାଇଥିଲା । ଦ୍ୱିତୀୟ ଦିବସରେ ୨୦୨୫-୨୬ ଶିକ୍ଷା ବର୍ଷର ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ମୋଟ ୧୦୬ ଜଣ ପିଲାମାନଙ୍କୁ ଗୁରୁଜୀ ଓ ଗୁରୁମା ମାନେ ଫୁଲ ,ଚନ୍ଦନ, ବ୍ୟାଚ ଦେଇ ସ୍ୱାଗତ କରିଥିଲା ବେଳେ ସ୍ଥାନୀୟ ଇସ୍କନ ମନ୍ଦିରର ମୁଖ୍ୟ ପରିଚାଳକ ଲାବଣ୍ୟ ପ୍ରଭୁ ଏବଂ ଡେଉଁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ସାହୁ ପିଲାମାନଙ୍କୁ ଆର୍ଶୀବାଦ କରିଥିଲେ । ଶେଷରେ ସମସ୍ତ ପିଲାମାନଙ୍କୁ ମିଷ୍ଟାନ ବଂଟନ କରଯାଇଥିଲା ।

# ଜୁଆ ଖେଳ ଉପରେ ଚଢାଉ: ୭ ଜୁଆଡି ଗିରଫ

ଜୟପୁର, ୪/୦୮ (ନି.ପ୍ର): ଜୁଆ ଖେଳ ଚାଲୁଥିବା ବେଳେ ଜୟପୁର ସଦର ପୋଲିସ ଚଢାଉ କରି ୭ ଜୁଆଡ଼ିଙ୍କୁ ଗିରଫ କରିଛି । ସୁଚନା ଅନୁଯାଇ ଜୟପୁର ସଦର ଥାନା ଅନ୍ତର୍ଗତ ରଣ୍ଡାପାଲ୍ଲି ଠାରେ ଜୁଆ ଖେଳ ଚାଲୁଥିବା ସୁଚନା ପାଇ ଚଢାଉ କରିଥିଲେ । ଚଢାଉ କରି ୭ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଠାରୁ ୨୨୫୦ ଟଙ୍କା, ୨ଟି ଖାତା, ତାସ ଆଦି ଜବତ କରିଛି । ଗିରଫ ଅଭିଯୁକ୍ତ ମାନଙ୍କୁ ନୋଟିସରେ ଛଢାଯାଇଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ସଚିନ୍ଦ୍ର ପ୍ରଧାନ ସୁଚନା ଦେଇଛନ୍ତି ।

# ପାରାଦୀପ ମ୍ୟୁନିସିପାଲିଟି ପକ୍ଷରୁ ବେଳାଭୂମି ସଫେଇ ଅଭିଯାନ




ପାରାଦୀପ, ୪/୦୮ (ନି.ପ୍ର): ପାରାଦୀପ ମ୍ୟୁନିସିପାଲିଟିର ନଗରପାଳ ବସନ୍ତ ବିଶ୍ୱାଳ ପୌରହିତ୍ୟରେ ରବିବାର ଦିନ ସଫେଇ ଆପଣାନ୍ତୁ ରୋଗ ହଟାନ୍ତୁ କାର୍ଯ୍ୟକ୍ରମ ଅଧିନରେ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିର୍ବାହୀ ଯନ୍ତ୍ରୀ ଅଭିଷେକ ପଣ୍ଡା, ପାରିଷଦ ଅଜିତ ଷଡଙ୍ଗୀ, ସୁବ୍ରତ ପ୍ରଧାନ, ସୁଶାନ୍ତ କୁମାର ଦାସ, କେ. ଜଗନ୍ନାଥ ରାଓ, ବିଧାୟକ ତଥା ଶିକ୍ଷ ମନ୍ତ୍ରୀଙ୍କ ପାରାଦୀପ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ ପ୍ରମୁଖ ଯୋଗ ଦେଇଥିଲେ। ବର୍ଷା ଋତୁରେ ଦେଖା ଯାଉଥିବା ରୋଗରୁ ସୁରକ୍ଷିତ ରହିବା ପାଇଁ ହେଲେ ସ୍ୱଚ୍ଛତାକୁ ପ୍ରାଥମିକତା ଦେବା ଦରକାର । ଅଳିଆକୁ ଏଣେତେଣେ ନପକାଇ ସଫେଇ ଗାଡିରେ ଦେବା ସହ ପାରାଦୀପ ସହରରୁ ଅଳିଆ ଅବର୍ଜନା ମୁକ୍ତ ସହର କରିବା ପାଇଁ ନଗରପାଳ ଶ୍ରୀ ବିଶ୍ୱାଳ ନିବେଦନ କରିଥିଲେ । ନଗରପାଳ ଶ୍ରୀ ବିଶ୍ୱାଳଙ୍କ ଆହ୍ୱାନକ୍ରମେ ପାରାଦୀପ ଅଂଚଳର ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସମେତ ପାରାଦୀପ ମହାବିଦ୍ୟାଳୟ ଏନ.ସି.ସି. ଆଲୁମିନି ଆସୋସିଏସନ୍‌ର ସଦସ୍ୟମାନେ ବହୁ ସଂଖ୍ୟାରେ ଯୋଗ ଦେଇ ବେଳାଭୂମି ଅଂଚଳ ସଫେଇ କରିଥିଲେ। ଏଠାରୁ ସଂଗୃହୀତ ଅଳିଆ ଗୁଡିକ ପୌର ପାଳିକା ଗାଡିରେ ପଠାଯାଇଥିଲା । ଏହି ସଫେଇ କାର୍ଯ୍ୟକ୍ରମ ଆପଣାନ୍ତୁ ରୋଗ ହଟାନ୍ତୁ କାର୍ଯ୍ୟକ୍ରମ ଆଗାମୀ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ନଗରପାଳ ଶ୍ରୀ ବିଶ୍ୱାଳ କହିଛନ୍ତି।

# ସୁଧାଙ୍ଗନା ସ୍ମୃତିରେ ଦ୍ୱାଦଶାହ ଉପଲକ୍ଷେ ମା' ପାଇଁ ଗଛଟିଏ

ଭଦ୍ରକ, ୪/୦୮ (ନି.ପ୍ର): ଭଦ୍ରକ ଜିଲା ଧାମନଗର ବ୍ଲକ ଅନ୍ତର୍ଗତ ଦୋବଲ ପଂଚାୟତ ଅଧିନ ଶୋଧ ଗ୍ରାମର ସମାଜସେବୀ ରମାକାନ୍ତ ପତିଙ୍କ ଧର୍ମପତ୍ନୀ ସୁଧାଙ୍ଗନା ପତିଙ୍କ ଦ୍ୱାଦଶାହ ଉପଲକ୍ଷେ 'ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।' ସ୍ଥାନୀୟ ପଡିଆ ରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଦ୍ୱାଦଶାହ କ୍ରିୟାରେ ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ ଓ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର କୁମାର ଦାସ,ବିଜେଡି ନିର୍ବାଚନ ମଣ୍ଡଳସ୍ତରୀୟ ନେତା ସଞ୍ଜୟ କୁମାର ଦାସ, ଧାମନଗର ପଂଚାୟତ ସମିତି ର ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ , ଜିଲ୍ଲା ପରିଷଦ ସଭ୍ୟ ଶାରଦା ପ୍ରସନ୍ନ ସାହୁ, ପଂଚାୟତ ସମିତି ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଏନ ଏ ସି ଅଧ୍ୟକ୍ଷା ନିବେଦିତା ଜେନା, କଂଗ୍ରେସ ନେତା ଅଭିଷେକ ରାଉତ, ବିଦ୍ୟାଧର ଯେନା, ନାରଣ ଚନ୍ଦ୍ର ପାଢ଼ୀ,ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ପୂର୍ବତନ ସଭାପତି ଉମେଶ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତା ପତି ଙ୍କ ସ୍ମୃତି ଚାରଣ କରିଥିଲେ ଓ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ରେ ସାମିଲ ହୋଇ ବିଭିନ୍ନ ସ୍ଥାନ ରେ ଚାରା ରୋପଣ କରା ଯାଇଥିଲା। ପତି ପରିବାରର , ପୁଅ, ପୁତ୍ରବଧୂ, ଝିଅ ଜ୍ୱାଇଁ, ନାତି ନାତୁଣୀ, ଭିଣେଇ,ଭଣଜା, ଭାଣିଜୀ ଓ ଗ୍ରାମବାସୀ ଉପସ୍ଥିତ ଥିବା ବେଳେ ସ୍ୱର୍ଗତ ପତିଙ୍କ ପୁଅ କୃଷ୍ଣ ଚନ୍ଦ୍ର ପତି ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।ଶିକ୍ଷାବିତ ଭୋଲାନାଥ ସାହୁ ସ୍ମୃତି ଚାରଣ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ।

# ବସ୍ତା ଶାରୀରିକ ଶିକ୍ଷା ଶିକ୍ଷକ ସଂଗଠନ ଆନୁକୁଲ୍ୟରେ ସ୍ୱାଗତ ସମ୍ବର୍ଦ୍ଧନା ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ



ବାଲିଆପାଳ, ୪/୦୮ (ନି.ପ୍ର): ବସ୍ତା ଶାରୀରିକ ଶିକ୍ଷା ଶିକ୍ଷକ ସଂଗଠନ ତରଫରୁ ରବିବାର ଡଗରା ବେଳାଭୂମିରେ ବନ୍ଧୁମିଳନ ଓ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବସ୍ତା ବ୍ଲକର ଗର୍ବ ଏବଂ ଗୌରବ ତଥା ବାଲେଶ୍ୱରର ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଚନ୍ଦ୍ରକାନ୍ତ ଘଡାଇ ଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆଦର୍ଶ ଶିକ୍ଷକ ସୁଧାଂଶୁ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଶିକ୍ଷକ ତଥା ବ୍ଲକ ଉପାଧ୍ୟକ୍ଷ ଦିଲ୍ଲିପ କୁମାର ଦାସ ମହାପାତ୍ର,ସମ୍ମାନିତ ଅତିଥି ଭାବରେ ଶିକ୍ଷକ ବିଜନ କୁମାର ପ୍ରଧାନ,ବ୍ଲକ ସମ୍ପାଦକ ଅମ୍ବିକା ଜେନା ଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଚନ୍ଦ୍ରକାନ୍ତ ସାରଙ୍କର ସଫଳତାର ସ୍ମୃତିଚାରଣ କରିବା ସହିତ ତାଙ୍କୁ ଅନେକ ଅଭିନନ୍ଦନ ଓ ସାଧୁବାଦ ଜଣାଇଥିଲେ। ବସ୍ତା କ୍ରୀଡାସଂଘ ତରଫରୁ ସାରଙ୍କୁ ମାନପତ୍ର ଏବଂ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା। ପୂର୍ବତନ ସମ୍ପାଦକ ପ୍ରଦୀପ କୁମାର ଦାସ ସ୍ୱାଗତ ଅଭିଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିବା, ଶିକ୍ଷକ ଲଲାଟେନ୍ଦୁ ଦେ ବିବରଣୀ ପାଠ ଏବଂ ଉତ୍ସବ କମିଟି ମୁଖ୍ୟ ସାରସ୍ୱତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସତ୍ୟରଞ୍ଜନ ପାତ୍ର, ପ୍ରାଣକୃଷ୍ଣ ନାୟକ, ସଦାନନ୍ଦ ପ୍ରଧାନ, ରାଜକିଶୋର ବାରିକ,ରଞ୍ଜିତା ସାହୁ, ଅନ୍ନପୂର୍ଣ୍ଣା ଦେ, ବ୍ରଜମୋହନ ବାରିକ,ପ୍ରତାପ ବେହେରା, ନରେନ୍ଦ୍ର ସାମଲ,ମହେନ୍ଦ୍ର ବେହେରା,ଅଜୟ ପ୍ରଧାନ, କମଳଲୋଚନ ବେହେରା , କମଳଲୋଚନ ସାହୁ,ସୁନାରାମ ସିଂହ ସୌରଭ ପଣ୍ଡା, କରୁଣାକର ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ।

# ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ୪୨ ତମ ପ୍ରତିଷ୍ଠା ଦିବସ ପାଳିତ




ଉଦଳା , ୪/୦୮ (ନି.ପ୍ର): ସମଗ୍ର କପ୍ତିପଦା ଉପଖଣ୍ଡ ମଧ୍ୟରେ ଏକମାତ୍ର ମହିଳା ମହାବିଦ୍ୟାଳୟ ଭାବରେ ନିଜର ପରିଚୟ ସୃଷ୍ଟି କରିଥିବା ଉଦଳାସ୍ଥିତ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ୪୨ତମ ପ୍ରତିଷ୍ଠା ଦିବସ ଆଜି ଅଗଷ୍ଟ ୩ ତାରିଖ ରବିବାର ଦିନ ପାଳିତ ହୋଇ ଯାଇଛି । ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ପ୍ରତିଷ୍ଠା କରାଯାଇଥିବା ପୁର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତି ଇନ୍ଦିରାଗାନ୍ଧିଙ୍କ ପ୍ରତିମୂର୍ତିରେ ପୁଷ୍ପ, ଧୂପ, ଦୀପ ଅର୍ପଣ ପୂର୍ବକ ବେଦମନ୍ତ୍ର ଉଚ୍ଚାରଣ କରି ପୂଜାର୍ଚ୍ଚନା କରାଯାଇଥିଲା । ପରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହି ଅଧକ୍ଷତା କରି ପୂର୍ବରୁ କନ୍ୟା ସନ୍ତାନ ମାନଙ୍କ ପ୍ରତି ବହୁଳ ଭାବରେ ହୀନମନ୍ୟତା ଭାବ ପରିଲକ୍ଷିତ ହେଉଥିଲା, ବର୍ତମାନ ଲୋକେ ଶିକ୍ଷିତ ହେବା ପରେ ଏପରି ମାନସିକତା ସାମାନ୍ୟ ମାତ୍ରାରେ କମିଥିବାର ପରିଲକ୍ଷିତ ହେଉଛି, କିନ୍ତୁ ଆଜିବି ପୁରୁଷ ଲୋକଙ୍କ ଦୃଷ୍ଟିଭଙ୍ଗୀ ମହିଳା ମାନଙ୍କ ପ୍ରତି ସମ୍ପୂର୍ଣ୍ଣ ବଦଳିନାହିଁ ବୋଲି ବ୍ୟକ୍ତ କରିଥିଲେ । ଏହିଭଳି ଏକ ମାନସିକତାକୁ ଲୋକଙ୍କ ଭିତରୁ ସମ୍ପୂର୍ଣ୍ଣ ଦୂରେଇ ଦେବା ପାଇଁ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟ ଚଳାଇଥିବା ଆନ୍ଦୋଳନର ଯବନିକା ପଡ଼ିନାହିଁ ବୋଲି ଭାଷଣ ମାଧ୍ୟମରେ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଇତିହାସ ବିଭାଗର ଅଧାପିକା ମଂଜୁଳା କଳିଆ ଆଜକୁ ୪୨ ବର୍ଷ ପୁର୍ବେ ସେ ସମୟର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଜାନକି ବଲ୍ଲଭ ପଟ୍ଟନାୟକ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟକୁ ପ୍ରତିଷ୍ଠା କରିବା ପାଇଁ କିପରି ଉଦଳା ଆସିଥିଲେ ଏବଂ ନଡ଼ିଆ ଫଟାଇ ଶୁଭ ଦେଇଥିଲେ ସେ ଦିନର ଦୃଶ୍ୟ କିପରି ଥିଲା ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ଅଧାପକ ରବିନାରାୟଣ ମହାପାତ୍ର, ବିବେକାନନ୍ଦ ଦାସବାବୁ, ଗିରିଶା ଶଙ୍କର ପାତ୍ର, ପ୍ରିୟ ରଂଜନ ମାଝୀ, ସପନ କୁମାର ମହାନ୍ତି ଓ ଅଧାପିକା ଅନୁରାଧା କବାଟ, ଉଦଳାରେ ମହିଳା ମହାବିଦ୍ୟାଳୟଟିଏ ପ୍ରତିଷ୍ଠା କରିବା ମଂଗ ଧରିଥିବା ବରିଷ୍ଠ ନାଗରିକ ଜୟଚନ୍ଦ୍ର ପତ୍ରୀ, ଉଦଳା ମହାବିଦ୍ୟାଳୟର ପୁର୍ବତନ ଅଧକ୍ଷ ସ୍ୱର୍ଗତଃ ରମେଶ ଚନ୍ଦ୍ର ଦାଶ, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ପୁର୍ବତନ ନଗରପାଳ ସ୍ୱର୍ଗତଃ ଲକ୍ଷ୍ମୀକାନ୍ତ ବାରିକ ଓ ମନୋଜ କୁମାର ମହାନ୍ତି, ପୁର୍ବତନ ଉପନଗରପାଳ ପ୍ରଭାତ ପରିଡ଼ା ଓ ଶୋଭାରାଣି ଦାଶ, ପୁର୍ବତନ କାଉନସିଲର ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ପୁର୍ବତନ ବିଧାୟକ ସ୍ୱର୍ଗତଃ ରାବଣେଶ୍ୱର ମଢ଼େଇ ଓ ସ୍ୱର୍ଗତଃ ରୋହିଦାସ ସୋରେନ, ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ଆଇନଜୀବି ସ୍ୱର୍ଗତଃ ଭବେଶ ସାହୁ, ଡ଼ା. ଶଚିଦାନନ୍ଦ ପରିଡ଼ା, ଡ଼. ଦୀଲିପ କୁମାର ଦିକ୍ଷିତ ଇତ୍ୟାଦିଙ୍କ ଭୂମିକାକୁ ସମେସ୍ତ ମନେ ପକାଇଥିଲେ । ଶେଷରେ ଅଧାପକ ରାଜକିଶୋର ଧନ୍ୟବାଦ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମର ଯବନିକା ପକାଇଥିଲେ ।

# ବାଇକକୁ ଧକ୍କା ଦେଲା ବାଇକ : ଜଣେ ଗୁରୁତର



ବସ୍ତା, ୪/୦୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ୬୦ ନମ୍ବର ଜାତୀୟ ରାଜପଥ ର ମାଥାନୀ ବାୟ ପାସ ନିକଟରେ ସଡ଼କ ଦୁର୍ଘଟଣା। ବାଇକ କୁ ପଛ ପଟୁ ଧକ୍କା ଦେଲା ବାଇକ, ଜଣେ ଗୁରୁତର। ସୂଚନା ଅନୁସାରେ ଆଜି ଅପରାହ୍ନ ପାଞ୍ଚ ଟା ସମୟରେ ବାଲେଶ୍ୱର ରୁ ବସ୍ତା ଥାନା ବାହାର୍ଦା ଅଭିମୁଖେ ଏକ ବାଇକ ଯୋଗେ ସୁରେନ୍ଦ୍ର ଦାସ ଏବଂ ତାଙ୍କର ସ୍ତ୍ରୀ ଗୀତାଞ୍ଜଳି ଦାସ ଆସୁଥିବା ବେଳେ ମାଥାନୀ ବାୟ ପାସ ନିକଟରେ ପଛ ଆଡୁ ଦ୍ରୁତ ଗତିରେ ଆସି ଏକ ବାଇକ ଆରୋହୀ ଧକ୍କା ଦେଇଥିଲା। ଘଟଣା ସ୍ଥଳ ରେ ଉଭୟ ସ୍ୱାମୀ ସ୍ତ୍ରୀ ତଳେ ପଡି ଥିବା ବେଳେ ମହିଳା ଜଣକ ଗୁରୁତର ଅବସ୍ଥା ରେ ରକ୍ତ ଜୁଡୁବୁଡୁ ହୋଇଥିଲେ। ଏହି ସମୟରେ ବସ୍ତା ଥାନା ବିଦ୍ୟାଧରପୁର ଗ୍ରାମ ର ଶେଖ ସରତାଜ କାର ଯୋଗେ ସପରିବାରକୁ ନେଇ ବସ୍ତା ଆସୁଥିବା ବେଳେ ମହିଳା ଙ୍କୁ ନିଜ ଗାଡି ରେ ବସ୍ତା ମେଡିକାଲକୁ ଆଣିଥିଲେ। ହେଲେ ଦୁର୍ଘଟଣା ଘଟାଇଥିବା ବାଇକ ଆରୋହୀ ଘଟଣାସ୍ଥଳ ରୁ ଚମ୍ପଟ ମାରିଥିଲେ। ତାଙ୍କର ବାଇକ ନମ୍ବର ଡଉ ୨୨ଇ ୨୯୮୩ ରହିଛି। ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତି ଉକ୍ତ ଗାଡି ନମ୍ବରକୁ ଆଧାର କରି ଥାନା ରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଜାରି ରଖିଥିବା ଜଣାପଡିଛି।

# ବଡ଼ସାହିଠାରେ ଛଅ ଦଫା ଦାବି ନେଇ ଓଡ଼ିଶା ସ୍କୁଲ୍, କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ପ୍ରତିବାଦ ସଭା



ବଡ଼ସାହି ୩/୮ ଓଡ଼ିଶା ସ୍କୁଲ୍, କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ବଡ଼ସାହି ବ୍ଲକ୍ ତରଫରୁ ଓଷ୍ଟା ବ୍ଲକ୍ ସଭାପତି ହରିଶ ଚନ୍ଦ୍ର ଦାସ ଙ୍କ ସଭାପତିତ୍ୱରେ ଜିଲ୍ଲା ଯୁଗ୍ମ ସମ୍ପାଦକ ପ୍ରଭାସ କୁମାର ନାୟକ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ୍ ସହ ସମ୍ପାଦକ, ଲକ୍ଷ୍ମୀଧର ମହାନ୍ତ, ମଞ୍ଜୁଲତା ବେହେରା, ଉପସଭାପତି ଅଞ୍ଜଳି ଦଣ୍ଡପାଟ, ରତିକାନ୍ତ ପରିଡ଼ା ଦିଲ୍ଲୀପ ମହାନ୍ତ, ପ୍ରଧାନ ଶିକ୍ଷକ ସନ୍ତୋଷ ବେହେରା, ଅମିତା ରଞ୍ଜିତ ଜିଲ୍ଲା ସହକାରୀ ସଦସ୍ୟ ଦେବରାଜ ନାୟକ ତଥା ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ , କଲେଜ ଶିକ୍ଷକ କର୍ମଚାରୀଙ୍କ ସହଯୋଗରେ ଗୋଷ୍ଠୀ, ଉପ ଶିକ୍ଷା ଅଧିକାରୀ ରାଧିଆ ଚରଣ ମୁଣ୍ଡା ଙ୍କ ମାଧ୍ୟମରେ, ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ଶିକ୍ଷାମନ୍ତ୍ରୀ,ଓ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କ ନିକଟକୁ ରାଜ୍ୟ ସଂଗଠନ ନିର୍ଦ୍ଦେଶ କ୍ରମେ ଦାବିପତ୍ର ପ୍ରଦାନ କରା ଯାଇ ଅଛି, । ମୁଖ୍ୟ ୬ ଦଫା ଦାବି ଯଥା ଅନୁଦାନ ଯୋଗ୍ୟ ସମସ୍ତ ସ୍କୁଲ କଲେଜକୁ ତୁରନ୍ତ ଅନୁଦାନ ପ୍ରଦାନ, ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ ସଳ୍ପ ବେତନରେ କାମକରି ଅବସର ଗ୍ରହଣ କରିଥିବା ଓ ଅବସର ଗ୍ରହଣ କରିବାକୁ ଥିବା ଶିକ୍ଷକ ଶିକ୍ଷା କର୍ମଚାରୀ ମାନଙ୍କୁ ଅବସର କାଳୀନ ସହାୟତା ରାଶି ପ୍ରଦାନ କରିବା, ୧୯୭୪ ଶିକ୍ଷା ନିୟମ ଅନୁସାରେ ଅନୁଦାନ ପ୍ରାପ୍ତ କର୍ମଚାରୀ ମାନଙ୍କ ଅବସର ବୟସସୀମା ୬୦ ବର୍ଷରୁ ୬୨ ବର୍ଷ କୁ ବୃଦ୍ଧି କରିବା, ପୂର୍ଣ୍ଣ ଓ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକୁ ସରକାରୀ କରଣ କରିବା ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତି ଭିତ୍ତିକ ଶିକ୍ଷକ/ ଶିକ୍ଷ ୟିତ୍ରୀ ମାନଙ୍କୁ ୬ ଟି ଇନକ୍ରୀମେନଟ ପ୍ରଦାନ କରିବା , ଗ୍ରେଡ ପେ ର ତାରତମ୍ୟ କୁ ଦୂର କରିବା ଇତ୍ୟାଦି, ସର୍ବ ଶେଷରେ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ବାରିକ ଧନ୍ୟବାଦ୍ ପ୍ରଦାନ କରି ଥିଲେ।

# ସ୍ୱଦେଶୀ ଜାଗରଣ ମଂଚର ଦୁଇଦିନିଆ ପ୍ରଶିକ୍ଷଣ ଉଦ୍‌ଯାପିତ

ସମ୍ବଲପୁର, ୪/୦୮ (ନି.ପ୍ର): ସ୍ୱଦେଶୀ ଜାଗରଣ ମଂଚ ଓଡିଶା ପଶ୍ଚିମ ପ୍ରାନ୍ତର ଦୁଇଦିନିଆ ପ୍ରଶିକ୍ଷଣ ତଥା ବିଚାରବର୍ଗ ରବିବାର ଉଦଯାପିତ ହୋଇଯାଇଛି। ଭାରତକୁ ସମୃଦ୍ଧ କରିବାକୁ ହେଲେ ସ୍ୱଦେଶୀ ସ୍ୱାବଲମ୍ବନ ହିଁ ଏକମାତ୍ର ପନ୍ଥା। ଏଇ ମାଧ୍ୟମରେ ଭାରତ ଆର୍ଥିକ ସ୍ତରରେ ମଜବୁତ ହେବା ସହ ବିଶ୍ୱଗୁରୁ ହେଇପାରିବ ବୋଲି ଉଦଘାଟନ ସମାରୋହରେ କହିଛନ୍ତି ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ। ଦୈନନ୍ଦିନ ଜୀବନରେ ସ୍ୱଦେଶୀକୁ ଆପଣେଇବା ସହ ଭାରତୀୟ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଂଚାଇବା ପାଇଁ ଆହ୍ୱାନ ଦେଇଥିଲେ ମନ୍ତ୍ରୀ। ସେହିପରି ଉଦଯାପନୀ ସମାରୋହରେ ଯୋଗ ଦେବା ଅବସରରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ଯେ ଦେଶରେ ହିନ୍ଦୁ ଜନସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଟିଏଫଆର ୨ ଦଶମିକ ରୁ ଖସି ୧.୩ ରେ ପହଁଚିଛି। ତେଣୁ ପରିବାର ନିୟୋଜନ ବଦଳରେ ପରିବାର ବଢ଼େଇବାକୁ ଆହ୍ୱାନ ଦେଇଛନ୍ତି। ଅଧିକ ଜନସଂଖ୍ୟା ଭାରତ ପାଇଁ ବିପଦ ନୁହେଁ ବରଂ ସମୃଦ୍ଧିର କାରଣ। ଦେଶର ଆର୍ଥିକ ନୀତି, କୃଷି ଓ ଜୈବିକ କୃଷି, ସ୍ଥାନୀୟ ଅଂଚଳରେ ପର୍ଯ୍ୟଟନର ବିକାଶ, କୁଟୀର ଶିଳ୍ପର ବିକାଶ, ଦକ୍ଷତା ବୃଦ୍ଧି, ପରିବେଶ ର ସୁରକ୍ଷା, ସ୍ୱଦେଶୀ ସୁରକ୍ଷା ସ୍ୱାବଲମ୍ବନ ଅଭିଯାନ କାର୍ଯ୍ୟକ୍ରମ ତଥା ସମସ୍ତ ସରକାରୀ ଯୋଜନାର ସଫଳ ରୂପାୟନ ଭଳି ବିଭିନ୍ନ ବିଷୟରେ ଆଲୋଚନା ଓ ବିଚାର ବିମର୍ଷ ଗତ ଦୁଇଦିନ ଧରି ଚାଲିଥିଲା । ଓଡ଼ିଶା ପଶ୍ଚିମ ପ୍ରାନ୍ତର ୧୪ ଜିଲ୍ଲା ମାନଙ୍କରୁ ୧୨୦ କାର୍ଯ୍ୟକର୍ତା ସ୍ୱଦେଶୀ ଜାଗରଣ ମଂଚର ପ୍ରଶିକ୍ଷଣ ବିଚାରବର୍ଗରେ ଯୋଗ ଦେଇଥିଲେ। ମଂଚର ରାଷ୍ଟ୍ରୀୟ ସହ ସଂଯୋଜକ ଧନପତରାମ ଅଗ୍ରୱାଲ, ଅଖିଳ ଭାରତୀୟ ସଂଘର୍ଷ ବାହିନୀ ପ୍ରମୁଖ ଅନ୍ନଦା ଶଙ୍କର ପାଣିଗ୍ରାହୀ, ରାଷ୍ଟ୍ରୀୟ ପର୍ଯ୍ୟାବରଣ ପ୍ରମୁଖ ବନ୍ଦେଶଙ୍କର ସିଂହ, କ୍ଷେତ୍ରୀୟ ସମନ୍ୱୟକ ଶାରଦା ପ୍ରସାଦ ଶତପଥି, ପ୍ରାନ୍ତ ସଂଯୋଜକ ରମାକାନ୍ତ ପାତ୍ର, ସହ ସଂଯୋଜକ ମନୋରଞ୍ଜନ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ।

## ଘୋଷଣାନାମା

ଆମ୍ଭେ ତିଳୋତ୍ତମା ମଣ୍ଡଳ ବ ୩୫ବର୍ଷ ପିତା ଶ୍ରୀ ବସନ୍ତ କୁମାର ମଣ୍ଡଳ ସ୍ୱାମୀ ଶ୍ରୀ ଅଜିତ୍ କୁମାର ସାହୁ, ସା: ଅଁଳାପାଳ, ପୋ: ଖରଡିହୀ, ଥାନା: ବରହମପୁର, ଜିଲ୍ଲା- ବାଲେଶ୍ୱର । ଆଦ୍ୟ ଅତ୍ର କଚେରୀ ମୁକାମରେ ଉପସ୍ଥିତ ହୋଇ ଧର୍ମତଃ ପ୍ରତିଜ୍ଞା ପୂର୍ବକ ଏହା ଜଣାଉ ଅଛୁଁ କି ଆମ୍ଭେ ଆମ୍ଭର ବିବାହ ପରେ ସ୍ୱାମୀଙ୍କ ଟାଇଟେଲ ଅନୁସାରେ ଆମ୍ଭ ବାପଘରର ଟାଇଟେଲ ତିଳୋତ୍ତମା ମଣ୍ଡଳ' ପରିବର୍ତ୍ତେ ଭୁଲରେ ଆମ୍ଭର ନାମ 'ତିଳୋତ୍ତମା ସାହୁ' ହୋଇ ମୋର ବାପାଙ୍କ ନାମ ଭୁଲରେ 'ବସନ୍ତ କୁମାର ମଣ୍ଡଳ' ପରିବର୍ତ୍ତେ 'ବସନ୍ତ ମଣ୍ଡଳ' ଉଲ୍ଲେଖ ଥାଇ ମୋର ଆଧାର କାର୍ଡ ନଂ ୮୩୮୩ ୧୯୮୨ ୫୪୮୮ ପ୍ରସ୍ତୁତ ହୋଇଅଛି।

ଏଣୁ ଏହା ସଂଶୋଧନ କରିବା ନିମନ୍ତେ ଆପଣଙ୍କଠାରେ ଏଫିଡେଭିଟ୍ କଲୁଁ ।

ତିଳୋତ୍ତମା ମଣ୍ଡଳ

# ଜୀ ସାର୍ଥକରେ ଅଗଷ୍ଟ ୧୦ ସନ୍ଧ୍ୟା ୬.୩୦ରେ ଦେଖନ୍ତୁ ଶ୍ରାବଣ ମାସର ସ୍ପେଶାଲ ଓଡ଼ିଆ ଫିଲ୍ମ 'ପାରି କରିବେ ଭୋଳାଶଙ୍କର-୪'

ଭୁବନେଶ୍ୱର, ୦୪/୮ (ନି.ପ୍ର): ଓଡ଼ିଶାର ଘରେ ଘରେ ପରିଚିତ, ରାଜ୍ୟର ୧ ନମ୍ବର ମନୋରଞ୍ଜନ ଚ୍ୟାନେଲ ଜୀ ସାର୍ଥକର ଗୋଟିଏ ପରେ ଗୋଟିଏ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଓ ଧାରାବାହିକ ଦର୍ଶକଙ୍କ ମନ ଜିତିଛି । ସେହିପରି ଆସନ୍ତା ଅଗଷ୍ଟ ୧୦ ତାରିଖ ସନ୍ଧ୍ୟା ୬.୩୦ରୁ ପ୍ରସାରିତ ହେବ ଓଡ଼ିଆ ଫିଲ୍ମ 'ପାରି କରିବେ ଭୋଳାଶଙ୍କର ୪' । ଏହା ପୂର୍ବରୁ ଏହି ଫିଲ୍ମର ବିଗତ ୩ ଟି ସିକ୍ୱେଲକୁ ଆପଣମାନେ ବହୁତ ଭଲ ପାଇବା ଦେଇଥିଲେ । 'ପାରି କରିବେ ଭୋଳାଶଙ୍କର ୪' ରେ ସୁଜିତ ଆଉ ଅନନ୍ୟା ମୁଖ୍ୟ ଚରିତ୍ରରେ ନଜର ଆସିବେ । ବୈଦନାଥ ସଂଗୀତ ନିର୍ଦ୍ଦେଶନା ଦେଇ ଥିବା ବେଳେ ଗୀତ ଗୁଡିକୁ ଗାଇଛନ୍ତି ଶଶାଙ୍କ, ବିଷ୍ଣୁ ମୋହନ , ଅର୍ପିତା, କୁନମୁନ ଓ ସଂଗ୍ରାମ । ଶ୍ରାବଣ ମାସର ଶେଷ ସୋମବାରରେ, ରୁଦ୍ରପୁରରେ ଏକ ଭବିଷ୍ୟବାଣୀ ଅନୁଯାୟୀ, ଦୁଇଟି ଦିବ୍ୟ ସନ୍ତାନ ଜନ୍ମ ନିଅନ୍ତି । ସେମାନଙ୍କୁ ସୁରକ୍ଷା ଦେବା ପାଇଁ ଦୁଇ ଜଣଙ୍କୁ ଅଲଗା କରାଯାଏ, ପୁଅକୁ ଜଣେ ପୁରୋହିତ ପାଳନ କରନ୍ତି ଓ ଝିଅଟିକୁ ଜଣେ ଡାକ୍ତର ପାଳନ କରନ୍ତି । ଏହା ମଧ୍ୟରେ ୨୫ ବର୍ଷ ଅତିକ୍ରମ କରେ, ପୁଅ ଶଙ୍କର ଜଣେ ନିର୍ଭୀକ ରକ୍ଷକ ଓ ଝିଅ ପଲ୍ଲବୀ ସହରର ଜଣେ ଡାକ୍ତର। ସମୟକ୍ରମେ ଶଙ୍କରର ହଠାତ ମୃତ୍ୟୁ ହୁଏ ହେଲେ ହସ୍ପିଟାଲରେ ପଲ୍ଲବୀଙ୍କ ସ୍ପର୍ଶରେ ସେ ଚମତ୍କାର ଭାବରେ ପୁନର୍ଜୀବିତ। ଏହି ସମୟରେ ଜଣେ ବୃଦ୍ଧା ମହିଳା ପ୍ରକାଶ କରନ୍ତି ଯେ ସେମାନେ ଭୋଳାଶଙ୍କର ଏବଂ ଭୈରବୀଙ୍କ ପୁନର୍ଜନ୍ମ - ପୂର୍ବ ଜନ୍ମରେ ଦୁଷ୍ଟ ଅଧିରାଜ ଦ୍ୱାରା ବିଶ୍ୱାସଘାତକତା ଏବଂ ହତ୍ୟା କରାଯାଇଥିବା ଦୁଇଟି ଦିବ୍ୟ ଆତ୍ମା। ସେପଟେ ଅଧିରାଜ ଲାଗିପଡନ୍ତି ରୁଦ୍ରପୁରରେ ଅଶାନ୍ତି ଆଣି ନିଜ ବିନାଶର ଭବିଷ୍ୟବାଣୀକୁ ରୋକିବାକୁ ହେଲେ ସେ କଣ ନିଜକୁ ରକ୍ଷା କରିପାରିବେ ? ଶଙ୍କର ଓ ପଲ୍ଲବୀ ପରସ୍ପରକୁ ଜାଣିପାରିବେ ତ ? ନିଜ ପରିବାରକୁ ନ୍ୟାୟ ଦେବେ ତ ? ରୁଦ୍ରପୁରରେ ଶାନ୍ତି ଫେରାଇ ଆଣି ପାରିବେ ତ? ଏମିତି ବହୁ ପ୍ରଶ୍ନର ଉତ୍ତର ମିଳିବ ଫିଲ୍ମର ଶେଷରେ । ଜୀ ସାର୍ଥକ ସବୁବେଳେ ଓଡିଆ ଦର୍ଶକଙ୍କ ପର୍ବ ସମୂହକୁ ଧ୍ୟାନରେ ରଖି ମନଛୁଆଁ ଫିଲ୍ମ ଆଣିଥାଏ । ନୂଆ ଓ ଭିନ୍ନ କାହାଣୀ ସହିତ ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଛି ଜୀ ସାର୍ଥକ । ଏହି ଫିଲ୍ମ ମଧ୍ୟ ଦର୍ଶକଙ୍କ ମନ ଜିତିବ ବୋଲି କହିଛନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ପ୍ରତୀକ ସିଲ୍।



## ଦାଦନ ରୋକିବାକୁ କାମ କରୁଛନ୍ତି ସରକାର: ଶ୍ରମ ମନ୍ତ୍ରୀ

ଭୁବନେଶ୍ୱର, ୦୪/୮ (ନି.ପ୍ର): ଆନ୍ଧ୍ରରେ ୬ ଓଡ଼ିଆ ଶ୍ରମିକ ମୃତ୍ୟୁ ନେଇ ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ମୋ ପରିବାରର ୬ ଜଣଙ୍କ ଜୀବନ ଯାଇଛି । ଦାଦନ ରୋକିବାକୁ କାମ କରୁଛନ୍ତି ସରକାର । କାହିଁକି ଦାଦନ ଯାଉଛନ୍ତି ସେ ନେଇ ଟାସ୍କଫୋର୍ସ ସ୍କିଲ ମ୍ୟାପିଂ କରୁଛି । କାହିଁକି ଦାଦନ ଯାଉଛନ୍ତି ଓଡ଼ିଶାରେ ସେ କାମ ଅଛି ନା ନାହିଁ । ଏହି କାମ ଏବେ ଶେଷ ପର୍ଯ୍ୟାୟରେ । ଖୁ ଶୀଘ୍ର ଏହି କାମ ଶେଷ କରି ଦାଦନ ରୋକିବାକୁ କାମ ଆରମ୍ଭ ହେବ। ଦିଗ ପହଣ୍ଡିର ଅତିରିକ୍ତ ତହସିଲଦାର, ଛତ୍ରପୁରର ଆସିଷ୍ଟାଣ୍ଟ ଲେବର ଅଫିସର ଘଟଣା ସ୍ଥଳକୁ ଯାଇଛନ୍ତି । ଆଗାମୀ ଭବିଷ୍ୟତରେ ଯେମିତି ନ ହେବ ସେଥିପାଇଁ ସଚେତନ କରୁଛି ଶ୍ରମ ବିଭାଗ । ୧୧୪ ଟି ବ୍ଲକରେ ଆସିଷ୍ଟାଣ୍ଟ ଲେବର ଅଫିସର ନିୟୋଜିତ କରାଯାଇଛି । ୯ ଟି ଜିଲ୍ଲାରେ ଶ୍ରମ ବିଭାଗ ସର୍ଭେ କରି ସାରିଛି। ଆମ ବିଭାଗ ସହିତ ଯୋଡି ହୋଇ ଲେବର କାର୍ଡ଼ କଲେ କାମ ଦେବା ଦିଗରେ କାର୍ଯ୍ୟ କରିବ ।

# ମନ୍ଥର ଗତିରେ ଚାଲିଛି ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା କାର୍ଯ୍ୟ

◆ ଖର୍ଚ୍ଚ ନହୋଇ ପଡି ରହିଛି ୧କୋଟି ୮୬ଲକ୍ଷ

◆ ନିମ୍ନମାନର କାମଯାଗୁଁ ଲୋକଙ୍କ ସେବାରେ ଲାଗୁନି ପ୍ରକଳ୍ପ

ଖଇରା, ୦୪/୮ (ନି.ପ୍ର): ବାଲେଶ୍ୱର ଖଇରା ବ୍ଲକରେ ବିଭିନ୍ନ ଅନୁନ୍ନତ ଓ ଅବହେଳିତ ଗ୍ରାମର ଉନ୍ନତି ତଥା ସୌନ୍ଦର୍ଯ୍ୟକରଣ କରିବା ଲକ୍ଷରେ ୧୭ ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ହେଲେ ପଞ୍ଚାୟତସ୍ତରରରେ କିଛି ଅଧିକାରୀ ଙ୍କ ଦାୟିତ୍ୱହିନତା ଓ ଉଦାସିନତା କାରଣରୁ ମୋଟ ଅନୁଦାନରୁ ଅର୍ଥରୁ ମାତ୍ର ୫୨ ପ୍ରତିଶତ ଖର୍ଚ୍ଚ ହୋଇଛି । ଯାହା ବି ଖର୍ଚ୍ଚ ହେଉଛି ଏଷ୍ଟିମେଟ ଅନୁଯାୟୀ ହେଉନଥିବା ତଥା ନିମ୍ନମାନର ହେଉଥିବାରୁ ଏହା ମଧ୍ୟ କ୍ଷିଣସ୍ଥାୟୀ ହେବା ସହ ପ୍ରକଳ୍ପ ଲୋକଙ୍କ ସେବାରେ ଆସୁନଥିବା ଅଭିଯୋଗ ହୋଇଛି । ଏଣୁ ଏହି ଯୋଜନାରେ କରାଯାଇଥିବା ଖର୍ଚ୍ଚର ଭିଜିଲାନ୍ସ ତଦନ୍ତ କରାଯିବାକୁ ୧୭ଗ୍ରାମର ଅଧିବାସୀ ମାନେ ଦାବି କରିଛନ୍ତି। ଏହି ଯୋଜନାରେ ୨୦୧୯-୨୦ରେ କୁରୁଣ୍ଟା ପଞ୍ଚାୟତର ରାଇକୁଳା,୨୦୨୦-୨୧ରେ ଜଳଦା ପଞ୍ଚାୟତର ତୁଟୋ, ମାଣିତ୍ରୀ ପଞ୍ଚାୟତର ଜଳଙ୍ଗ-ଗଣ୍ଡିବେଡ,ପଳସା ପଞ୍ଚାୟତର ଅର୍ଜୁନପୁର,ବର୍ତ୍ତନା ପଞ୍ଚାୟତର ଉଦୟପୁର,ବରଦା ପଞ୍ଚାୟତର ବିଷ୍ଣୁପୁର,ଝିଙ୍କିରିଆ ପଞ୍ଚାୟତର ଗଗନଧୂଳି, ବଡନୁଆଗାଁ ପଞ୍ଚାୟତର ଗେଙ୍ଗୁଟିଆ ଓ ବଡନୁଆଗାଁ, ଗୋବିନ୍ଦପୁର ପଞ୍ଚାୟତର ନରମା, କରୁଣ୍ଟା ପଞ୍ଚାୟତର ମିରିପୁର ଖଇରା, ଶ୍ୟାମସୁନ୍ଦରପୁର ପଞ୍ଚାୟତର କୁସୁନଦାସପୁର ଗ୍ରାମକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା । ସେହିଭଳି ୨୦୨୨-୨୩ ରେ ବାଉଁଶଗଡିଆ ପଞ୍ଚାୟତର ବାଉଁଶଗଡିଆ,ନହଙ୍ଗ ଗ୍ରାମର ନହଙ୍ଗ,ବରଦା ପଞ୍ଚାୟତର ଗରଡି,ରପେୟା ପଞ୍ଚାୟତର ରପେୟା,ମାଖନପୁର ପଞ୍ଚାୟତର ତରାଙ୍ଗ ଗ୍ରାମକୁ ଆଦର୍ଶ ଗ୍ରାମ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ।୨୦୧୯-୨୦ରେ ଅନ୍ତର୍ଭୁକ୍ତ ଗ୍ରାମ ପାଇଁ ୪୦ଲକ୍ଷ,୨୦୨୦-୨୧ରେ ୮୦ଲକ୍ଷ,୨୦୨୧-୨୨ରେ ୨କୋଟି ୧୫ଲକ୍ଷ,୨୦୨୨-୨୩ରେ ୫୮ଲକ୍ଷ ଟଙ୍କା ବିଭିନ୍ନ ପଞ୍ଚାୟତକୁ ଆସିଥିବା ବେଳେ କାର୍ଯ୍ୟଗ୍ରାହୀ ଭାବେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ପଞ୍ଚାୟତର ମୁଖ୍ୟଭାବେ ସରପଞ୍ଚଙ୍କ ତତ୍ତ୍ୱାବଧାନରେ ଅର୍ଥ ଖର୍ଚ୍ଚ କରାଯାଇଥାଏ। ହେଲେ ପଞ୍ଚାୟତର ଦାୟିତ୍ୱ ହିନତା ପାଇଁ ଆସିଥିବା ୩କୋଟି ୯୩ଲକ୍ଷ ଟଙ୍କାରୁ ମାତ୍ର ୫୨ ପ୍ରତିଶତ ଅର୍ଥାତ ୨କୋଟି ୭ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ପାରିଛି । ଏବେ ସୁଦ୍ଧା ୧କୋଟି ୮୬ଲକ୍ଷ ଟଙ୍କା ପଡିରହିଛି । ଅବଶ୍ୟ ପଡିରହିଥିବା ଅର୍ଥ ରୁ କିଛି କାମ ସରିଥିଲେ ହେଁ ବିନିଯୋଗ ପତ୍ର ପ୍ରମାଣ କରାଯାଇନଥିବା ରୁ ଏହି ଅର୍ଥ ବଳକା ଦର୍ଶାଉଛି ବୋଲି ଦାୟିତ୍ୱରେ ଥିବା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କହିଛନ୍ତି । ସେପଟେ ଆଲୋକିକରଣ,ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା,ସ୍ୱଚ୍ଛ ଭାରତ,ରାସ୍ତା ନିର୍ମାଣ ଭଳି ପ୍ରକଳ୍ପରେ ବିନିଯୋଗ ହୋଇଥିବା ଅର୍ଥ ଏବେ ମୂଲ୍ୟହୀନ ହୋଇ ପଡିଛି । ଅଧିକାଂଶ ଲାଇଟ ନଷ୍ଟ ହୋଇ ସାରିଥିବା ବେଳେ ପାନୀୟ ଜଳ ବ୍ୟବସ୍ଥା ନଷ୍ଟ ହେବା ସହ ନିର୍ମାଣ ହୋଇଥିବା ଡଷ୍ଟବିନ ଓ ଡ୍ରେନେଜ ଭାଙ୍ଗିରୁଜି ନଷ୍ଟ ହେବାକୁ ବସିଲାଣି । ଜଳଙ୍ଗ ଗଣ୍ଡିବେଡ ଗ୍ରାମରେ ଉକ୍ତ କାର୍ଯ୍ୟରେ ବ୍ୟାପକ ବାଟମାରଣା ହୋଇଥିବା ଅଭିଯୋଗ ଆଣି ୨୦୧୯-୨୦ରୁ ସମସ୍ତ ଖର୍ଚ୍ଚର ଭିଜିଲାନ୍ସ ତଦନ୍ତ କରିବାକୁ ମାଣିତ୍ରୀ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ପ୍ରଫୁଲ୍ଲ ଦାସ ଦାବି କରିଛନ୍ତି । ସେହିଭଳି ଗୋଟିଏ ପଞ୍ଚାୟତର ଏକାଧିକ ଗ୍ରାମକୁ ଏହି ଯୋଜନାରେ ସାମିଲ କରାଯାଉଥିବା ବେଳେ ଅନ୍ୟ ପଞ୍ଚାୟତ ଗୁଡିକୁ ନେତୃବୃନ୍ଦ ଗୁରୁତ୍ୱ ଦେଉନଥିବାରୁ ବହୁ ପଞ୍ଚାୟତବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ବିଡିଓ ନାରାୟଣ ସାହୁଙ୍କ ମତାମତ ନିଆଯିବାରେ ପଡିରହିଥିବା ଅର୍ଥ ଖର୍ଚ୍ଚପାଇଁ ବାରମ୍ବାର ପଞ୍ଚାୟତ ଗୁଡିକୁ ତାଗିଦ କରାଯାଉଥିବା କହିଛନ୍ତି ।




# ବାଲେଶ୍ୱର ପେଟ୍ରୋଲିୟମ ଡିଲୋର୍ ସଂଘ ପକ୍ଷରୁ ଅରୁଣ ଦେ'ଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକ

ବାଲେଶ୍ୱର, ୦୪/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବାଲେଶ୍ୱର ପେଟ୍ରୋଲିୟମ ଡିଲୋର୍ ସଂଘର ଅରୁଣ ୪ର୍ଥ ଶ୍ରାଦ୍ଧ ବାର୍ଷିକ ଉତ୍ସବ ବାଲେଶ୍ୱର ଷ୍ଟେସନ କ୍ଲବରେ ପାଳିତ ହୋଇଯାଇଛି। ଏହି ଶ୍ରାଦ୍ଧ ବାର୍ଷିକ ରେ ମଞ୍ଚରେ ସେକ୍ରେଟାରୀ ସୌମ୍ୟ ରଞ୍ଜନ ଯାଦବ , ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା , ବରିଷ୍ଠ ସାମ୍ବାଦିକ ରଞ୍ଜନ ବାଗ , ଅରୁଣ ଦେ ଙ୍କ ଭଉଣୀ ବାସନ୍ତୀ ଦେ ଚକ୍ରବର୍ତ୍ତୀ , ସୁଦର୍ଶନ ଓଝା ଉପସ୍ଥିତ ଥିଲେ । ବିଧାୟକ ପ୍ରଦୀପ୍ତ ପଣ୍ଡା। ଅରୁଣ ଦେ ଙ୍କ ଗୁଣ କୀର୍ତ୍ତନ କରିବା ସଙ୍ଗେ ସଙ୍ଗେ ଅରୁଣ ଦେଙ୍କ ଜୀବନୀ ସମୟରେ ବିଭିନ୍ନ ଘଟଣା ବର୍ଣ୍ଣନା କରି କହିଥିଲେ । ଯେ ହାତୀ ଯେମିତି ବଞ୍ଚିଥିଲେ ଲକ୍ଷେ ଓ ମରିଗଲେ ମଧ ଲକ୍ଷେ ଠିକ୍ ସେହିପରି ଅରୁଣ ଦେ ଏଭଳି ବ୍ୟକ୍ତି ଥିଲେ ବିଧାୟକ ଭାବେ ଜିତିଲେ ଯେପରି ଲୋକଙ୍କ କାମ କରୁଥିଲେ ଠିକ୍ ସେହିପରି ହରିଗଲେ ମଧ ଲୋକଙ୍କ ସୁଖ ଦୁଃଖ ସାଥୀ ହୋଇ କାମ କରୁଥିଲେ । ଲୋକଙ୍କ ପ୍ରିୟ ଭାଜନ ହୋଇ ପାରୁଥିଲେ। ସେହିପରି ରଞ୍ଜନ ବାଗ କହିଥିଲେ ଓଡ଼ିଶାର ଲୋକଙ୍କ ହୃଦୟ ସ୍ଥାନ ପାଇଥିଲେ । ଅରୁଣ ଦେ ଙ୍କ ପିଲା ଦିନର କାହାଣୀ କୁ ମଧୁବାବୁଙ୍କ ଜୀବନୀ ସହିତ ତୁଳନା କରିଥିଲେ । ସଭାପତି ପ୍ରଦୀପ ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଅରୁଣ ଦେ'ଙ୍କ ଏଭଳି ବ୍ୟକ୍ତି ଥିଲେ ବାଲେଶ୍ୱର ଜିଲ୍ଲାର ସବୁ ପେଟ୍ରୋଲ ଟାଙ୍କି ମାଲିକଙ୍କ ହୃଦୟରେ ଥିଲେ । ସବୁ ବେଳେ ପେଟ୍ରୋଲିୟମ ଟାଙ୍କି ମାଲିକ ମାନଙ୍କ ସାଙ୍ଗରେ ରହିଥିଲେ । କିପରି ଭଲରେ ରହିବେ ଓ କୌଣସି ଅସୁବିଧା ନ ହେବ ସଦ ସର୍ବଦା ଚେଷ୍ଟା କରୁଥିଲେ । ସେକ୍ରେଟାରୀ ସୌମ୍ୟ ରଞ୍ଜନ ଯାଦବ କହିଥିଲେ ଅରୁଣ ଦେ ଜଣେ ସାଲିସ ବିହୀନ ରାଜନୀତିଜ୍ଞ ସାମ୍ୟ ବାଦି ନେତା ଭାବେ ଗରିବ ଅସହାୟଙ୍କ ସ୍ୱାର୍ଥ ରକ୍ଷା ଓ ସେମାନଙ୍କୁ ନ୍ୟାୟ ଦେବା ପାଇଁ ଜୀବନ ତମାମ ଆନ୍ଦୋଳନ କରିଥିଲେ । ଏହି ୪ ର୍ଥ ଶ୍ରାଦ୍ଧ ବାର୍ଷିକରେ ବହୁ ଗୁଣି ଜ୍ଞାନୀ ଲୋକେ ଓ ସବୁ ପେଟ୍ରୋଲ ଟାଙ୍କି ର ମାଲିକ ଓ କର୍ମଚାରୀ ଶହ ଶହ ସଂଖ୍ୟାରେ ଉପସ୍ଥିତ ଥିଲେ । ଶେଷରେ ମାୟାଧର ନନା ଧନ୍ୟବାଦ୍ ଦେଇ ସଭା ଶେଷ କରିଥିଲେ ।




## ଚିଟ୍ ଫଣ୍ଡ ଠକେଇ ଅଭିଯୁକ୍ତଙ୍କୁ ଭୁବନେଶ୍ୱରରୁ ଗିରଫ

ନୂଆଦିଲ୍ଲୀ, ୦୪/୮ : ଚିଟ୍ ଫଣ୍ଡ ଠକେଇରେ ଦୀର୍ଘ ଦିନ ଧରି ପଳାତକ ଥିବା ଅଭିଯୁକ୍ତ ଶିବକୁମାର ଗଙ୍ଗାଧରନ ଓରଫ ଜି. ଶିବକୁମାରଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଓଡ଼ିଶାର ଭୁବନେଶ୍ୱରରୁ ଗିରଫ କରିଛି। ଶିବକୁମାର ରାଇଟମ୍ୟାକ୍ସ ଟେକ୍ନୋଟ୍ରେଡ୍ ଇଂଟରନ୍ୟାସନାଲ୍ ଲିମିଟେଡର ନିର୍ଦ୍ଦେଶକ। ଗିରଫଦାରୀ ଏଡାଇବା ପାଇଁ ସେ ୨୦୧୮ ରୁ ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିଲେ। ସିବିଆଇ ଅନୁଯାୟୀ, ଗିରଫଦାରୀ ପରେ, ଅଭିଯୁକ୍ତଙ୍କୁ ସ୍ୱତନ୍ତ୍ର ସିଜେଏମ କୋର୍ଟରେ ହାଜର କରାଯାଇଥିଲା, ଯେଉଁଠାରୁ ତାଙ୍କୁ ୧୪ ଦିନ ପାଇଁ ନ୍ୟାୟିକ ହାଜତକୁ ପଠାଯାଇଥିଲା।

# କେଏମ୍ ସାହି ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ବିୟୋଗ

ଜଳେଶ୍ୱର , ୦୪/୮ (ନି.ପ୍ର): ଜଳେଶ୍ୱର ଅଞ୍ଚଳରେ ଜଣେ ଜଣାଶୁଣା ନାରୀ ନେତ୍ରୀ ତଥା ପରୋପକାରୀ ମଣିଷଟିଏ ଯିଏ ଦୀର୍ଘ ଦିନ ଧରି ଲୋକଙ୍କ ସେବାରେ ନିଜକୁ ନିୟଜିତ କରାଇବା ସହିତ ପରିବାରର ପୁତ୍ର ଓ ବ୍ୱାଧୁଙ୍କୁ ମଧ ଲୋକଙ୍କ ସେବାରେ ନିୟୋଜିତ କରାଇ ସମାଜର ମଙ୍ଗଳ କାମନା ତ୍ୟାଗ ପାଇଁ ରାଇବଣିଆ ଅଞ୍ଚଳର ନିଜର ଏକ ଖ୍ୟାତି ସଂପନ୍ନ କରାଇ ପାରି ଥିଲେ ସେ ଆଉ ଏ ଦୁନିଆରେ ନାହାଁନ୍ତି କମଳ କାମିନୀ ଦାସ ମହାପାତ୍ର ୮୩ ବର୍ଷ ବୟସରେ ସ୍ୱାସ୍ଥ୍ୟ ଗତ କାରଣ ଯୋଗୁ ବାଲେଶ୍ୱର ଜ୍ୟୋତି ହସ୍ପିଟାଲରେ ଚିକିତ୍ସା ଧୀନ ଅବସ୍ଥାରେ ମୃତ୍ୟୁ ବରଣ କରିଛନ୍ତି ତାଙ୍କ ମୃତ୍ୟୁରେ ପରିବାରରେ ଦୁଃଖରେ ଛାୟା ଖେଳିଯାଇଥିଲା ସେ ଖୁଦିଆମାଝୀସାହି ଗ୍ରାମ ପଞ୍ଚାୟତରେ କଂଗେସ ଦଳ ପକ୍ଷରୁ ସରପଞ୍ଚ ଭାବେ ୧୯୯୭ ରୁ ୨୦୦୨ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ ସେ ସରପଞ୍ଚ ଦାୟିତ୍ୱରେ ଥିବା ସମୟରେ ଗ୍ରାମ ପଞ୍ଚାୟତ ଅଫିସ ଗୃହ ଠାରୁ ଆରମ୍ଭ କରି ସ୍କୁଲ ଗୃହ, କ୍ଲବ୍, ରାସ୍ତା , ନଳକୂପ ନିର୍ମାଣ କରି ଲୋକଙ୍କ ପାଖରେ ପ୍ରଶଂସା ସାଉଁଟି ପାରିଥିଲେ ତାଙ୍କର ବିୟୋଗରେ ସାନ ପୁଅ ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟ ମାନସ ଦାସ ମହାପାତ୍ର ସୁବର୍ଣ୍ଣରେଖାର ନଦୀ କୂଳ ମଶାଣିରେ ମୁଖାଗ୍ନି ଦେଇଥିଲେ ତାଙ୍କ ମୃତ୍ୟୁରେ ପରିବାରରେ ସମସ୍ତ ସଦସ୍ୟ ଦୁଃଖରେ ମ୍ରିୟମାଣ ହୋଇ ପଡିଛନ୍ତି ତାଙ୍କ ଦୁଃଖ ସମୟରେ ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ, କଂଗେସ ଦଳର ନେତା ସୁଦର୍ଶନ ଦାସ, ସରପଞ୍ଚ ଚଞ୍ଚଳା ସେଠୀ, କ୍ଷୀତିଶ ଦେ , ପୂର୍ବତନ ସରପଞ୍ଚ ସତ୍ୟଶୋଭନ ମିଶ୍ର ପ୍ରମୁଖ ତାଙ୍କ ପରିବାର ପାଖରେ ପହଞ୍ଚି ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

## ସୁଶାସନରେ ଓଡ଼ିଶା...

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ଯୋଜନାରେ ଏକ କୋଟିରୁ ଉର୍ଦ୍ଧ୍ୱ ମହିଳାଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଛି। ଓଡ଼ିଶାରେ ରେଳ ବିକାଶ ଅଭୂତପୂର୍ବ ଚଳିତ ବର୍ଷ ଅର୍ଥାତ ୨୦୨୫-୨୬ରେ ରେଳ ବଜେଟରେ ରେକର୍ଡ଼ ଭାବେ ୧୦,୫୯୯ କୋଟି ପାଣ୍ଠିର ବରାଦ ହୋଇଛି। ଏନଡ଼ିଏ ସରକାରଙ୍କ ତୃତୀୟ ପାଳିର ପ୍ରଥମ ବର୍ଷରେ ରାଜ୍ୟ ସଡ଼କ ଭିତ୍ତିଭୂମି ମଜଭୁତ ତଥା ବିକାଶ ପାଇଁ ୭୫ ହଜାର କୋଟି ମୂଲ୍ୟର ପ୍ରକଳ୍ପ ଯୋଜନା ଆଗେଇଛି। ଆୟୁଷ୍ମାନ ଭାରତ, ପ୍ରଧାନ ମନ୍ତ୍ରୀ ଆରୋଗ୍ୟ ଯୋଜନାରେ ଓଡ଼ିଶାକୁ ସାମିଲ କରାଯାଇଛି ଯାହା ଓଡ଼ିଶାର ସ୍ୱାସ୍ଥ୍ୟ ସେବାରେ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ଏଥିସହିତ ଓଡ଼ିଶାରେ ତିନି ଆପରାଧିକ ନୂଆ ଆଇନର ସଫଳ କାର୍ଯ୍ୟକାରିତା ସମ୍ପର୍କରେ ଗୃହମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ସମସ୍ତଙ୍କ ପାଇଁ ସ୍ୱଚ୍ଛ ଓ ଉତ୍ତରଦାୟୀ ଶାସନ ସମ୍ପର୍କରେ ପରାମର୍ଶ ଦେଇଛନ୍ତି। ଓଡ଼ିଶାରେ ଶିଳ୍ପ ଉଦୀୟମାନ କ୍ଷେତ୍ର ଲାଗି ଯୁବ ବର୍ଗଙ୍କ ପାଇଁ ନୂଆ ନୀତି ସହିତ ଜମି ବ୍ୟାଙ୍କ, ଶିଳ୍ପ ଭିତ୍ତିଭୂମିର ବ୍ୟାପକ ସଂପ୍ରସାରଣ ହୋଇଛି। ଆସନ୍ତା ଚାରି ବର୍ଷ ସମୃଦ୍ଧ ଓଡ଼ିଶା ୨୦୨୬ର ମୂଳଦୁଆ ପକାଇବାକୁ ଯାଉଛି। ଓଡ଼ିଶାରେ ଜେଏସଡବ୍ଲ୍ୟୁ, ଟାଟାଷ୍ଟିଲ, ଜେଏସପିଏଲ, ବେଦାନ୍ତ, ହିଣ୍ଡାଲକୋ, ଆଦାନୀ, ଏଏମଏନଏସ ଭଳି ଶିଳ୍ପ ସହଯୋଗୀଙ୍କୁ ନେଇ ଓଡ଼ିଶା ସବୁଜ ରସାୟନ, ଖଣି ଓ ଧାତବ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ହେବାକୁ ଯାଉଛି। ନୂଆ ଟର୍ମିନାଲ, ଜେଟି ଓ କଣ୍ଟେନର ବ୍ୟବସ୍ଥା ଜରିଆରେ ବନ୍ଦର ଭିତ୍ତିକ ଶିଳ୍ପାୟନ ତ୍ୱରାନ୍ୱିତ ହେବ। ଓଡ଼ିଶାକୁ ପୂର୍ବ ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଶିଳ୍ପ ହବ୍‌ରେ ପରିଣତ କରିବା ଲାଗି ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଓଡ଼ିଶାର ମୋହନ ମାଝୀଙ୍କ ଲୋକପ୍ରିୟ ସରକାର ଏକ ଦୂରଦୃଷ୍ଟି ସମ୍ପନ୍ନ କେବଳ ନକ୍ସା ଆଙ୍କି ନାହାଁନ୍ତି ବରଂ ଯଥାର୍ଥ ଭାବେ ତାଙ୍କ ସରକାର ଲୋକଙ୍କ ସରକାରର ପ୍ରିୟତା ଓ ଅକୁଣ୍ଠ ଭଲ ପାଇବା ପାଇଛି।

'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ,
ଦୂରଭାଷ : ୯୬୫୮୧୦୫୫୩୨

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଜମ୍ମୁ-କଶ୍ମୀରକୁ ମିଳିବ....

ଭେଟି ଉପତ୍ୟକାର ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ୩ ଦିନ ହେଲା ଏପରି ଘନଘନ ବୈଠକ ପାୱାର କରିଡର ଚର୍ଚ୍ଚାକୁ ବଢ଼ାଇ ଦେଇଛି। କୁହାଯାଉଛି ଯେ ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦେବାକୁ କେନ୍ଦ୍ର ସରକାର ବିଲ ଆଣି ପାରନ୍ତି। କିନ୍ତୁ ସରକାରଙ୍କ ପକ୍ଷରୁ ଏନେଇ କୌଣସି ସୂଚନା ଦିଆଯାଇ ନାହିଁ। ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ହେବା ଦିନ ଠାରୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦାବି ତେଜିବାରେ ଲାଗିଛି। ୨୦୨୩ ଡିସେମ୍ବର ମାସରେ ସୁପ୍ରିମକୋର୍ଟ ଧାରା ୩୭୦ ଉଚ୍ଛେଦ ନିଷ୍ପତ୍ତିକୁ କାଏମ ରଖିଥିଲେ। କିନ୍ତୁ ଯଥା ଶୀଘ୍ର ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଦେବାକୁ କହିଥିଲେ। ସମ୍ଭବତଃ ଏହି କାରଣ ପାଇଁ କେନ୍ଦ୍ର ସରକାର ବିଲ୍ ଆଣି ପାରନ୍ତି।

### ଓଡ଼ିଶାରେ ରାତି ସିଫ୍ଟରେ ...

କୋହଳ କରାଯାଇଛି । ରାଜ୍ୟ ସରକାର ସମସ୍ତ ଦୋକାନ ଏବଂ ବ୍ୟବସାୟିକ ପ୍ରତିଷ୍ଠାନକୁ ଲାଗୁ ହୋଇଥିବା ଧାରା-୨୩କୁ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଯାହାଦ୍ୱାର ଘରୋଇ ପ୍ରତିଷ୍ଠାନରେ ମହିଳାମାନଙ୍କ ପାଇଁ ରାତିରେ କାମ କରିବାର ସୁଯୋଗ ସୃଷ୍ଟି ହୋଇପାରିବ। ମାତ୍ର ନାବାଳିକାମାନଙ୍କୁ ଏହି ଅନୁମତି ଦିଆଯିବ ନାହିଁ। ଇଜ୍ ଅଫ୍ ଡୁଇଂ ବିଜନେସକୁ ଆଧାର କରି ସେମାନଙ୍କ ନିରାପତ୍ତା ଓ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ । ରାତିରେ ମହିଳା କର୍ମଚାରୀଙ୍କୁ ତାଙ୍କ ଘରୁ ଆଣିବା କିମ୍ବା ଛାଡ଼ିବା ପାଇଁ ଜିପିଏସ୍ ଟ୍ରାକିଂ ବ୍ୟବସ୍ଥା ଥିବା ଗାଡ଼ି ବ୍ୟବହାର ହେବ ।

### ଓୟୁଜେ ପାଳିଲା...

ଓ ବଡ଼ବଡ଼ ବ୍ୟବସାୟୀ ଙ୍କ ଦ୍ୱାରା କବଳିତ ହୋଇଯାଉଥିବାରୁ ନିରପେକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜନ ସାଧାରଣଙ୍କୁ ନ୍ୟାୟ ପ୍ରଦାନ ଏବେ ସାମ୍ବାଦିକଙ୍କ ନିୟନ୍ତ୍ରଣରେ ନରହି ବରଂ ରାଜନୈତିକ ବା ପୁଞ୍ଜିପତିଙ୍କ ଇଚ୍ଛା ଶକ୍ତି ଉପରେ ନିର୍ଭର କରୁଛି। ଏହା ଗଣତନ୍ତ୍ର ରାଷ୍ଟ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ସେ ଆଶଙ୍କା ପ୍ରକାଶ କରିଥିଲେ। ଓୟୁଜେ ବାଲେଶ୍ୱର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ସଦସ୍ୟ ରାମ ନାରାୟଣ ଶତପଥୀ, ଶିଶିର କୁମାର ଦାସ, ଅନାମ ଚରଣ ପଣ୍ଡା, ବିବେକାନନ୍ଦ ଦାସ,ସୁରେଶ ଚନ୍ଦ୍ର ଦାସ, ଉତ୍କଳବନ୍ଧୁ ପଣ୍ଡା, ମହେଶ୍ୱର ପ୍ରଧାନ, କହ୍ନେଇ ଚରଣ ପ୍ରଧାନ, ଆଜିମ ବାଲେଶ୍ୱରୀ, ଜନ୍ମେଜୟ ମିଶ୍ର, ରମାକାନ୍ତ ପଣ୍ଡା, ଶ୍ରିଲେଖା ସାହୁ, ସୁଶାନ୍ତ କୁମାର ବେହେରା, ନନ୍ଦକିଶୋର ସାହୁ, ଲକ୍ଷ୍ମୀଧର ଗାନ, ସାମ୍ବାଦିକ ଜିତେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ବଳଙ୍ଗା ପୀଡ଼ିତା ଘଟଣାରେ ...

ବିଦାୟ ଜଣାଇଛନ୍ତି ଆତ୍ମୀୟ ସ୍ୱଜନ, ଗାଁ ଭାଇ, ଜନପ୍ରତିନିଧି। ଶେଷକୃତ୍ୟରେ ସାମିଲ ହୋଇଥିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଶୋକାକୁଳ ପରିବେଶରେ ବାୟାବର ନୂଆ ଗୋପାଳପୁର ଗାଁରେ ହୋଇଥିଲା ଶେଷକୃତ୍ୟ। କିଏ ଲୁହ ଗଡ଼ାଉଥିଲେ ତ ଆଉ କିଏ ଝୁରି ହେଉଥିଲେ ନାବାଳିକାଟିକୁ। ସମସ୍ତଙ୍କ ମୁହଁରେ ବାରି ହେଉଥିଲା, ଅଘଟଣ ପଛର ପ୍ରଶ୍ନ ସବୁ। ଶନିବାର ଦିଲ୍ଲୀ ଏମସରେ ପ୍ରାଣ ହରାଇବା ପରେ ଗତକାଲି ବିଳମ୍ବିତ ରାତିରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିଲା ମରଶରୀର। ସେଠାରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ନିଆଯାଇଥିଲା ବଳଙ୍ଗା ପୈତୃକ ଗାଁ ବାୟାବରର ନୂଆ ଗୋପାଳପୁର। କାଳେ ଆଇନଶୃଙ୍ଖଳା ସ୍ଥିତି ଉପୁଜିବ, ସେହି ଆଶଙ୍କାରେ ସୁରକ୍ଷା ବ୍ୟବସ୍ଥା ବି ବ୍ୟାପକ ଥିଲା। ଇସଲାମ୍ ଧର୍ମ ଅନୁସାରେ ଜନାଜା ନମାଜ ପାଠ ପରେ ପୀଡ଼ିତାଙ୍କ ଏଭଳି ସରିଥିଲା ଅନ୍ତିମ ସତ୍କାର। ମରଣ ବିରୋଧରେ ୨ ସପ୍ତାହ ଧରି ଲଢ଼େଇ କରି ଶେଷରେ ନାବାଳିକା ଝିଅଟି ତ ଚାଲିଗଲା ଆରପାରି। ହେଲେ ସମ୍ବେଦନଶୀଳ ଘଟଣାର ଏହି ପୃଷ୍ଠଭୂମି ଉପରେ କିନ୍ତୁ ସରୁନି ରାଜନୀତିର ରୁଟି ସେକା।

### ଅଧିକ ଲୋଭ...

ସହରରେ ୩୩ ଶହ ବର୍ଗ ଫୁଟ ଜମିରେ ଏମଭିଆଇ ବାବୁ କରିଛନ୍ତି ଆଲିଶାନ କୋଠା। ଗୋଲାପଙ୍କ ଘରୁ ମିଳିଥିବା ଏକ ଡାଏରୀରେ ବେନାମୀ ଟଙ୍କା କାରବାରର ବିସ୍ତୃତ ତାଲିକା ଥିବା ସୂଚନା ଦେଇଛି ଭିଜିଲାନ୍ସ । ଏମଭିଆଇ ବାବୁଙ୍କ ଝିଅ ମେଡିକାଲ ପାଠ ପଢ଼ିଥିବା ବେଳେ ଏଥିପାଇଁ ଆବଶ୍ୟକ ୪୦ ଲକ୍ଷ ଟଙ୍କା ସେ ନଗଦ ଦେଇଥିବା ଜଣାଯାଇଛି। ଏଥିରୁ ବାବୁଙ୍କ କଳା ଟଙ୍କା କାରବାର ସମ୍ପର୍କରେ ସହଜେ ଅନୁମାନ କରିହେବ । ୧୯୯୧ ମସିହାରେ ଆଇପିଓ ଭାବେ ଚାକିରି ଜୀବନ ଆରମ୍ଭ କରିଥିବା ଗୋଲାପ ଚନ୍ଦ୍ର ୨୦୦୩ ମସିହାରେ ଜୁନିୟର ଏମଭିଆଇକୁ ପଦୋନ୍ନତି ପାଇଥିଲେ।

### ଫକୀରମୋହନ ସାହିତ୍ୟ...

ମାନ୍ୟବର କୋର୍ଟ ତାହାକୁ ବିଚାର ପାଇଁ ଗ୍ରହଣ କରିଥିଲେ । କେଶ ନଂ ୪/୨୧/୨୦୨୨ରେ ମାମଲା ଦୀର୍ଘ ପ୍ରାୟ ତିନିବର୍ଷ ଧରି ବିଚାର ଚାଲିଥିଲା । ଶ୍ରୀ ପଣ୍ଡାଙ୍କ ସହ ପରିଷଦର ବରିଷ୍ଠ ସଭ୍ୟ ଡ. ରାଧାରଂଜନ ପଟ୍ଟନାୟକ ଏହି କେଶର ଅନ୍ୟତମ ସହଯୋଗୀ ମଧ୍ୟ ରହିଥିଲେ । ଉଭୟଙ୍କ ଅଭିଯୋଗ ମୂଳେ ସାକ୍ଷ୍ୟ ଗ୍ରହଣ ଏବଂ ପକ୍ଷ ଓ ପ୍ରତିପକ୍ଷଙ୍କ ଜବାବ ମାନ୍ୟବର କୋର୍ଟ ଶୁଣିଥିଲେ । ସେତେବେଳର ବିଜେତା ପ୍ରାର୍ଥୀ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ସୁବାସିନୀ ଜେନାଙ୍କ ବ୍ୟତୀତ ପ୍ରତିପକ୍ଷର ୧୭ଜଣ ଏବଂ ପକ୍ଷ ୨ଜଣ ତଥା ସେତେବେଳର ସଂପାଦକ ଥିବା ଡା. କୁମାର ଗୋପାଳ ନିଜ ନିଜର ସାକ୍ଷ୍ୟ ରଖିଥିଲେ । ଜୁଲାଇ ୨୫ରେ କୋର୍ଟ ତାଙ୍କ ରାୟରେ ସେତେବେଳେ ହୋଇଥିବା କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ମନୋନୟ ପ୍ରକ୍ରିୟା ଆଇନ ସମ୍ମତ ନୁହେଁ, ଏହା ଅବୈଧ ବୋଲି ତାଙ୍କ ରାୟରେ ଦର୍ଶାଇଛନ୍ତି । ରାୟର ଦସ୍ତାବିଜ ହସ୍ତଗତ ହେବା ପରେ ଡ. କାଳୀପଦ ପଣ୍ଡା, ଡ. ରାଧାରଂଜନ ପଟ୍ଟନାୟକ ଏବଂ ମାମଲା ଲଢୁଥିବା ଆଡଭୋକେଟ ବିଜୟ କୁମାର ପାଣିଗ୍ରାହୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେମାନଙ୍କ ସୂଚନା ଅନୁଯାୟୀ ପରିଷଦର ଥିବା ନିଜସ୍ୱ ସମ୍ବିଧାନକୁ ଉଲ୍ଲଙ୍ଘନ କରାଯାଇ ସେତେବେଳେ ଯେଉଁ କାର୍ଯ୍ୟନିର୍ବାହୀ ସମିତିର ୧୨ଜଣ ସଦସ୍ୟଙ୍କୁ ସାତଜଣ କର୍ମକର୍ତ୍ତା ମନୋନୟନ କରିଥିଲେ ତାହା ସମ୍ବିଧାନ ବିରୋଧୀ ଥିବାରୁ କୋର୍ଟ ସେହି ୧୨ଜଣଙ୍କ ମନୋନୟନକୁ ଆଇନ ସମ୍ମତ ନୁହେଁଏ ଏଣୁ ଏହା ଅବୈଧ ବୋଲି ଦର୍ଶାଇଛନ୍ତି । ସେତେବେଳେ କାର୍ଯ୍ୟନିର୍ବାହୀ ସଦସ୍ୟ ରହିଥିଲେ । ରଂଜନ କୁମାର ବାଗ, ଚୌଧୁରୀ ସତ୍ୟବ୍ରତ ନନ୍ଦ, ହରିଶ୍ଚନ୍ଦ୍ର ବେହେରା, ଶିରୀଷ ଚନ୍ଦ୍ର ଜେନା, ନିବାରଣ ଜେନା, ସୁକାନ୍ତ ଗିରି, ବିଷ୍ଣୁ ପ୍ରସାଦ ମହାନ୍ତି, ସ୍ମୃତି ଦାସ, ଭାଗବତ ପ୍ରସାଦ ଦାସ, ଶ୍ରୀମତୀ ଅଞ୍ଜଳି ପଣ୍ଡା, ରାଜେଶ ଗିରି ଏବଂ ସୁବାସିନୀ ଜେନା ।

### ଝାଡ଼ଖଣ୍ଡର ପୂର୍ବତନ...

ଗତ ମାସରେ ଷ୍ଟ୍ରୋକ ହେବା ପରେ ତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା ଏବଂ ସେ ଲାଇଫ ସପୋର୍ଟରେ ଥିଲେ। 'ଦିଶୁମ ଗୁରୁ' ନାମରେ ତାଙ୍କ ସମର୍ଥକମାନଙ୍କ ମଧ୍ୟରେ ସେ ଖୁବ୍ ପରିଚିତ ଥିଲେ। ଶିବୁ ସୋରେନ ଭାରତୀୟ ରାଜନୀତିରେ ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଥିଲେ। ସେ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ଭାବେ ତିନିଥର ଏବଂ କେନ୍ଦ୍ରୀୟ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଜେଏମଏମର ଜଣେ ପ୍ରମୁଖ ଆଦିବାସୀ ନେତା ଭାବେ ସେ ପ୍ରାୟ ଚାରି ଦଶନ୍ଧି ଧରି ଦଳ ନେତୃତ୍ୱ ନେଇଥିଲେ।

### ନିର୍ବାଚନ ପୂର୍ବରୁ ନୀତିଶ...

ଏହାପୂର୍ବରୁ ଭୋଟରଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ପାଇଁ ବିଜେପି ଭରସାରେ ମୁଖ୍ୟମନ୍ତ୍ରୀ ହୋଇଥିବା ଜେଡିୟୁ ସୁପ୍ରିମୋ ନୀତୀଶ କୁମାର କୌଣସି ସୁଯୋଗ ହାତ ଛଡ଼ା କରୁ ନାହାନ୍ତି। ଲୋକଙ୍କୁ ନିଜ ସପକ୍ଷରେ ଆଣିବା ପରେ ସେ ଗୋଟିଏ ପରେ ଗୋଟିଏ ବଡ଼ ଘୋଷଣା କରି ଚାଲିଛନ୍ତି। ଏହିକ୍ରମରେ ନୀତୀଶ କୁମାର ମାଗଣା ବିଜୁଳି ସମ୍ପର୍କରେ ଘୋଷଣା କରିଛନ୍ତି। ଆସନ୍ତା ଅଗଷ୍ଟ ୧ ତାରିଖରୁ ରାଜ୍ୟ ସରକାର ବିହାରବାସୀଙ୍କୁ ୧୨୫ ୟୁନିଟ ଯାଏ ମାଗଣା ବିଜୁଳି ଦେବେ ବୋଲି ନୀତୀଶ କୁମାର କହିଥିଲେ । ମାଗଣା ବିଜୁଳି ଦ୍ୱାରା ରାଜ୍ୟର ୧.୬୭ କୋଟି ପରିବାର ଲାଭବାନ ହେବେ।

### ଟ୍ରମ୍ପଙ୍କ ଭାରତକୁ ଟାର୍ଗେଟ...

ଟ୍ରମ୍ପ ଏହାକୁ ଏକ ପ୍ରକାର 'ଚତୁର' କାରବାର ବୋଲି ବର୍ଣ୍ଣନା କରିଛନ୍ତି । ଏହା ପୂର୍ବରୁ ତାଙ୍କର ବରିଷ୍ଠ ପରାମର୍ଶଦାତା ଷ୍ଟିଫେନ୍ ମିଲର୍ ମଧ୍ୟ ସମାନ ଅଭିଯୋଗ ଆଣି କହିଥିଲେ ଯେ ଭାରତ ଋଷରୁ ତେଲ କିଣି ୟୁକ୍ରେନ ଯୁଦ୍ଧ ପାଇଁ ପରୋକ୍ଷରେ ଅର୍ଥ ଯୋଗାଉଛି । ଯଦିଓ ଟ୍ରମ୍ପଙ୍କ ଏହି ମନ୍ତବ୍ୟ ଉପରେ ଭାରତ ସରକାରଙ୍କ ପକ୍ଷରୁ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ଆସିନାହିଁ । ତେବେ ପୂର୍ବରୁ ଭାରତ ଏହି ପ୍ରସଙ୍ଗରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିସାରିଛି । ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ବାରମ୍ବାର କହିଛନ୍ତି ଯେ ଭାରତ ନିଜର ଜାତୀୟ ସ୍ୱାର୍ଥ ଏବଂ ଶକ୍ତି ସୁରକ୍ଷାକୁ ପ୍ରାଥମିକତା ଦେଇ ଏହି ନିଷ୍ପତ୍ତି ନେଉଛି ।

### ଏଫଏମ ଛାତ୍ରୀ ...

ଏସସିବିରୁ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। କ୍ରାଇମବ୍ରାଞ୍ଚ ମାମଲାର ତଦନ୍ତ କରି ଦୁଇ ଛାତ୍ରଙ୍କ ବିରୋଧରେ ପ୍ରମାଣ ପାଇଥିବା କୁହାଯାଉଛି। ଗତକାଲି ରାତି ପ୍ରାୟ ସାଢେ ୧୧ଟାରେ ଗିରଫ ପରେ ଉଭୟଙ୍କୁ ଏସଡିଜେଏମ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ୧୫ ଦିନ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ପୂର୍ବରୁ ମାମଲାରେ କଲେଜର ବିଏଡ ମୁଖ୍ୟ ସମୀର ସାହୁ, କଲେଜ ଅଧ୍ୟକ୍ଷ ଦିଲ୍ଲୀପ ଘୋଷ ଗିରଫ ହୋଇଥିଲେ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ଓଡ଼ିଶାରେ ନିର୍ମିତ ଚତୁର୍ଦ୍ଧା ମୂର୍ତ୍ତିଙ୍କ ବିଗ୍ରହରେ ରହିଛି ସ୍ୱତନ୍ତ୍ର ଆକର୍ଷଣ : ତୁଷାର

ଉଦଳା , ୦୪/୮ (ନି.ପ୍ର): ଉଦଳା ସହରର ୱାର୍ଡ଼ ନଂ-୮ (ମେଣ୍ଢାଖାଇ)ର ବାସିନ୍ଦା ସ୍ୱର୍ଗତଃ ବିରଂଚି ନାରାୟଣ ମହାନ୍ତିଙ୍କ କନିଷ୍ଠ ପୁତ୍ର ତୁଷାର ଜଣେ ମୂର୍ତି କାରିଗର ଭାବରେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ଲିମ୍ବ କାଠରେ ସେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ବିଗ୍ରହ ନିର୍ମାଣ କାମରେ ସମୟ ବିତାଇଥାନ୍ତି । ଏପରିକି ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସବୁଠାରୁ ଛୋଟ ବିଗ୍ରହ ତିଆରି କରି ଇଟଂରନ୍ୟାସନାଲ ବୁକ ଅଫ ରେକର୍ଡ଼ରେ ସ୍ଥାନ ପାଇଛନ୍ତି । ଏହିଭଳି ଭାବରେ ସେ ବିଭିନ୍ନ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ମଧ ହୋଇଛନ୍ତି । ଖବର ନେବାରୁ ଜଣାଯାଇଛି ତୁଷାରଙ୍କ ବଡ଼ବାପା ସ୍ୱର୍ଗତଃ ରବିନାରାୟଣ ମହାନ୍ତି ଥିଲେ ଜଣେ ମୂର୍ତି କାରିଗର । ତୁଷାର କୁହନ୍ତି ବଡ଼ବାପା ରବିନାରାୟଣଙ୍କ ପ୍ରେରଣା ହିଁ ମୋତେ ଆଜି ଏତେବାଟ ଆଗେଇ ନେଇଛି । ତାଙ୍କଠାରୁ ହିଁ ମୁଁ ଏହି କାରିଗରି ବିଦ୍ୟା ହାସଲ କରିଛି । ଓଡ଼ିଶାରେ ଓଡ଼ିଆ କାରିଗରଙ୍କ ଦ୍ୱାରା ନିର୍ମିତ ହେଉଥିବା ଚତୁର୍ଦ୍ଧା ମୂର୍ତିର ଚାହିଦା ଅନ୍ୟ ରାଜ୍ୟ ମାନଙ୍କରେ ବହୁ ଅଧିକ ଥିବାର ଦେଖିବାକୁ ମିଳେ । ସେହିପରି ବିଦେଶରେ ମଧ ଓଡ଼ିଶା ନିର୍ମିତ ଚତୁର୍ଦ୍ଧା ମୂର୍ତିର ରହିଛି ସ୍ୱତନ୍ତ୍ର ଆକର୍ଷଣ । ଏକଥା ତୁଷାର ଗଣମାଧ୍ୟମକୁ ଜଣାଇବା ସହ ଆଗାମି ଦିନରେ ମହାପ୍ରଭୁଙ୍କ ବିଗ୍ରହ ନିର୍ମାଣ କରୁଥିବା ସମସ୍ତ ଓଡ଼ିଆ କାରିଗର ମାନଙ୍କୁ ଗୋଟିଏ ମଂଚରେ ଏକତ୍ରିତ କରାଇବା ପାଇଁ ସରକାରଙ୍କୁ ଅନୁରୋଧ ଜଣାଇଛନ୍ତି । ଏହାଦ୍ୱାରା ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହେବ ବୋଲି ସେ କହିଛନ୍ତି । ତୁଷାରଙ୍କ ଏଭଳି ପ୍ରସ୍ତାବକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିବାର ଜଣାଯାଇଛି ।




# ଅଧ୍ୟାପକ ବୃନ୍ଦାବନ ଦାସଙ୍କୁ ବିଦାୟ ସମ୍ବର୍ଦ୍ଧନା




ଡେରାବିଶ, ୦୪/୮ (ନି.ପ୍ର): ଡେରାବିଶ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଅଧ୍ୟାପକ ବୃନ୍ଦାବନ ଦାସ ଅବସର ଗ୍ରହଣ କରିଛନ୍ତି । ଏହି ଉପଲକ୍ଷେ ଇଂରାଜୀ ବିଭାଗର ଅଧ୍ୟାପକ ତଥା ଆଇକ୍ୟୁଏସି ସଂଯୋଜକ ଶ୍ରୀ ବିଶ୍ୱଜିତ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଚନ୍ଦ୍ରଶେଖର ନାୟକ ମୁଖ୍ୟଅତିଥି ଭାବେ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଶ୍ରୀ ଲୋକନାଥ ଗିରି , ଅଶ୍ୱିନୀ କୁମାର ପୃଷ୍ଟି , ଶାନ୍ତନୁ କୁମାର ମାଟି, ବିକ୍ରମ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀ ଦାସ ଦୀର୍ଘ ୩୩ ବର୍ଷର ଅଧ୍ୟାପନା ଜୀବନରେ ନିଜର କର୍ତ୍ତବ୍ୟନିଷ୍ଠା , ଶୃଙ୍ଖଳା ଓ ଛାତ୍ରବତ୍ସଳତା ପାଇଁ ସମସ୍ତଙ୍କର ପ୍ରିୟଭାଜନ ହୋଇଥିଲେ । ସେ ଓଡିଆ ସାହିତ୍ୟର ଜଣେ ଆଗଧାଡିର କବି । ଅଧ୍ୟାପନା ସହିତ ସାହିତ୍ୟ ସାଧନାରେ ନିମଗ୍ନ ହୋଇ ସେ ଅନେକ କବିତା ପୁସ୍ତକ ରଚନା କରିଛନ୍ତି । ବିଭିନ୍ନ ପତ୍ରପତ୍ରିକାରେ ତାଙ୍କର ଲେଖା ନିୟମିତ ପ୍ରକାଶ ପାଇ ଆସୁଛି । ଅଦ୍ୟାବଧି ତାଙ୍କର ଛଅ ଖଣ୍ଡ କବିତା ସଂକଳନ ପ୍ରକାଶିତ ହୋଇ ଓଡିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ନଗେନ୍ଦ୍ରନାଥ ପାଣି, ଗୁରୁଚରଣ ସେଠୀ, ଡ. ପ୍ରଜ୍ଞା ପଟ୍ଟନାୟକ, ସଞ୍ଜୟ କୁମାର ମିଶ୍ର , ଡ. କିଶୋର କୁମାର ବେଦାନ୍ତ , ରଘୁନାଥ ସାହୁ, ଡ. ସନ୍ଦୀପ ବଳ, ଡ. କିଶୋର ଚନ୍ଦ୍ର ମଲ୍ଲିକ, ଡ. ଶଶିକାନ୍ତ ମଲ୍ଲିକା ଏବଂ ଡେମୋନଷ୍ଟ୍ରେଟର ଶରତ ଚନ୍ଦ୍ର ରାଉତ , ଭକ୍ତି ପ୍ରସାଦ ରଥ, କ୍ୟାସିଅର ହୃଶିକେଶ ଦାସ ଓ ଅଫିସ ସହାୟକ ବିଧୁଭୂଷଣ ଦାସ ବିଦାୟୀ ଅଧ୍ୟାପକଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ସୁଭାଷିନୀ ମିଶ୍ର ଅତିଥି ପରିଚୟ ଓ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ବିଶ୍ୱଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କର୍ମଚାରୀ ବାନାମ୍ବର ମଲ୍ଲିକ ସହଯୋଗ କରିଥିଲେ ।

# ପାଉଁଶ ନିଷ୍କାସନ ପାଇଁ ଆସିବ ଏସଓପି

ଭୁବନେଶ୍ୱର, ୦୪/୮ (ନି.ପ୍ର): ପାଉଁଶ ନିଷ୍କାସନ ପାଇଁ ଚଳିତ ସପ୍ତାହରେ ନୂଆ ଏସଓପି ଜାରି କରିବେ ରାଜ୍ୟ ସରକାର । ନୂଆ ଏସଓପି ତିଆରି ହୋଇଥିବା ନେଇ ସୂଚନା ଦେଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ପାଉଁଶ ପୋଖରୀ ବାବଦରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସଂସ୍ଥା ମାନଙ୍କ ସହ ଆଲୋଚନା କରୁଛନ୍ତି ରାଜ୍ୟ ସରକାର । ଗାଁ ଭିତରେ ପାଉଁଶ ପୋଖରୀ ନକରିବା, ପାଉଁଶ ପୋଖରୀ ତଳେ ଜନବସତି ନରହୁ, ପାଉଁଶ ପୋଖରୀ ପାଇଁ ଲୋକ ଯେମିତି ବାସଚ୍ୟୁତ ହେବେ ନାହିଁ, ଟ୍ରକ୍ ମାଧମରେ ପାଉଁଶ ପରିବହନ ନକରି ପାଇପ ଯୋଗେ ସ୍ଲରିରେ ପରିଣତ କରି ଜନବସତି ନଥିବା ସ୍ଥାନ ଯାଏଁ ନେବା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ । ଏହାଦ୍ୱାରା ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ବାହାରୁଥିବା ପାଉଁଶ ସଠିକ୍ ଭାବେ ନିଷ୍କାସନ ହୋଇପାରିବ । ଏହାଦ୍ୱାରା ବାୟୁ ମଣ୍ଡଳ ପ୍ରଦୂଷଣ କମିବା ସହ ଲୋକ ମଧ ହଇରାଣ ହେବେ ନାହିଁ । ଏ ନେଇ ତାପଜ ବିଦ୍ୟୁତ୍ ଉତ୍ପାଦନ କରୁଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସଂସ୍ଥା ସହ ଆଲୋଚନା ଚାଲିଛି । ଏନଏଲସି କମ୍ପାନୀ ତୋଲାବିରାରେ ପାଉଁଶ ପୋଖରୀ ପାଇଁ ପ୍ରସ୍ତାବ ଦେଇଛି । ଜିଲ୍ଲା ପ୍ରଶାସନ ସହ ଆଲୋଚନା କରି ମାସେ ଭିତରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ । ଜନବସତି ନଥିବା ଦୂର ଜାଗାରେ ସ୍ଥାନ ନିରୂପଣ କରି ପାଇପ ପାଇପ ମାଧମରେ ପାଉଁଶ ନିଷ୍କାସନ କରିବାକୁ କହିଛନ୍ତି ମନ୍ତ୍ରୀ । କୋଇଲାରୁ ତାପଜ ବିଦ୍ୟୁତ ଉତ୍ପାଦନ ହେଉଥିବା ଯୋଗୁଁ ପାଉଁଶ ଦ୍ୱାରା ୪ଟି ଜିଲ୍ଲା ପ୍ରଭାବିତ ହେଉଛି।

# କୁମ୍ଭାରୀ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ଏକାଦଶାହରେ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ବସ୍ତା ବିଧାୟିକା



ବାଲିଆପାଳ, ୦୪/୮ (ନି.ପ୍ର): ବାଲିଆପାଳ ବ୍ଲକ କୁମ୍ଭାରୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ସ୍ୱର୍ଗତଃ ଚନ୍ଦ୍ର ମୋହନ ଦେଙ୍କ ଏକାଦଶାହରେ ଶନିବାର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗ ଦେଇ ସ୍ୱର୍ଗତଃ ଦେଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ ଅନ୍ୟମାନଙ୍କ ମଧରେ ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ଶିକ୍ଷାବିତ୍ ଭାଗୀରଥ ଗିରି, ପଞ୍ଚାୟତ ସଭାପତି ପ୍ରଭାକର ଜେନା, ଲକ୍ଷ୍ମୀଧର ସେଠୀ, ବରେନ୍ଦ୍ର ପାଳ, ଅରୁଣ ମହାପାତ୍ର, ସୁଶୀଲ କୁମାର ଦେ, ଅନିଲ କୁମାର ଦେ, ସୁନିଲ କୁମାର ଦେ ପ୍ରମୁଖ ବହୁ ବ୍ୟକ୍ତିଙ୍କ ସମେତ ଗ୍ରାମବାସୀମାନେ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ପରିବାର ବର୍ଗ, ଆତ୍ମୀୟ ସ୍ୱଜନ ଓ ବନ୍ଧୁ ବାନ୍ଧବମାନେ ଉପସ୍ଥିତ ଥିଲେ।

# ଯୌତୁକ ପାଇଁ ବୋହୂଙ୍କୁ ମାରିଦେଇଥିବା ଅଭିଯୋଗ

ଭୁବନେଶ୍ୱର, ୦୪/୮ (ନି.ପ୍ର): ଯୌତୁକ ପାଇଁ ବୋହୂଙ୍କୁ ମାରିଦେଇଥିବା ଅଭିଯୋଗ । ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅଧୀନ ବରିମୁଣ୍ଡ ଗାଁରେ ଅଭାବନୀୟ ଘଟଣା ଓ ରଶ୍ମିତା ସ୍ୱାଇଁଙ୍କୁ ଶ୍ୱଶୁର ଘର ଲୋକ ଯୌତୁକ ମାରିଦେଇଥିବା ଅଭିଯୋଗ ହୋଇଛି । ୯ ବର୍ଷ ତଳେ ଭଲ ପାଇ ବିବାହ କରିଥିଲେ ଓ ବାରମ୍ବାର ଯୌତୁକ ପାଇଁ ଘର ଲୋକଙ୍କୁ ଚାପ ପଡୁଥିବା ଅଭିଯୋଗ ହୋଇଛି । ଝିଅକୁ ମୋବାଇଲ ଧରାଇ ଦେଉ ନଥିଲେ, ହଠାତ ଖବର ଦେଲେ ଝିଅ ହସ୍ପିଟାଲରେ ଅଛି, ଦେଖିଲା ବେଳକୁ ଝିଅ ନାହିଁ ବୋଲି ରଶ୍ମିତାଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି ।

# ବାବା ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ଲକ୍ଷାଧିକ କାଉଡ଼ିଆଙ୍କ ଜଳଲାଗି



ନୀଳଗିରି, ୦୪/୮ (ନି.ପ୍ର): ପବିତ୍ର ଶ୍ରାବଣମାସର ଚତୁର୍ଥ ସୋମବାର ଅବସରରେ ରାଜ୍ୟର ବିଭିନ୍ନ ଶୈବପୀଠ ଗୁଡ଼ିକରେ କାଉଡ଼ିଆଙ୍କ ପ୍ରବଳ ଭିଡ଼ ହୋଇଉଠିଥିଲା ବେଳେ ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ପୀଠ କାଉଡିଆ ଭକ୍ତଙ୍କ ବୋଲବମ୍ ହରହର ବମ୍, ଭୋଲାବାବା ପାର କରେଗା ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା। ରାଜ୍ୟଏବଂ ରାଜ୍ୟବାହାରୁ ହଜାର ହଜାର କାଉଡ଼ିଆମାନେ ବଡ଼ ଉତ୍ସାହର ସହ ବିଭିନ୍ନ ନଦୀ ବିଶେଷକରି ବାଲେଶ୍ୱର ସ୍ଥିତ ବାଲିଘାଟ, ନୀଳଗିରିର କାଠପାଳ, ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ସୋନ ନଦୀରୁ ରିତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ଜଳଭାର ନେଇ ଚାଲିଚାଲି ଆସିବା ସହ ୨୬୩ଟି ପାହାଚ ଚଢ଼ି ରବିବାର ରାତ୍ରୀ ୧୨ଟା ପରଠାରୁ ମହାଦେବଙ୍କୁ ଜଳାଭିଷେକ କରିଛନ୍ତି। ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ନୀଳଗିରି ନିକଟ ଦେବଗିରି ପର୍ବତମାଳାର ଅଂଶବିଶେଷର ଏକ ଚିରସ୍ରୋତା ଝରଣାର ପଥରଖୋଲ ମଧରେ ଆବିର୍ଭୂତ ହୋଇଥିବା ପାଞ୍ଚଟି ଲିଙ୍ଗଙ୍କୁ ବାବା ପଞ୍ଚଲିଙ୍ଗେଶ୍ୱର ନାମରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଆସୁଛନ୍ତି। ଚିରସ୍ରୋତା ଝରଣାର କୁଳୁକୁଳୁ ନାଦ ଓ ନୀରଶଯ୍ୟାରେ ବିଜେ ମହାଦେବଙ୍କୁ ସ୍ପର୍ଶ କରି ବିଭୋର ହୋଇଥିଲେ ଭକ୍ତ। ପାଞ୍ଚ ଲିଙ୍ଗଙ୍କୁ ସ୍ପର୍ଶ କରିବାର ସୁଯୋଗ ଥିବାରୁ ବିଶ୍ୱାସ ଅଛି ପାଞ୍ଚଟି ଶୈବପୀଠରେ ପୂଜାକଲେ ଯେଉଁ ପୁଣ୍ୟମିଳିଥାଏ ପଞ୍ଚଲିଙ୍ଗେଶ୍ୱରଙ୍କୁ ଦର୍ଶନ ଓ ସ୍ପର୍ଶକଲେ ସମାନ ପୁଣ୍ୟମିଳିଥାଏ । ଏହି ଜଳାଭିଷେକ ପର୍ବରେ ପଞ୍ଚଲିଙ୍ଗେଶ୍ୱରକୁ ସଂଯୋଗ କରୁଥିବା ରାସ୍ତା ଶେରଗଡ଼ରୁ ନୀଳଗିରି, ଝରଣଘାଟିରୁ ନୀଳଗିରି , ମିତ୍ରପୁରରୁ ନୀଳଗିରି ଏବଂ ସନ୍ତରାଗଡ଼ିଆ ରାସ୍ତାରେ କାଉଡିଆଙ୍କ ଲମ୍ବାଧାଡ଼ି ସହ ବହୁସ୍ଥାନରେ ରାସ୍ତା ପାର୍ଶ୍ୱରେ କାଉଡିଆଙ୍କ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଷ୍ଟଲ କରି ପିଇବାପାଣି ଠାରୁ ଆରମ୍ଭକରି ପ୍ରସାଦ ଆଦି ବଣ୍ଟନ କରୁଥିବାର ଦେଖିବାକୁ ମିଳିଥିଲା। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ହଜାର ହଜାର ଭକ୍ତଙ୍କ ସମାଗମକୁ ଆଖିଆଗରେ ରଖି ପଞ୍ଚଲିଙ୍ଗେଶ୍ୱର ଟ୍ରଷ୍ଟବୋର୍ଡ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥାଗ୍ରହଣ କରାଯାଇଥିବା ବେଳେ ପୋଲିସ ପ୍ରଶାସନ ତରଫରୁ ଭିନ୍ନଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯାଇ ଶୃଙ୍ଖଳାବ୍ୟବସ୍ଥା କରାଯାଇଥିଲା।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର, ୦୪/୮ (ନି.ପ୍ର): ସ୍ଥାନୀୟ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ ଓ ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ୧୬୪ ଜଣ ଅଭିଯୋଗକାରୀ ନିଜ ନିଜ ନାମ ପଞ୍ଜିକରଣ କରି ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରି ଥିଲେ। ସେଗୁଡିକ ମଧ୍ୟରୁ ୧୪୭ ଗୋଟି ବ୍ୟକ୍ତିଗତ, ୦୯ ଗୋଟି ସାମୁହିକ, ୦୮ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଦରଖାସ୍ତ ପ୍ରଦାନ କରିଥିଲେ। ତନ୍ମଧ୍ୟରୁ ୧୮ ଗୋଟି ଦରଖାସ୍ତର ଆଶୁ ସମାଧାନ କରିଥିଲେ।ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼. ପ୍ରଭାତ କୁମାର ବେହେରା, ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

# ଅଭିଯୋଗ ଶୁଣିଲେ ବିଏମସି କମିଶନର ଚଂଚଳ ରାଣା

ଭୁବନେଶ୍ୱର, ୦୪/୮ (ନି.ପ୍ର): ବିଏମସି କମିଶନର ଭାବେ ଯୋଗ ଦେବା ପରେ ପ୍ରଥମ ଥର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ କରିଛନ୍ତି କମିଶନର ଚଂଚଳ ରାଣା। ଲୋକଙ୍କର ବିଭିନ୍ନ ପ୍ରକାରର ସମସ୍ୟା ଶୁଣିବା ସହ ପୂରଣ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସେ କହିଛନ୍ତି ଡ୍ରେନେଜ, ଜବରଦଖଲ ଉଚ୍ଛେଦ, ଭତା, ଜଳବନ୍ଦୀ ଆଦି ବିଭିନ୍ନ ସମସ୍ୟା ତା ସହ ବେଆଇନ ନିର୍ମାଣ ଆଦି ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଯେଉଁ ଗୁଡିକ ଦିନେ ଦୁଇ ଦିନ ଭିତରେ ସମାଧାନ ସମ୍ଭବ ତାହା କରିବୁ ଅନ୍ୟ ଗୁଡ଼ିକ ମଧ ତୁରନ୍ତ ସମାଧାନ ପାଇଁ ଚେଷ୍ଟା କରିବୁ। କିଛି ବସ୍ତି ଲୋକ ଆସିଥିଲେ ଯେଉଁମାନଙ୍କୁ ସରକାରୀ ଯୋଜନା ଅନୁସାରେ ସୁବିଧା ଦିଆଯିବ। ତା ସହ କିଛି ବସ୍ତି ଲୋକଙ୍କୁ ଚିହ୍ନଟ କରାଯାଇଛି ଆଗାମୀ ଦିନରେ ସେମାନଙ୍କୁ ଥଇଥାନ କରାଯିବ।

# ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ



ଖୋର୍ଦ୍ଧା, ୦୪/୮ (ନି.ପ୍ର): ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପ୍ରଶାସନ ପକ୍ଷରୁ ଜିଲ୍ଲା ସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣକ୍ଷଣି ଶିବିର ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲାପାଳ ଶ୍ରୀ ଅମ୍ରିତ୍ ଋତୁରାଜଙ୍କ ଅଧକ୍ଷତାରେ ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ସକ୍ଷଗରିକା ନାଥ, ବନଖଣ୍ଡ ଅଧିକାରୀ, ଖୋର୍ଦ୍ଧା, ଶ୍ରୀ ଲାଡେ ଗଜାନନ୍ ଦୟାନନ୍ଦ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ଜ୍ୟୋତି ଶଙ୍କର ସାହୁ , ଉପ ଜିଲ୍ଲାପାଳ ଶ୍ରୀ କିଶୋର କୁମାର ପଣ୍ଡା, ଡେପୁଟି କଲେକ୍ଟର , ଜରୁରୀ, ଶ୍ରୀତପା ମିଶ୍ର,ସହକାରୀ ଜିଲ୍ଲାପାଳ, ଅଭିଯୋଗ, ଭୁବନେଶ୍ୱରୀ କଅଁର ଯୋଗଦେଇଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୧୧୨ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୧୦୩ ଗୋଟି ଅଭିଯୋଗ ବ୍ୟକ୍ତିଗତ ଏବଂ ୦୯ ଗୋଟି ଅଭିଯୋଗ ଗ୍ରାମୀଣ ସମସ୍ୟା ଜନିତ ଥିଲା । ସମସ୍ତ ଅଭିଯୋଗ ଗୁଡ଼ିକୁ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରାଯାଇ ସେଗୁଡିକୁ ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜରୁରୀ ସ୍ୱାସ୍ଥ୍ୟ ସେବା ଜନିତ ୦୨ଜଣ ଅଭିଯୋଗ କାରୀଙ୍କ ଦରଖାସ୍ତକୁ ବିଚାର କରାଯାଇ ସ୍ୱାସ୍ଥ୍ୟ ଚିକିତ୍ସା ନିମନ୍ତେ ନିରଞ୍ଜନ ସାମଲ, ବିର ଭୁଆସୁଣୀ, ବଡକୁମାରୀ ଗ୍ରାମ ପଞ୍ଚାୟତ, ଖୋର୍ଦ୍ଧା ଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୦ ହଜାର ଏବଂ ମନୋରମା ଭୂୟାଁ, ସାନପଲା, ଖୋର୍ଦ୍ଧାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ୧୦ ହଜାର ଚିକିତ୍ସା ନିମନ୍ତେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ ପ୍ରଦାନ କରିଥିଲେ। ଜନଶୁଣାଣି ଶିବିରରେ ଅନ୍ୟ ମାନଙ୍କ ମଧରେ, ଅଧିକ୍ଷଣ ଯନ୍ତ୍ରୀ, ପୂର୍ତ୍ତ,ଇଂ ଶିବ ଲାଲ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ,ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ରବି ନାରାୟଣ ସେନାପତି,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ହିଆଳ , ନିର୍ବାହୀ ଅଧିକାରୀ, ଖୋର୍ଦ୍ଧା ପୌର ପରିଷଦ ରିଜ୍ୱାନା କାକ୍ୱାବ, ମଣ୍ଡଳ ଉନ୍ନୟନ ଅଧିକାରୀ, ଖୋର୍ଦ୍ଧା, ଶ୍ରୀମତୀ କ୍ଷୀରାବ୍ଧି ତନୟା ସାହୁ, ଜିଲ୍ଲା ପଂଚାୟତ ଅଧିକାରୀ ଶ୍ରୀ ଶ୍ୟାମଳେନ୍ଦୁ ନାୟକ , ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ, ଶ୍ରୀ ଜ୍ଞାନେନ୍ଦ୍ରିୟ ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ସୋନାମିକା ରାୟ , ଜିଲ୍ଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ଦାଶ , ମୁଖ୍ୟ ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀ ଡାକ୍ତର ରବି ପଟ୍ଟନାୟକ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳୀ ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ , ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ବାଣୀଶ୍ରୀ ପଟ୍ଟନାୟକ ଙ୍କ ସମେତ ବି ଡି ଓ ଏବଂ ତହସିଲଦାର ଓ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ ଡିପାର୍ଟମେଣ୍ଟ ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀ ମାନେ ଯୋଗ ଦେଇଥିଲେ।

# ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଶୁଣାଣୀ ଅନୁଷ୍ଠିତ: ମୋଟ ୨୬୧ଗୋଟି ଅଭିଯୋଗର ହେଲା ଶୁଣାଣି

ବାରିପଦା, ୦୪/୮ (ନି.ପ୍ର): ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ପୂର୍ବାହ୍ନ ୧୦ଘଟିକା ସମୟରେ ମୟୂରଭଞ୍ଜ ଜ୍ଲିଲ୍ଲା ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳ ଶ୍ରୀ ହେମ କାନ୍ତ ସୟ ଭା. ପ୍ର. ସେଙ୍କ ଅଧକ୍ଷତାରେ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଆରମ୍ଭ ହୋଇଥିଲା। ଉକ୍ତ ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପଲ୍ଲୀ,ଭା.ପୋ.ସେ., ଜ୍ଲିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଆଧୀକାରୀ ଶ୍ରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଇଶ୍ୱର ଚନ୍ଦ୍ର ନାଏକ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡ ର ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୨୬୧ଟି ଅଭିଯୋଗ ପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା । ଉକ୍ତ ୨୬୧ଗୋଟି ଅଭିଯୋଗ ମଧ୍ୟରୁ ୨୩୦ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ, ୩୧ଗୋଟି ସାମୁହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ୦୯ଟି ଆପତ୍ତିର ତତ୍କାଳ ସମାଧାନ ହୋଇଥିଲା। ଅଭିଯୋଗର ଗୁରୁତ୍ୱକୁ ବିଚାର କରି ଜିଲ୍ଲାପାଳ ୫ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୫,୦୦୦/- ଟଙ୍କା ଏବଂ ୪ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୨୫,୦୦୦/ -ଟଙ୍କା ମଂଜୁର କରିଛନ୍ତି। ଆଜିର ଜନ ଅଭିଯୋଗ ଶୁଣାଣୀରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସହଯୋଗ କରିଥିଲେ।

# ବାବା ନିଖିରେଶ୍ୱର ଶୈବପୀଠରେ ଜଳାଭିଷେକ କଲେ ଶହ ଶହ କାଉଡ଼ିଆ

ବାଲିଆପାଳ , ୦୪/୮ (ନି.ପ୍ର): ବାଲିଆପାଳ ବ୍ଲକର ସର୍ବ ପୁରାତନ ନିଖିରା ଗ୍ରାମରେ ଅବସ୍ଥିତ ସ୍ୱୟମ୍ଭୁ ବାବା ନିଖିରେଶ୍ୱର ଶୈବପୀଠରେ ଆଜି ଶ୍ରାବଣ ମାସର ସୋମବାର ଅବସରରେ ଶହ ଶହ ମାନସିକ ଧାରୀ ଶ୍ରଦ୍ଧାଳୁ ମହାଦେବଙ୍କ ନିକଟରେ ଜଳଲାଗି କରିଛନ୍ତି ପୁଣ୍ୟ ଅର୍ଜନ ପାଇଁ ବଢ଼ି ଭୋରୁ ବହୁ ଶ୍ରଦ୍ଧାଳୁ ମହିଳା,ପୁରୁଷ,କୁନି ଭକ୍ତ ପୂର୍ଣ୍ଣତୋୟା ସୁବର୍ଣ୍ଣରେଖା ନଦୀ ଠାରେ ପହଞ୍ଚିଥିଲେ । ସେଠାରେ ପୂଜାର୍ଚ୍ଚନା କରି ସୁବର୍ଣ୍ଣରେଖା ନଦୀରୁ ପାଣି ଭାର ଉଠାଇ ବାବା ନିଖିରେଶ୍ୱରଙ୍କ ନାମ ନେଇ ମନ୍ଦିର ନିକଟରେ ପହଞ୍ଚି ମନ୍ଦିରର ଚାରିପଟେ ଘୂରି ଥିଲେ । ଏହା ପରେ ସମସ୍ତେ ଶାନ୍ତି ଶୃଙ୍ଖଳାର ସହ ଧାଡ଼ିରେ ଯାଇ ମନ୍ଦିର ଭିତରକୁ ପ୍ରବେଶ କରି ବାବାଙ୍କ ନିକଟରେ ଜଳାଭିଷେକ କରିଥିଲେ 'ଦ' ଜୟ ବାବା ନିଖିରେଶ୍ୱରଦ' ଦ'ହର ହର ମହାଦେବଦ' ଧ୍ୱନିରେ ସମଗ୍ର ମନ୍ଦିର ପରିସର ପ୍ରକମ୍ପିତ ହୋଇ ଉଠିଥିଲା । ବାବା ନିଖିରେଶ୍ୱରଙ୍କୁ ଯିଏ ବି ଜଳଲାଗି କରିବେ, ତାଙ୍କ ମନସ୍କାମନା ପୂରଣ ହୁଏ ବୋଲି ଶ୍ରଦ୍ଧାଳୁ କାଉଡ଼ି ଭକ୍ତ କହିଛନ୍ତି ବାବା ନିଖିରେଶ୍ୱର ମନ୍ଦିର କମିଟି ପକ୍ଷରୁ ଜଳାଭିଷେକ କାର୍ଯ୍ୟକ୍ରମ ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

# ସମ୍ପତ୍ତି ଲୋଭରେ ଦିବ୍ୟାଙ୍ଗ ପୁଅକୁ ପିଟି ଲହୁଲୁହାଣ କଲେ ସାବତ ମା' ଓ ବାପା

ନୀଳଗିରି , ୦୪/୮ (ନି.ପ୍ର): ସମ୍ପତ୍ତି ଲୋଭରେ ଦିବ୍ୟାଙ୍ଗ ପୁଅକୁ ନିଜର ଜନ୍ମକଲା ବାପା ଓ ସାବତ ମା ପଥରରେ ମୁଣ୍ଡକୁ ଛେଚିବା ସହ ଠେଙ୍ଗାରେ ନିସ୍ତୁକ ମାଡମାରି ଜୀବନରୁ ମାରିଦେବାକୁ ଉଦ୍ୟମ । ଏନେଇ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି ଦିବ୍ୟାଙ୍ଗ ପୁଅ ଦୟାନିଧି ।ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନୀଳଗିରି ଥାନା ଅଧିନ ଶ୍ୟାମସୁନ୍ଦରପୁର ଗ୍ରାମର ମହାଳିକ ସାହିରେ ।ଉକ୍ତ ଗ୍ରାମର ଦିବ୍ୟାଙ୍ଗ ଦୟାନିଧି ମହାଳିକଙ୍କୁ ସାବତ ମା ରୀନାମଣି ମହାଳିକ ଓ ବାପା ଗୋବିନ୍ଦ ମହାଳିକ ସମ୍ପତ୍ତି ଲୋଭରେ ୨୨ ବର୍ଷ ହେବ ଅତ୍ୟାଚାର କରି ଆସୁଛନ୍ତି ।ଆଜି ତାଙ୍କୁ ଜୀବନରୁ ମାରିଦେବା ପାଇଁ ନିସ୍ତୁକ ମାଡ ମାରିଥିଲେ ।ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ ।ପରେ ଡାକ୍ତରୀ ପରୀକ୍ଷା କରିବାସହ ନ୍ୟାୟ ଆଶାରେ ଥାନାର ଦ୍ୱାରସ୍ଥ ହୋଇଥିଲେ ଦୟାନିଧି ।




❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida